




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ♦ISSUE-132 ♦SATURDAY ♦8 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୨ ♦ଶନିବାର ♦୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ରଙ୍ଗ ମାରିଲେ ବିକାଶ ହୁଏନି: ନବୀନ

## ୧୧ରେ ନୂଆପଡ଼ାବାସୀ ଦେବେ 'ବେଇମାନୀ'ର ଜବାବ୍







**ସାଧାରଣ ଲୋକଙ୍କୁ ନବୀନଙ୍କ ପ୍ରଶ୍ନ**

- ଆପଣମାନଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ମିଳିଛି କି ?
- ବୁଢ଼ାବୁଢ଼ୀମାନଙ୍କୁ ୩୫୦୦ ଟଙ୍କା ପେନ୍‌ସନ ମିଳିଛି କି ?
- ଚାଷୀଭାଇଙ୍କୁ ୟୁରିଆ ସାର ସରକାର ଦେଇପାରିଛନ୍ତି କି ?
- ଧାନ ବିକ୍ରିରେ କଟ୍‌ନୀଛଟ୍‌ନୀ ବନ୍ଦ ହୋଇପାରିଛି କି ?
- ଯୁବବର୍ଗଙ୍କୁ ସରକାରୀ ଚାକିରି ପ୍ରତିଶ୍ରୁତି ପୂରଣ ହୋଇଛି କି?

- ଅଟକିଛି ବିକାଶ କାର୍ଯ୍ୟ, ମିଛ ପ୍ରତିଶ୍ରୁତିରେ ଚାଲେ ନାହିଁ ସରକାର
- ୫୦୦ ଦିନରେ ଡବଲ୍ ଧୋକା ଦେଇଛି ଡବଲ୍ ଇଞ୍ଜିନ୍ ସରକାର
- ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟ ଜିତିପାରିବେ ନାହିଁ

■ **ନୂଆପଡ଼ା/ଭୁବନେଶ୍ୱର,୭।୧୧ (ସମିସ):** ଖାଲି ରଙ୍ଗ ମାରି ଦେଲେ ବିକାଶ ହୁଏ ନାହିଁ; ମିଛ ପ୍ରତିଶ୍ରୁତିରେ ସରକାର ଚାଲେ ନାହିଁ। ମିଛ କହି ସରକାର ଗଠନ କରିପାରନ୍ତି, ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟକୁ ଜିତି ପାରିବେ ନାହିଁ। ଶାସନ କରିବାର ୫୦୦ ଦିନ ମଧ୍ୟରେ ଡବଲ ଇଞ୍ଜିନ୍ ସରକାର ଲୋକଙ୍କୁ କେବଳ ଦେଇଛି ଧୋକା, ଧୋକା, ଡବଲ ଧୋକା। ଲୋକଙ୍କ ସହିତ, ବିଜେଡି ସହିତ ଓ ତାଙ୍କ ସହିତ କିପରି ବେଇମାନି କରାଯାଇଛି, ତାହା ନୂଆପଡ଼ାବାସୀ ଭଲ ଭାବେ ଜାଣନ୍ତି। ନୂଆପଡ଼ାର ଭୋଟରମାନେ ୧୧ ତାରିଖ ଦିନ ଏହାର ଜବାବ ଭୋଟରେ ଦେବେ। ଆଜି ନୂଆପଡ଼ାରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ଅବସରରେ ଶାସକ ବିଜେପିକୁ ଏପରି କଟାକ୍ଷ କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଖରିଆରରୋଡ଼ ଓ ନୂଆପଡ଼ା ଏନ୍‌ଏସିରେ ଆୟୋଜିତ ରୋଡ ଶୋ' ଓ ଜନସଭାରେ ବିଜୁ ଜନତା ଦଳ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଆଜି ଦିନିକିଆ ନୂଆପଡ଼ା ଗସ୍ତରେ ଯାଇ ସେଠାରେ ମାରାଥନ୍ ନିର୍ବାଚନ ପ୍ରଚାର କରିଥିଲେ। ଖରିଆର ରୋଡ୍ ଓ ନୂଆପଡ଼ାରେ ବିଶାଳ ରୋଡ ଶୋ'ରେ ଯୋଗଦେଇ ବିଜେଡି ▶ପୃଷ୍ଠା-୭

**ଏଟିସିରେ ବୈଷୟିକ ସମସ୍ୟା**

# ଦିଲ୍ଲୀରେ ୮୦୦ ବିମାନ ଉଡ଼ାଣ ବିଳମ୍ବିତ



**ବିମାନ ଲ୍ୟାଣ୍ଡିଂ-ଟେକ୍‌ଅଫ୍‌ର କାର୍ଯ୍ୟସୂଚୀ ମିଳୁନି**

**ଭୋପାଳ, ଚଣ୍ଡିଗଡ଼, ଅହମଦାବାଦରେ ମଧ୍ୟ ସମସ୍ୟା**

■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଦିଲ୍ଲୀ ବିମାନ ବନ୍ଦରରେ ଶୁକ୍ରବାର ୮୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ହୋଇଛି। ବିମାନ ବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପ୍ରଣାଳୀରେ ବୈଷୟିକ ତ୍ରୁଟି ଦେଖା ଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ବୈଷୟିକ ତ୍ରୁଟି କାରଣରୁ ଏଟିସିର ବିମାନ ଅବତରଣ ଓ ଉଡ଼ାଣ ନେଇ କାର୍ଯ୍ୟସୂଚୀ ମିଳିପାରୁନାହିଁ। ଗଣମାଧ୍ୟମଗୁଡ଼ିକର ସୂଚନା ଅନୁଯାୟୀ, ଏଟିସିର ଅଟୋମେଟିକ୍ ମେସେଜ ସୁଇଚ୍ ସିଷ୍ଟମ (ଏଏମ୍‌ଏସ୍‌ଏସ୍)ରେ ତ୍ରୁଟି ଦେଖିବାକୁ ମିଳିଛି। ଏଏମ୍‌ଏସ୍‌ଏସ୍ ବିମାନଗୁଡ଼ିକର ଟେକ୍‌ଅଫ୍ ଓ ଲ୍ୟାଣ୍ଡିଂ ନେଇ ସୂଚନା ପ୍ରଦାନ କରିଥାଏ। ଏଟିସି ଅଧିକାରୀମାନେ ପୂର୍ବରୁ ଉପଲବ୍ଧ ତଥ୍ୟକୁ ଆଧାର କରି ବିମାନଗୁଡ଼ିକର ଉଡ଼ାଣ ଓ ଅବତରଣ କାର୍ଯ୍ୟସୂଚୀ ସ୍ଥିର କରୁଛନ୍ତି। ଦିଲ୍ଲୀ ବିମାନ ବନ୍ଦରର ଏହି ସମସ୍ୟା ଦ୍ୱାର ଅନ୍ୟ ବିମାନ ବନ୍ଦରଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଦିଲ୍ଲୀରୁ ଅନ୍ୟ ବିମାନ ବନ୍ଦରକୁ ଯିବା ▶ପୃଷ୍ଠା-୭

# ୪୨ ଦିନରେ ୫୨ ଲକ୍ଷ ଗାଡ଼ି ବିକ୍ରି



■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଚଳିତବର୍ଷର ପାର୍ବଣ ଋତୁରେ ସାରା ଦେଶରେ ଯାନବାହାନ ବିକ୍ରିରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ଏହି ୪୨ ଦିନର ପାର୍ବଣରେ ୫୨ ଲକ୍ଷ ଗାଡ଼ି ବିକ୍ରି ହୋଇଛି। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା)ର ତଥ୍ୟ ଅନୁଯାୟୀ, ଏଥର ପାର୍ବଣ ଋତୁରେ ଖୁଚୁରା ଗାଡ଼ି ବିକ୍ରି ୨୧% ବୃଦ୍ଧି ପାଇ ୫୨, ୩୮, ୪୦୧ ୟୁନିଟ୍ ହୋଇଛି, ଯାହା ଗତ ବର୍ଷର ୪୩,୨୫,୬୩୨ ୟୁନିଟ୍ ତୁଳନାରେ ବହୁତ ଅଧିକ। ଅପରପକ୍ଷେ ଏହି ସମୟ ମଧ୍ୟରେ, ପାସେଞ୍ଜର ଗାଡ଼ି କ୍ଷେତ୍ରରେ ବିକ୍ରି ୨୩% ବୃଦ୍ଧି ପାଇ ୭,୬୬,୯୧୮ ୟୁନିଟ୍ ରହିଛି। ସେହିଭଳି ଦୁଇଚକିଆ ବିକ୍ରି ୨୨% ବୃଦ୍ଧି ପାଇ ୪୦,୫୨,୫୦୩ ୟୁନିଟ୍‌ରେ ପହଞ୍ଚିଛି। ▶ପୃଷ୍ଠା-୭

**ପୁଲିସ ଏସ୍‌ଆଇ ଚାକିରି ବିକ୍ରି କେଲେଙ୍କାରୀ**

# ଏସ୍‌ଆଇଟି ବୈଠକରେ ଉଦ୍‌ବେଗ

## ଅର୍ଥ କାରବାର ଉପରେ ଇଡି ନଜର ରଖିଛି: ଜଷ୍ଟିସ୍ ପଶାୟତ



■ **କଟକ, ୭।୧୧ (ସମିସ):** ଓଡ଼ିଶାରେ ପୁଲିସ ଏସ୍‌ଆଇ ଚାକିରି କେଲେଙ୍କାରୀ ସମେତ ଆଉ କେତେକ ପ୍ରସଙ୍ଗକୁ ନେଇ କଳାଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା(ଏସ୍‌ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଏଥିରେ ଅଧ୍ୟକ୍ଷତା କରି ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ଏହି କେଲେଙ୍କାରୀରେ ବିପୁଳ ଅର୍ଥ କାରବାର ହୋଇଥିବା ନେଇ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅବଗତ କରାଯାଇଛି। ଏଣୁ ଏହା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନଜର ରଖିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ଏହା ସମେତ ଆଉ କେତେକ ପରୀକ୍ଷା କେଲେଙ୍କାରୀ ତଥା ଓଟିଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଅଦ୍ୟାବଧି କ୍ରାଇମବ୍ରାଞ୍ଚ କରିଥିବା ତଦନ୍ତର ଷ୍ଟାଟସ୍ ରିପୋର୍ଟକୁ ▶ପୃଷ୍ଠା-୭

# ଶଙ୍କର, ସୁରେଶଙ୍କର ହେବ ମିଛଧରା ପରୀକ୍ଷା

■ **କଟକ, ୭।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି କେଲେଙ୍କାରୀର ମୁଖ୍ୟ ଅଭିଯୁକ୍ତ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରୁଛି। କିନ୍ତୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁନଥିବା ଜଣାଯାଇଛି। ବାରମ୍ବାର ବୟାନ ବଦଳାଇ ତଦନ୍ତକାରୀ ଅଧିକାରୀଙ୍କୁ ବିଭ୍ରାନ୍ତ କରୁଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚର ଚିନ୍ତା ବଢ଼ିଛି। ତେଣୁ ତା'ର ମିଛଧରା (ପଲିଗ୍ରାଫ୍) ପରୀକ୍ଷା କରି ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି। ଏନେଇ ଅନୁମତି ପ୍ରଦାନ ପାଇଁ ଖୁବ୍‌ଶୀଘ୍ର ଅଦାଲତଙ୍କୁ ଆବେଦନ କରାଯିବ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି ଯେ ▶ପୃଷ୍ଠା-୭

**ପୀତବାସ ହତ୍ୟା ମାମଲା: ବଢ଼ିଲା ବ୍ରହ୍ମପୁର ଏସ୍‌ପିଙ୍କ ଅଡୁଆ**

# ହାଇକୋର୍ଟରେ ସତ୍ୟପାଠ ସହ ହାଜର ନିର୍ଦ୍ଦେଶ

■ **କଟକ, ୭।୧୧ (ସମିସ):** ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ପକ୍ଷରୁ ଲିଖିତ ଜବାବ ଦାଖଲ କରାଯାଇଛି। କିନ୍ତୁ, ସତ୍ୟପାଠ ଜରିଆରେ ଆସନ୍ତା ୧୦ ତାରିଖ ସୁଦ୍ଧା ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ରହ୍ମପୁର ଏସ୍‌ପିଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବା ପାଇଁ କହିଛନ୍ତି। ମନୋଜ କୁମାର



ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ ▶ପୃଷ୍ଠା-୭

**ଅନାହାର ମୃତ୍ୟୁକୁ ନେଇ ୩ ସଂଗଠନର ତଥ୍ୟ ଅନୁସନ୍ଧାନ ରିପୋର୍ଟ**

# ଇ-କେୱାଇସି ନେଇଛି ରିସା ମାଙ୍କଡ଼ିଆଙ୍କ ଜୀବନ

- ଇ-କେୱାଇସି ହୋଇ ନ ଥିବାରୁ ମିଳି ନ ଥିଲା ଚାଉଳ
- ଆଧାର କାର୍ଡ ନ ଥିବାରୁ ହୋଇପାରି ନ ଥିଲା ଇ-କେୱାଇସି
- ବୟସ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିଲେ ରିସା
- ଏପ୍ରିଲ୍‌ରୁ ମିଳି ନ ଥିଲା ଚାଉଳ, ସନ୍ଦେହରେ ଶେଷ ଦୁଇ କିସ୍ତି

■ **ଭୁବନେଶ୍ୱର,୭।୧୧(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକରେ ଅନାହାରରେ ମୃତ୍ୟୁବରଣ କରିଥିବା ଆଦିମ ଜନଜାତି ସମ୍ପ୍ରଦାୟର (ପିଭିଟିଜି ) ୭୦ ବର୍ଷ ବୟସ୍କ ରିସା ମାଙ୍କିଡିଆ ମୃତ୍ୟୁ କେବଳ ରାଜ୍ୟ ସରକାରଙ୍କ ଇ-କେୱାସି ଯୋଗୁଁ ହିଁ ହୋଇଛି। ରିସା ମାଙ୍କିଡ଼ିଆଙ୍କର ଆଧାର କାର୍ଡ ନ ଥିବାରୁ ସେ ଇ-କେୱାଇସି କରିପାରି ନ ଥିଲେ। ତେଣୁ ତାଙ୍କୁ ଗତ ଏପ୍ରିଲ୍ ମାସଠାରୁ ଆଉ ଚାଉଳ ମିଳି ନଥିଲା। ତେଣୁ ସେ ଭିକମାଗି ବା ଅନ୍ୟର ଦୟାରେ ଚଳୁଥିଲେ। ମାତ୍ର ଖାଦ୍ୟାଭାବ ଯୋଗୁଁ ଗତ ୨୧ ଅକ୍ଟୋବରରେ ତାଙ୍କର ଜୀବନ ଯାଇଥିଲା। ଏହି ଅନାହାରରେ ମୃତ୍ୟୁ ପରେ ସିଭିଲ ସୋସାଇଟି ଫୋରମ୍ ଫର ହ୍ୟୁମାନ୍ ରାଇଟ୍ସ (ସିଏସଏଫଏଚଆର), ଓଡିଶା ଖାଦ୍ୟ ଅଧିକାର ଅଭିଯାନ (ଆରଟିଏଫ) ଓ ଜନସ୍ୱାସ୍ଥ୍ୟ ଅଭିଯାନ (ଜେଏସଏ) ଆଦି ୩ ଟି ସଂଗଠନର କର୍ମକର୍ତ୍ତାମାନେ ଘଟଣା ସ୍ଥଳକୁ ଯାଇ ତଥ୍ୟ ଅନୁଧ୍ୟାନ କରିଛନ୍ତି। ପରେ ଏହି ସଂଗଠନଗୁଡ଼ିକ ଶୁକ୍ରବାର ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସଂଗଠନ ପକ୍ଷରୁ ଦିଆଯାଇଥିବା ତଥ୍ୟ ▶ପୃଷ୍ଠା-୭


ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।





ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ବନ୍ଦେ ମାତରମ୍ ଗାନ ନେଇ ମହାରାଷ୍ଟ୍ରରେ ବିବାଦ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ନେଇ ଆୟୋଜିତ ହୋଇଥିବା ସରକାରୀ କାର୍ଯ୍ୟକ୍ରମକୁ ନେଇ ବିବାଦ ସୃଷ୍ଟି ହୋଇଛି । ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମି ମୁମ୍ବଇ ବିଜେପି ଅଧ୍ୟକ୍ଷ ଅମିତ ସାଟମଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖାନ କରିଛନ୍ତି । ଅମିତ ବନ୍ଦେ ମାତରମ୍‌ର ସାମୁହିକ ଗାନ ପାଇଁ ଆଜମୀଙ୍କୁ ନିମନ୍ତ୍ରଣ କରିଥିଲେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ମହାରାଷ୍ଟ୍ର ସରକାର ସପ୍ତାହବ୍ୟାପୀ ଉତ୍ସବ ପାଳନ କରୁଛନ୍ତି । ଏଥିପାଇଁ ରାଜ୍ୟସାରା ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି । ବନ୍ଦେ ମାତରମ୍ ଗାନ କରିବା ବେଳେ ଏହାର କିଛି ଶ୍ଲୋକ ପୂଜା ଓ ଆରାଧନା ସହିତ ଜଡିତ ରହିଛି । ହିନ୍ଦୁମାନେ ଯେଉଁଭଳି ନମାଜ ପଢ଼ିବେ ନାହିଁ, ଠିକ୍ ସେହିପରି ମୁସଲମାନ ବନ୍ଦେ ମାତରମ୍ ଗାନ କରିପାରିବେ ନାହିଁ ବୋଲି ଆଜମୀ ସ୍ପଷ୍ଟ କରିଛନ୍ତି । ପୁଣି ଏହାକୁ ଗାନ କରିବା ପାଇଁ କାହାକୁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି । ଏଥିପାଇଁ ଆଜମୀଙ୍କୁ ବିଜେପି ତରଫରୁ ସମାଲୋଚନା କରାଯାଇଛି ।

## ବେଙ୍ଗଡୁବି ସେନା ଠିକଣାରୁ ବାଂଲାଦେଶୀ ଗିରଫ

କୋଲକାତା, ୭ ।୧୧(ଏଜେନ୍ସି): ଉତ୍ତର ବେଙ୍ଗଲର ବେଙ୍ଗଡୁବ ସେନା ଠିକଣାରେ ଜଣେ ବାଂଲାଦେଶ ନାଗରିକଙ୍କୁ ଗିରଫ କରାଯାଇଛି । ସେ ଜଣେ ଶ୍ରମିକ ଭାବେ ଏଠାରେ କାର୍ଯ୍ୟ କରୁଥିଲା । ସିଲିଗୁଡ଼ି କରିଡର ଓ ଚିକେନ ନେକ ନିକଟରେ ଏହି ସେନା ଠିକଣା ଅବସ୍ଥିତ ଥିବାରୁ ଏହାକୁ ବେଶ ସମ୍ବେଦନଶୀଳ ମନେ କରାଯାଉଛି । ତାଙ୍କଠାରୁ ନକଲି ଆଧାର, ପାନ ଓ ଭୋଟର ପରିଚୟ ପତ୍ର ଜବତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସେନା ଠିକଣାର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସବୁ କର୍ମଚାରୀଙ୍କର ପୁନଃ ସଂସ୍ଥାପନ ଅଭିଯାନ କରାଯାଇଥିଲା । ଶ୍ରମିକମାନଙ୍କ ଦସ୍ତାବିଜ ଯାଞ୍ଚ କରିବା ବେଳେ ଏହି ବାଂଲାଦେଶ ନାଗରିକଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତାଙ୍କଠାରୁ ବାଂଲାଦେଶର ପରିଚୟ ପତ୍ର ମିଳିଥିଲା । ଏହାପରେ ପରବର୍ତ୍ତୀ ଯାଞ୍ଚ ପାଇଁ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା । ତାଙ୍କଠାରୁ ନକଲି ପରିଚୟ ପତ୍ର ମିଳିଥିଲା । ରୋଜଗାର ପାଇଁ ବାଂଲାଦେଶ ନାଗରିକମାନେ ବହୁ ସଂଖ୍ୟାରେ ନକଲି ପରିଚୟପତ୍ର ବାହାର କରି ଭାରତ ଆସୁଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି ।

## ରୁଷ ସେନାରେ ୪୪ଜଣ ଭାରତୀୟ ଅଛନ୍ତି

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉନାହିଁ । ଏହି ଯୁଦ୍ଧରେ ଭାରତୀୟ ମାନେ ସାମିଲ ଅଛନ୍ତି ବୋଲି ଜଣାପଡ଼ିଛି । ରୁଷ ସୈନ୍ୟବାହିନୀରେ ୪୪ ଜଣ ଭାରତୀୟ ସାମିଲ ଅଛନ୍ତି ଭାରତୀୟ ବୈଦେଶକିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଏ ନେଇ ଭାରତ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛି । ଏହି ସୈନିକଙ୍କ ପରିବାର ସହ ସମ୍ପର୍କ ସ୍ଥାପନ କରାଯାଇଛି ବୋଲି ସେ କହିଛନ୍ତି । ଭାରତୀୟ ଯୁବକମାନେ ରୁଷ ସେନାରେ ଭର୍ତ୍ତି ହେଉଥିବାର ସୂଚନା ଆମର ହସ୍ତଗତ ହୋଇଥିଲା । ତୁରନ୍ତ ସେମାନଙ୍କୁ ସୁରକ୍ଷିତ ଭାବେ ଛାଡି ଦେବାକୁ ରୁଷିଆକୁ କୁହାଯାଇଛି ବୋଲି ଜୟସ୍ୱାଲ ସାପ୍ତାହିକ ପ୍ରେସ୍ ବ୍ରିଫିଙ୍ଗରେ କହିଛନ୍ତି । ଭାରତୀୟ ଯୁବକଙ୍କୁ ରୁଷ୍ ସେନାରେ ଭର୍ତ୍ତି କରାଯିବା ପଛରେ ଏଜେଣ୍ଟମାନଙ୍କ ହାତ ରହିଛି । ଏହି ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକତା ରହଛି । ଏଥିସହ ସେନାରେ ଭର୍ତ୍ତି ହେବା ପାଇଁ ରୁଷ୍‌ର ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ବିଦେଶ ମନ୍ତ୍ରଣାଳୟ ତରଫରୁ ସତର୍କ କରାଯାଇଛି ।

## ନମାଜବେଳେ ଇଣ୍ଡୋନେସିଆରେ ବିସ୍ଫୋରଣ; ୫୪ ଆହତ

ଜାକର୍ତ୍ତା, ୭ ।୧୧(ଏଜେନ୍ସି): ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଶୁକ୍ରବାର ନମାଜ ପାଠ ବେଳେ ଏକ ମସଜିଦ୍‌ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏଥିରେ ୫୪ ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉତ୍ତର ଜାକର୍ତ୍ତାର କେଲାପ ଗାଣ୍ଡିଙ୍ଗ ଅଞ୍ଚଳରେ ସ୍କୁଲ ପରିସରରେ ଥିବା ଏକ ମସଜିଦ୍‌ରେ ଏହି ବିସ୍ଫୋରଣ ହୋଇଥିଲା । ଏବେ ପୁଲିସ ଏହି ଘଟଣା ଯାଞ୍ଚ କରୁଛି । ଯାଞ୍ଚ୍ ଅବସରରେ ପୁଲିସକୁ ଘଟଣାସ୍ଥଳରେ କିଛି ସନ୍ଦିଗ୍ଧ ଜନିଷ ମିଳିଛି । ପୁଲିସ ହାତରେ ତିଆର ବିସ୍ଫୋଟକ ଉପକରଣ (ଆଇଇଡି)ର ଅଂଶ, ଏକ ରିମୋଟ କଣ୍ଟ୍ରୋଲ, ଏୟାର ସଫ୍ଟ ଓ ରିଭଲଭର ଭଳି ବନ୍ଧୁକ ଜବତ କରିଛି । କାଚ ଖଣ୍ଡ ଓ ଦ୍ରୁତ ଗତିରେ ଆସିଥିବା ପବନ ଯୋଗୁଁ ଲୋକେ ଆହତ ହୋଇଥିଲେ ।



## ଅଭିନେତ୍ରୀ-ଗାୟିକା ସୁଲକ୍ଷଣାଙ୍କ ପରଲୋକ

ମୁମ୍ବଇ, ୭ ।୧୧(ଏଜେନ୍ସି): ଜଣାଶୁଣା ବଲିଉଡ ଅଭିନେତ୍ରୀ ତଥା ଗାୟିକା ସୁଲକ୍ଷଣା ପଣ୍ଡିତ ୭୧ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ଗୁରବାର ସନ୍ଧ୍ୟା ୭ଟାରେ ହୃଦ୍‌ଘାତ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ରହି ଆସୁଥିଲେ । ମୁମ୍ବଇର ନାନାବତୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସ୍ଥାନୀୟ ବିଲେ ପାର୍ଲେ ପବନ ହଂସ ଶ୍ମସାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ଅବସରରେ ଅଭିନେତ୍ରୀ ଶବାନା ଆଜମି, ପୁନମ ଧିଲନ ଓ ଅନ୍ୟ ବଲିଉଡ୍ ତାରକା ଉପସ୍ଥିତ ଥିଲେ । ସେ ଜଣାଶୁଣା ସଙ୍ଗୀତକାର ଯତିନ ଓ ଲଳିତ ପଣ୍ଡିତଙ୍କ ଭଉଣୀ । ଜଣାଶୁଣା ଅଭିନେତ୍ରୀ ବିଜେତା ପଣ୍ଡିତ ମଧ୍ୟ ତାଙ୍କର ଭଉଣୀ ଥିଲେ । ସେ ଅଭିନେତା ସଞ୍ଜୀବ କୁମାରଙ୍କୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ସଞ୍ଜୀବ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିବା ପରେ ସେ ମାନସିକ ଭାବେ ଗଭୀର ଆଘାତ ପାଇଥିଲେ । ସେ ସାରା ଜୀବନ ବିବାହ ମଧ୍ୟ କରିନଥିଲେ । ସେ ୧୯୫୪ରେ ଏକ ସଙ୍ଗୀତ ସହିତ ଜଡିତ ଥିବା ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଓ ମାତ୍ର ୯ ବର୍ଷରେ ସେ ଗୀତ ଗାଇବା ଆରମ୍ଭ କରିଥିଲେ । ୧୯୭୫ରେ 'ଉଲଝନ' ଓ ୧୯୭୬ରେ 'ସଂକଳ୍ପ' ସିନେମାରେ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ । ୧୯୭୦ ଓ ୮୦ ଦଶକରେ ସେ ଉଭୟ ଅଭିନେତ୍ରୀ ଓ ଗାୟିକା ଭାବେ ସଫଳତା ହାସଲ କରିଥିଲେ ମଧ୍ୟ ପରେ ବ୍ୟକ୍ତିଗତ ଓ ପେସାଦାର ଭାବେ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଥିଲେ । ସେ ଜିତେନ୍ଦ୍ର, ସଞ୍ଜୀବ କୁମାର, ରାଜେଶ ଖାନ୍ନା, ବିନୋଦ ଖାନ୍ନା, ଶଶି କପୁର ଓ ଶତ୍ରୁଘ୍ନ ସିହ୍ନାଙ୍କ ସହ ଏକାଧିକ ସିନେମାରେ ଅଭିନୟ କରି ସଫଳତା ହାସଲ କରିଥିଲେ ।

## ତୃଣମୂଳ ସାଂସଦଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ



କୋଲକାତା, ୭ ।୧୧(ଏଜେନ୍ସି): ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ ହୋଇଛି । ଗତ ଅକ୍ଟୋବର ୨୮ ରେ ସାଇବର ଠକମାନେ ନକଲି ପାନ ଓ ଆଧାର କାର୍ଡ ବ୍ୟବହାର କରି କେୱାଇସି ଅପଡେଟ୍ କରିବା ବାହାନାରେ ପଞ୍ଜୀକୃତ ମୋବାଇଲ ନମ୍ବରର ଲିଙ୍କ ବଦଳାଇ ଏହି କାଣ୍ଡ ଘଟାଇଛନ୍ତି ବୋଲି ପୁଲିସ କହିଛି । ପର୍ଯ୍ୟାୟକ୍ରମେ ଠକମାନେ ମୋଟ୍ ୫୬ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି । ଏନେଇ କୋଲକାତା ପୋଲିସ ସାଇବର କ୍ରାଇମ ବ୍ରାଞ୍ଚ୍ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଭିଯୋଗ କରିଛି । ୨୦୦୧ରୁ ୨୦୦୬ ମଧ୍ୟରେ ଦକ୍ଷିଣ ଆସାନସୋଲରେ ବିଧାୟକ ଥିବା ବେଳେ କଲ୍ୟାଣ ଏସ୍‌ବିଆଇ ଉପଶାଖାରେ ଏହି ଆକାଉଣ୍ଟ ଖୋଲିଥିଲେ । କଲ୍ୟାଣ ଏବେ ଶ୍ରୀରାମପୁରରେ ସାଂସଦ ଅଛନ୍ତି । ଏହା ଏକ ପୁରୁଣା ଆକାଉଣ୍ଟ ଓ ଦୀର୍ଘ ସମୟଧରି ଏଥିରେ ନେଣଦେଣ ହୋଇନାହିଁ ବୋଲି ସେ କହିଛନ୍ତି । ଏନେଇ ଯାଞ୍ଚ ଜାରି ରହିଛି । ଟଙ୍କା ଏକାଧିକ ଭିନ୍ନ ଏକାଉଣ୍ଟକୁ ପଠାଯାଇଛି । ଏହି ଅର୍ଥରେ ଗହଣା କ୍ରୟ କରାଯାଇଛି ଓ ଏଟିଏମ୍‌ରୁ ପଇସା ମଧ୍ୟ ଉଠାଯାଇଛି ବୋଲି ପୁଲିସ କହିଛି ।

### ଟ୍ରମ୍ପଙ୍କ ସଟ୍‌ଡାଉନ୍ ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ

# ଆମେରିକାରେ ୭୦୦ ବିମାନ ଉଡ଼ାଣ ବାତିଲ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଏହା ଦ୍ୱାରା ବିମାନ ଯାତ୍ରା ସବୁଠାରୁ ନକାରାତ୍ମକ ଭାବେ ପ୍ରଭାବିତ ହୋଇଛି । ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍ଏଏ) ଗୁରୁବାର ଦେଶର ୪୦ଟି ବୃହତ୍ ବିମାନ ବନ୍ଦରରେ ଉଡ଼ାଣ ସଂଖ୍ୟାକୁ ହ୍ରାସ କରିଛି । ଶୁକ୍ରବାର ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଏଥିରେ ନ୍ୟୁୟର୍କ ଓ ୱାଶିଂଟନର ବଡ଼ ବିମାନ ବନ୍ଦରଗୁଡିକ ସାମିଲ ରହିଛି । ଏହି ୪୦ଟି ବିମାନ ବନ୍ଦର ଦେଶର ସବୁଠାରୁ ବ୍ୟସ୍ତ ବହୁଳ ରହିଆସିଛି । ଏଥିପାଇଁ 'ଥ୍ୟାଙ୍କସ ଗିଭିଂ ୱିକ୍' ପୂର୍ବରୁ ଛୁଟି ଥିବାରୁ ଯାତ୍ରା କରିବାକୁ ଥିବା ଲୋକଙ୍କ ଚିନ୍ତା ବଢ଼ିଯାଇଛି । ଏକ ଜଣାଶୁଣା ନ୍ୟୁଜ୍ ଏଜେନ୍ସିର ସୂଚନା ଅନୁସାରେ କେତେକ ବଡ଼ ଏୟାର ଲାଇନ୍ସ ଆଗୁଆ ନିଜର ଉଡାଣକୁ ବାତିଲ କରିସାରିଛନ୍ତି । ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୦୦ରୁ ଊର୍ଦ୍ଧ୍ୱ ଉଡାଣ ବାତିଲ ହୋଇ ସାରିଛି । ଏଥିରେ ଆଞ୍ଚଳିକ ଓ ମୁଖ୍ୟ ଉଡାଣ ମଧ୍ୟ ସାମିଲ ରହିଛି । କିନ୍ତୁ ଅନ୍ତର୍ଜାତୀୟ ଉଡାଣ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ସଙ୍କ ଅଭାବକୁ କମ୍ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍ଏଏ ତରଫରୁ କୁହାଯାଇଛି । କଣ୍ଟ୍ରୋଲରମାନେ ଗତ ଗୋଟିଏ ମାସ ହେବ ବିନା ଦରମାରେ କାର୍ଯ୍ୟ କରୁଛନ୍ତି ।



ଏହି ପ୍ରକ୍ରିୟା ଧୀରେ ଧୀରେ ଆଗକୁ ବଢ଼ିବ । ଶୁକ୍ରବାରଠାରୁ ୪ ପ୍ରତିଶତ ଉଡାଣ କମ୍ ହୋଇଛି । ନଭେମ୍ବର ୧୪ ବେଳକୁ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବ । ଉଡାଣ ବାତିଲ ପ୍ରକ୍ରିୟା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହା ଦ୍ୱାରା ଘରୋଇ ଉଡାଣ ପ୍ରଭାବିତ ହେବ । ଏହା ଦ୍ୱାରା ପ୍ରତିଦିନ ୧,୮୦୦ ଉଡାଣ ବାତିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ ୨.୬୮ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ । ଡେଲ୍ଟା ଏୟାର ଲାଇନ୍ସ ଶୁକ୍ରବାର ୧୭୦ ଉଡାଣ ବାତିଲ କରିଛି । ସେହିପରି ୟୁନାଇଟେଡ ଏୟାର ଲାଇନ୍ସର ୨୦୦ ଉଡାଣ ଓ ଆମେରିକାନ ଏୟାର ଲାଇନ୍ସର ୨୨୦ ଉଡାଣ ବାତିଲ ହୋଇଛି । ସାଉଥୱେଷ୍ଟ ଏୟାର ଲାଇନ୍ସ ୧୦୦ଟି ଉଡାଣକୁ ବାତିଲ କରିଛି । ଏୟାର ଲାଇନ୍ସ ଫର ଆମେରିକା କହିଛି ଯେ, ଆମେ ସରକାରଙ୍କ ସହ ସାଥି ହୋଇ ଯାତ୍ରୀଙ୍କ ସମସ୍ୟା କମ୍ କରିବାକୁ ପ୍ରୟାସ କରୁଛୁ । କେଉଁ ଉଡାଣକୁ ବାତିଲ କରାଯିବ ଏୟାର ଲାଇନ୍ସ ନିଜେ ସ୍ଥିର କରିବେ ବୋଲି ଏଫ୍ଏଏ କହିଛି । ଏହି ସସମ୍ୟାକୁ ଦୃଷ୍ଟିରେ ରଖି ଏୟାରଲାଇନ୍ସଗୁଡିକର ମାର୍ଗ ଦର୍ଶିକା ଜାରି ରହିଛି । ବ୍ୟାକ୍‌ଅପ୍ ଟିକଟ୍ ବୁକ୍ କରିବାକୁ ପରାମର୍ଶ ଦିଆଯାଇଛି । ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ କାରଣରୁ ୧୩,୦୦୦ କଣ୍ଟ୍ରୋଲର୍ସ ଓ ୫୦,୦୦୦ ପରିବହନ ସୁରକ୍ଷା ଏଜେଣ୍ଟ (ଟିଏସ୍ଏ) ବିନା ପାଉଣାରେ କାର୍ଯ୍ୟ କରୁଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ପହିଲାରୁ ଲାଗୁ ହୋଇଥିବା ଏହି ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଆମେରିକା ଇତିହାସର ଏହା ସବୁଠାରୁ ବଡ଼ ସଟ୍‌ଡାଉନ୍ । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ସଟ୍‌ଡାଉନ ଜାରି ହୋଇଥିଲା । ଏହି କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ୧୪ ଲକ୍ଷ ଲୋକ ଧାରଉଧାର କରି ଘର ଚଳାଉଛନ୍ତି । ଟ୍ରମ୍ପ ହେଲ୍‌ଥ କେୟାର ପ୍ରୋଗ୍ରାମ୍‌ର ସବସିଡି ବଢ଼ାଇବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକା ସଂସଦର ଉପର ଗୃହରେ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାସ୍ ହୋଇପାରୁନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇ ସାରିଲାଣି । କିନ୍ତୁ ପ୍ରତ୍ୟେକଥର ବହୁମତ ପାଇଁ ୬୦ଟି ଭୋଟ ମିଳିପାରି ନାହିଁ । ପ୍ରତ୍ୟେକ ଦିନ ୩୩୦୦ କୋଟି ଟଙ୍କାର ଦରମା କ୍ଷତି ହେଉଛି ।

## ସ୍କୁଲ, କଲେଜ, ହସ୍ପିଟାଲରୁ ବୁଲା କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ସ୍କୁଲ, କଲେଜ, ହସ୍ପିଟାଲ ଓ ବସ୍‌ଷ୍ଟାଣ୍ଡରୁ ବୁଲା କୁକୁରଙ୍କୁ ହଟାଇବାକୁ ଅର୍ଥାତ ଦୂରେଇ ନେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । କୁକୁରଙ୍କୁ ରୋକିବା ପାଇଁ ସ୍କୁଲ୍, କଲେଜ ଓ ହସ୍ପିଟାଲରେ ବାଡ଼ ବସାଯିବାକୁ କୋର୍ଟ କହିଛନ୍ତି । ଧରାଯାଇଥିବା କୁକୁରଙ୍କୁ ଯେଉଁଠାରୁ ଉଠାଯାଉଛି, ସେହି ସ୍ଥାନରେ ପୁଣି ନ ଛାଡିବାକୁ ଓ ଏହି କୁକୁରଙ୍କୁ ଆଶ୍ରୟ ଗୃହରେ ରଖିବାକୁ କୁହାଯାଇଛି । ସେହିପରି ସବୁ ଜାତୀୟ ଓ ରାଜ୍ୟ ରାଜପଥରୁ ବୁଲା ପଶୁଙ୍କୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ଆଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଆଗାମୀ ୩ ସପ୍ତାହ ମଧ୍ୟରେ ରିପୋର୍ଟ ଓ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଉଲ୍ଲେଖଥାଉ କି, ରାଜସ୍ଥାନ ହାଇକୋର୍ଟ ୩ ମାସ ତଳେ ସରକାରୀ ଏଜେନ୍ସିଗୁଡିକୁ ସଡକରୁ ବୁଲା ପଶୁଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ।



ଏହି କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ଥାନ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ସାରା ଦେଶରେ ଲାଗୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହାପୂର୍ବରୁ ନଭେମ୍ବର ୩ରେ ସୁପ୍ରିମକୋର୍ଟ କହିଥିଲେ ଯେ, ସରକାରୀ କ୍ୟାମ୍ପସ୍‌ରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିୟମ ଜାରି ହେବ । ଉଲ୍ଲେଖଥାଉ କି, ଜୁଲାଇ ୨୮ରେ ଏକ ଗଣମାଧ୍ୟମ ରିପୋର୍ଟକୁ ଭିତ୍ତିକରି ସୁପ୍ରିମକୋର୍ଟ ସମସ୍ୟାକୁ ହୃଦୟଙ୍ଗମ କରିଥିଲେ । ବୁଲା କୁକୁରଙ୍କ କାମୁଡାର ଶିକାର ହୋଇ ଜଳାତଙ୍କ ରୋଗରେ ମୃତ୍ୟୁ ସଂଖ୍ୟା କୋର୍ଟଙ୍କ ନଜରକୁ ଆସିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଗାଜା ସୁଡ଼ଙ୍ଗରେ ଫସିଛନ୍ତି ୨୦୦ ହମାସ୍ ଯୋଦ୍ଧା

ଗାଜା, ୭ ।୧୧(ଏଜେନ୍ସି): ଗାଜାର ରଫା ସୀମା ନିକଟରେ ୨୦୦ ହମାସ ଯୋଦ୍ଧା ଏକ ସୁଡଙ୍ଗରେ ଫସି ରହିଛନ୍ତି ଓ ସେଠାରୁ ବାହାରକୁ ବାହରି ପାରୁନାହାନ୍ତି । ୨୦୨୫ ମାର୍ଚ୍ଚ ମାସରୁ ଏମାନେ ଏହି ସୁଡଙ୍ଗରେ ଫସି ରହିଛନ୍ତି ବୋଲି ଇସ୍ରାଏଲ ଗଣମାଧ୍ୟମଗୁଡିକ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଇସ୍ରାଏଲ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହି ହାମାସ ଯୋଦ୍ଧାମାନେ ଫସି ରହିଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି । ଏମାନେ ସମସ୍ତେ ସୁଡଙ୍ଗ ଭିତରରେ ଲୁଚି ରହିଛନ୍ତି । କିନ୍ତୁ ଯଦି ଏମାନେ ପଛକୁ ହଟିବାକୁ ଚେଷ୍ଟା କରନ୍ତି ତେବେ, ଇସ୍ରାଏଲ ସୈନିକ (ଆଇଡିଏଫ୍) ହାତରେ ଧାରା ପଡ଼ିବାର ଆଶଙ୍କା ରହିଛି । ଏମାନଙ୍କୁ ସୁରକ୍ଷିତ ଭାବେ ବାହାରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି । ଏମାନଙ୍କୁ ବାହାର କରିବା ପାଇଁ ହମାସ ସହ କୌଣସି ଚୁକ୍ତି ହୋଇନାହିଁ ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଇସ୍ରାଏଲ ସେନା ସୁଡଙ୍ଗରୁ ବାହାରିବା ରାସ୍ତା ବନ୍ଦ କରିଦେଇଛି । ଏବେ ହମାସ ଯୋଦ୍ଧା ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ନେହେଲେ ସମସ୍ତଙ୍କୁ ମାରି ଦିଆଯିବ ବୋଲି ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଏୟାଲ ଜମୀର କହିଛନ୍ତି । ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତେବେ, ସେମାନଙ୍କୁ ତେଇମାନ ମିଲିଟାରୀ ଠିକଣାକୁ ନିଆଯିବ । ଅନ୍ୟପଟେ ଏହି ହମାସ ଯୋଦ୍ଧାଙ୍କୁ ବାହାରକୁ ବାହାର କରାଯାଇଥିବା ରିପୋର୍ଟକୁ ନେତାନ୍ୟାହୁ ଖଣ୍ଡନ କରିଛନ୍ତି । ଫସି ରହିଥିବା ଏହି ଯୋଦ୍ଧା ହମାସ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତି ବିଷୟରେ କିଛି ଜାଣିନାହାନ୍ତି ବୋଲି କୁହାଯାଇଛି । ଗତ ଦୁଇବର୍ଷ ଧରି ଚାଲିଥିବା ଇସ୍ରାଏଲ- ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୬୭ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏକ ଲକ୍ଷ ୭୦ ହଜାର ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୨୦ ହଜାର ଛୋଟପିଲା ସାମିଲ ରହିଛନ୍ତି । ଇସ୍ରାଏଲ ମଧ୍ୟ ଗାଜାର ୭୫ ପ୍ରତିଶତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ।

● ପାଇଲଟଙ୍କ ବାପାଙ୍କୁ ସୁପ୍ରିମକୋର୍ଟଙ୍କ ସାନ୍ତ୍ୱନା

## ଆପଣଙ୍କ ପୁଅର ଦୋଷ ନାହିଁ; ଅପବାଦ ମୁଣ୍ଡାଇବେନି

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟ ପୁଣିଥରେ ପାଇଲଟ୍‌ଙ୍କ କୌଣସି ଭୂମିକା ନାହିଁ ବୋଲି କହିଛନ୍ତି । ଏହି ଦୁର୍ଘଟଣା ପାଇଁ ପାଇଲଟ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ପାଇଲଟ୍ ସୁମୀତ ସଭରୱାଲଙ୍କ ୯୧ ବର୍ଷୀୟ ପିତା ପୁଷ୍କର ରାଜ ସଭରୱାଲଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି । ପୁଷ୍କରଙ୍କୁ କୋର୍ଟ ସାନ୍ତ୍ୱନା ଦେଇଛନ୍ତି । ଆପଣଙ୍କ ପୁଅର କୌଣସି ଦୋଷ ନାହିଁ ଓ ଆପଣ ଅପବାଦ ମୁଣ୍ଡାଇବେନି ବୋଲି କୋର୍ଟ ତାଙ୍କୁ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପାଇଲଟଙ୍କ ତ୍ରୁଟି ଥିଲା ବୋଲି ଦେଶରେ କେହି ଭାବୁନାହାନ୍ତି । ପୁଣି ଦୁର୍ଘଟଣା ପ୍ରାରମ୍ଭିକ ଯାଞ୍ଚ୍ ରିପୋର୍ଟରେ ମଧ୍ୟରେ ପାଇଲଟ୍‌ଙ୍କ ବରୋଧରେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି କୋର୍ଟ କହିଛନ୍ତି । ପୁଷ୍କର ଏହି ବିମାନ ଦୁର୍ଘଟଣାର ସ୍ୱତନ୍ତ୍ର ଯାଞ୍ଚ୍ କରିବାକୁ ଦାବି କରିଛନ୍ତି । ଏହାକୁ ଭିତ୍ତି କରି କୋର୍ଟ କେନ୍ଦ୍ର ସରକାର ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଠାରୁ ଜବାବ ମାଗିଛନ୍ତି । ଏହି ଆବେଦନ ଉପରେ ନଭେମ୍ବର ୧୦ରେ ଅନ୍ୟଏକ ମାମଲା ସହିତ ପୁଣି ଶୁଣାଣି ହେବ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଏୟାର ଇଣ୍ଡିଆର ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏଆଇ ୧୭୧ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା । ଏଥିରେ ୨୩୦ ଯାତ୍ରୀ ଓ ୧୨ କ୍ରୁ ମେମ୍ବରଙ୍କ ସମେତ ୨୧୪ ଜଣ ଲୋକ ପ୍ରାଣ ହରାଇଥିଲେ । ପୁଣି ଯେଉଁଠାରେ ବିମାନ ଖସିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ମଧ୍ୟ ପ୍ରାଣ ହରାଇଥିଲେ ।

ଅହମଦାବାଦ ବିମାନ ଦୁର୍ଘଟଣା

## ଆବ୍ରାହମ୍ ଚୁକ୍ତିରେ ସାମିଲ ହେବ କାଜାଖସ୍ତାନ

ୱାସିଂଟନ, ୭ ।୧୧(ଏଜେନ୍ସି): ଆଉ ଏକ ମୁସ୍‌ଲିମ ଦେଶ ଇସ୍ରାଏଲ ସହିତ ଆବ୍ରାହମ ଚୁକ୍ତିରେ ସାମିଲ ହେବାକୁ ଯାଉଛି । କେନ୍ଦ୍ର ଏସୀୟ ଦେଶ କାଜାଖସ୍ତାନ ଏହି ଆବ୍ରାହମ ଶାନ୍ତି ଚୁକ୍ତିରେ ସାମିଲ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି । ଇସ୍ରାଏଲ ଓ ମୁସ୍‌ଲିମ ବହୁଳ ଦେଶମାନଙ୍କ ମଧ୍ୟରେ ସମ୍ପର୍କକୁ ସାମାନ୍ୟ ଓ ଶତ୍ରୁତା ତଥା ସଂଘର୍ଷକୁ କମ୍ କରିବା ଏହି ଆବ୍ରାହମ ଚୁକ୍ତିର ମୂଳ ଉଦ୍ଦ୍ୟେଶ । ଆବ୍ରାହମ ଇହୁଦୀ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମର ପୈଗମ୍ବର ରହିଥିବାରୁ ତାଙ୍କ ନାମରେ ଏହି ଚୁକ୍ତି ନାମିତ କରାଯାଇଛି । ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ କାଜାଖସ୍ତାନ ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଖୁବ୍‌ଶୀଘ୍ର ଏହି ଚୁକ୍ତି ସ୍ୱାକ୍ଷର ନେଇ ତାରିଖ ଘୋଷଣା କରାଯିବ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ଚୁକ୍ତିରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୨୦ରେ ଏହି ଆବ୍ରାହାମ ଚୁକ୍ତିର ଆରମ୍ଭ ହୋଇଥିଲା । ସେତେବେଳେ ଟ୍ରମ୍ପଙ୍କ କହିବା ଅନୁଯାୟୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ଭଳି ଆରବ ଦେଶ ଇସ୍ରାଏଲ ସହିତ ସମ୍ପର୍କ ସ୍ଥାପନ କରିଥିଲେ ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ୱାସିଂଟନ, ୭ ।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଆସିପାରନ୍ତି । ଟ୍ରମ୍ପ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ଭଲଭାବେ କଥାବାର୍ତ୍ତା ଚାଲୁ ରହିଛି ଓ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଚର୍ଚ୍ଚା ଗଠନମୂଳକ ଭାବେ ଆଗକୁ ବଢ଼ୁଛି ବୋଲି ସେ କହିଛନ୍ତି । ହ୍ୱାଇଟ ହାଉସ୍‌ର ଓଭାଲ କାର୍ଯ୍ୟାଳୟରେ ଗଣମଧ୍ୟମଗୁଡିକ ସହ କଥା ହେବା ବେଳେ ସେ ପୁଣି ଥରେ ମୋଦୀଙ୍କୁ ନିଜର ଏକ ଭଲ ବନ୍ଧୁ ଓ ଉତ୍ତମ ବ୍ୟକ୍ତି ବୋଲି ଅଭିହିତ କରିଥିଲେ । ଆମ ମଧ୍ୟରେ ପ୍ରାୟ କଥାବାର୍ତ୍ତା ଚାଲିଛି । ସେ ରୁଷଠାରୁ ତୈଳ କ୍ରୟର ପରିମାଣକୁ କମାଇଛନ୍ତି । ଭାରତ ଆସିବାକୁ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି ଓ ଭାରତ ଯିବାକୁ ଚାହୁଁଛି ବୋଲି ଟ୍ରମ୍ପ କହିଛନ୍ତି । ଏକ ପ୍ରଶ୍ନ ଉତ୍ତର ଦେଇ ସେ ଆସନ୍ତାବର୍ଷ ହିଁ ଭାରତ ଆସିପାରିନ୍ତି ବୋଲି କହିଛନ୍ତି ।

## ୧୮୦୦ କୋଟି ଟଙ୍କା ଜମି ଦୁର୍ନୀତିରେ ଫସିଲେ ଅଜିତ ପାୱାରଙ୍କ ପୁଅ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରର ଉପ ମୁଖମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ କମ୍ପାନୀ ସହିତ ଜଡିତ ଏକ ଜମି କିଣାବିକା ଦୁର୍ନୀତିକୁ ସାମ୍ନାକୁ ଆସିଛି । ଏଥିରେ ପାର୍ଥ ଏହି ବିବାଦରେ ଫସିଥିବା ବେଳେ ଅଜିତ ବ୍ୟାକ୍‌ଫୁଟ୍‌କୁ ଆସିଛନ୍ତି । ପାର୍ଥଙ୍କ କମ୍ପାନୀ ଏକ ଜମି କିଣାବିକା ମାମଲାରେ ଅନିୟମିତତା କରିଛି ବୋଲି ଅଭିଯୋଗ ହୋଇଛି । ଅଭିଯୋଗର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର ଏକ ଉଚ୍ଚସ୍ତରୀୟ ଯାଞ୍ଚ୍ କମିଟି ଗଠନ କରିଛନ୍ତି । ଆଗାମୀ ୮ ଦିନ ମଧ୍ୟରେ କମିଟି ଅନ୍ତିମ ରିପୋର୍ଟ ଦାଖଲ କରିବ ବୋଲି ଆଶା କରାଯାଉଛି । ଏହି ମାମଲାରେ ସବ-ରେଜିଷ୍ଟ୍ରାରଙ୍କ ତଥାକଥିତ ଭୂମିକାକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଛି । ଏବେ ଏହି ମାମଲା ନେଇ ଅଜିତ ସଫେଇ ଦେଇଛନ୍ତି । ପୁଣେରେ ଏହି କୋଟି କୋଟି ଟଙ୍କା ଜମି କିଣା ନେଇ ଆମର କୌଣସି ଯାଏଆସେ ନାହିଁ ବୋଲି ସେ କହିଛନ୍ତି । ନିୟମର ଉଲ୍ଲଂଘନ କରିଥିବା କୌଣସି ବ୍ୟକ୍ତିଙ୍କୁ ସେ ସମର୍ଥନ କରୁନାହାନ୍ତି ବୋଲି କହିଛନ୍ତି ।

୧,୮୦୦ କୋଟି ଟଙ୍କାର ଏହି ଜମି କିଣାବିକାକୁ ନେଇ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ଏକ ରିପୋର୍ଟ ମୁମ୍ବଇର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଥିଲେ । ପୁଣେ ମୁନ୍ଧୱା ଅଞ୍ଚଳରେ ହୋଇଥିବା ଏହି ଜମି କିଣାବିକା ମାମଲାରେ ବ୍ୟାପକ ଅନିୟମିତତା ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ୪୩ ଏକର ଅର୍ଥାତ ୧୭.୫ ହେକ୍ଟର ପରିମିତ ଏହି ଜମି ରାଜ୍ୟ ସରକାରଙ୍କର ବୋଲି ଜଣାପଡ଼ିଛି । ଏହାକୁ ପାର୍ଥ ପାୱାରଙ୍କ କମ୍ପାନୀ ଆମେଡିଆ ଏଣ୍ଟରପ୍ରାଇସ୍ ଏଲ୍ଏଲ୍‌ପିକୁ ମାତ୍ର ୩୦୦ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା । କିନ୍ତୁ ଏହି ଜମିର ପ୍ରକୃତ ମୂଲ୍ୟ ୧,୮୦୦ କୋଟି ଟଙ୍କା ବୋଲି କୁହାଯାଇଛି । ୧୫ ବର୍ଷ ତଳେ ଏହି ଜମିକୁ ଇଣ୍ଡିଆନ ବଟାନିକାଲ ସର୍ଭେକୁ ଲିଜ୍‌ରେ ଦିଆଯାଇଥିଲା । ପରେ ଏହି ଲିଜ୍‌କୁ ୫୦ ବର୍ଷ ପାଇଁ ଅର୍ଥାତ ୨୦୩୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା ସତ୍ତ୍ୱେ ଏହି ଜମି କିପରି କିଣାବିକା ହେଲା ସେ ନେଇ ପ୍ରଶ୍ନ ଉଠିଛି । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ଶାସକ ମହାଯୁତିକୁ ଟାର୍ଗେଟ କରିଛି ବିପକ୍ଷ ଦଳ ।







ନୂଆପଡ଼ାରେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ମଇଦାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ

## ୮୪ତମ ଭାରତୀୟ ସଡ଼କ କଂଗ୍ରେସ ଉଦ୍‌ଘାଟିତ

# ଦୁର୍ଘଟଣାରେ ଦିନକୁ ୪୨୦ ମୃତ୍ୟୁ: ଗଡ଼କରୀ



- ତ୍ରୁଟିପୂର୍ଣ୍ଣ ଡିପିଆର୍ ବଢ଼ାଉଛି ସଡ଼କ ଦୁର୍ଘଟଣା
- ବିଶ୍ୱରେ ଏକନମ୍ବର ହେବ ଭାରତର ସଡ଼କ ନେଟୱର୍କ
- ଗୁଣବତ୍ତା ପାଇଁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଆବଶ୍ୟକ
- କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠିରୁ ଓଡ଼ିଶା ପାଇଁ ୧୦୦୦ କୋଟି
- ହାଇଡ୍ରୋଜେନ ଚାଳିତ ୧୦ ପ୍ରକଳ୍ପରୁ ଓଡ଼ିଶାରେ ଗୋଟିଏ

ଭୁବନେଶ୍ୱର,୭।୧୧(ସମିସ): ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି । ହାରାହାରି ଦିନକୁ ମୃତ୍ୟୁସଂଖ୍ୟା ୪୨୦ । ତେଣୁ ଆମକୁ ପରିବହନ କ୍ଷେତ୍ରରେ ରୂପାନ୍ତରଣ କରିବାର ଆବଶ୍ୟକ ଅଛି । ପ୍ରଦୂଷଣ ମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ । ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି । ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେଶାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ । ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ।

ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନଠାରେ ୮୪ତମ ଭାରତୀୟ ସଡକ କଂଗ୍ରେସ ସମାବେଶକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶ୍ରୀ ଗଡକରୀ କହିଛନ୍ତି ଯେ ଆମେ ଟେକ୍ନୋଲୋଜି ବ୍ୟବହାର କରି ଉତ୍ତମ ମାନର ସଡ଼କ ନିର୍ମାଣ ପାଇଁ ପ୍ରୟାସ କରୁଛୁ । ଭାରତର ସଡ଼କ ନେଟୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି । ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ । ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ । ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି । ଅର୍ଥ ଖର୍ଚ୍ଚ କରିବାକୁ ହେଲେ ସକରାତ୍ମକ ଚିନ୍ତା ଓ ଚିନ୍ତା ସହ ଶୀଘ୍ର ନିଷ୍ପତ୍ତି ନେବା ଦରକାର ବୋଲି ଉଲ୍ଲେଖ କରି ସେ ଓଡ଼ିଶା ପାଇଁ ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି । ଏହାସହ ସବୁଜ ହାଇଡ୍ରୋଜେନ ଚାଳିତ ବାହନ ଚଳାଚଳ ପାଇଁ ଦେଶରେ ଯେଉଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି ସୂଚନା ଦେଇଛନ୍ତି ।

ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି । ଗୋଟିଏ ଦିନରେ ୪୨୦ ଜଣଙ୍କର ମୃତ୍ୟୁ ଘଟୁଛି । ମୃତକଙ୍କ ମଧ୍ୟରେ ୬୬ ପ୍ରତିଶତ କେବଳ ୧୮ରୁ ୩୬ ବର୍ଷୀୟ ବୟସ୍କ ରହିଛନ୍ତି । ପରିବହନ କ୍ଷେତ୍ରରେ ରୂପାନ୍ତରଣର ଆବଶ୍ୟକତା ରହିଛି । ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ । ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି । ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେସାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ । ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରିବାକୁ ମୁଁ ହାତଯୋଡି ଅନୁରୋଧ କରୁଛି ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଓଡ଼ିଶାର ଅର୍ଥନୀତିକୁ ମଜବୁତ୍ କରୁଛୁ । ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ପରିବହନ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛି । ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି । ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟର ସଡକ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାରତୀୟ ସଡକ କଂଗ୍ରେସର ସଭାପତି ପ୍ରଫେସର ମନୋରଞ୍ଜନ ପରିଡା, ମହାସଚିବ ରାହୁଲ ଗୁପ୍ତା , ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ ।

## ହେଲିକପ୍ଟର ଉଡ଼ାଣ ଅନୁମତି ପ୍ରଦାନରେ ୨ ଘଣ୍ଟା ବିଳମ୍ବ

# ବିମାନବନ୍ଦରରେ ଅପେକ୍ଷା କଲେ ନବୀନ

ଭୁବନେଶ୍ୱର,୭।୧୧(ସମିସ): ନୂଆପଡ଼ା ଗସ୍ତରେ ଯିବା ପାଇଁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିମାନବନ୍ଦରରେ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଛି । ନୂଆପଡା ଯିବା ପାଇଁ ନବୀନଙ୍କ ପାଇଁ ଯେଉଁ ହେଲିକପ୍ଟର ବ୍ୟବସ୍ଥା ହୋଇଥିଲା, ତାହାକୁ ଅନୁମତି ମିଳିବାରେ ବିଳମ୍ବ ହେତୁ ନବୀନଙ୍କ ଗସ୍ତ ବିଳମ୍ବିତ ହୋଇଥିଲା । ସକାଳ ୯ଟା ୩୦ରେ ନବୀନଙ୍କ ହେଲିକପ୍ଟର ଯିବାକୁ ଥିବା ବେଳେ ଏହାକୁ ଦିନ ୧୧ଟା ୩୦ରେ ଅନୁମତି ଦିଆଯାଇଥିଲା । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେଡି ।

ଅନ୍ୟପଟେ ନବୀନଙ୍କ ହେଲକପ୍ଟରକୁ ଜାଣିଶୁଣି କ୍ଲିଅରାନ୍ସ ଦିଆଯାଇ ନଥିବା ନେଇ ବିଜେଡି ଅଭିଯୋଗ କରିଛି । ନବୀନଙ୍କ ଲୋକପ୍ରିୟତା ଦେଖି ବିରୋଧୀ ବିଜେପି ଛାନିଆ ହୋଇଯାଇଛି । ନବୀନଙ୍କ ପ୍ରଥମ ଜନସଭା ତଥା କୋମନା ସଭା ସମୟରେ ବିଜେପି ଏହି ସଭାକୁ ଭଣ୍ଡୁର କରିବା ପାଇଁ ବହୁ ଉଦ୍ୟମ କରିଥିଲା । ଏହା ସତ୍ତ୍ୱେ ହଜାର ହଜାର ଲୋକ ଏକାଠି ହୋଇ ନବୀନଙ୍କ ହାତମୁଠାକୁ ଟାଣ କରିଥିଲେ । ଏହି ହୀନ ଉଦ୍ୟମ ସରକାରଙ୍କର ସଫଳ ହେବ ନାହିଁ ଏହାର ଜବାବ ନୂଆପଡ଼ାବାସୀ ଦେବେ ବୋଲି ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି ।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ନବୀନଙ୍କ ଫ୍ଲାଇଟ୍ ଅପରେଟର ଫ୍ଲାଇଟ୍ ପ୍ଲାନ୍ ସବମିଟ୍ କରି ନ ଥିବାରୁ ଏୟାର ଡିଫେନ୍ସ କ୍ଲିଅରାନ୍ସମିଳିନଥିଲା । ପରେ କୋଲକତାରୁ ନମ୍ବର ନିଆଯାଇଥିଲା । ଏଥିପାଇଁ ପ୍ରାୟ ୨୫ମିନିଟ୍ ବିଳମ୍ବ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ।

## ୧୦ ଦିନରେ ଠକ ଲୁଟିନେଲେ ଦେଢ଼ କୋଟି

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି ଡିଜିଟାଲ୍ ଆରେଷ୍ଟ

ଭୁବନେଶ୍ୱର, ୭।୧୧ (ସମିସ): ସାଇବର ଅପରାଧୀଙ୍କ ମାୟାଜାଲରେ ପଡ଼ି ୧୦ ଦିନରେ ପ୍ରାୟ ଦେଢ଼ କୋଟି ଟଙ୍କା ହରାଇଛନ୍ତି ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି । ଉଭୟଙ୍କୁ ୧୦ଦିନ ଧରି ଡିଜିଟାଲ୍ ଆରେଷ୍ଟ କରି ଅପରାଧୀମାନେ ଯାବତୀୟ ମାନସିକ ନିର୍ଯାତନା ଦେବା ପରେ ଉଭୟ ମାନସିକ ଭାବରେ ଭାଙ୍ଗି ପଡ଼ିଛନ୍ତି । ତେବେ ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନେ ୧୦ଦିନ ଧରି ଯୋଗାଯୋଗ କରିବାରେ ବିଫଳ ହେବା ପରେ ସହିଦ ନଗର ପୁଲିସ ସହାୟତାରେ ଦମ୍ପତିଙ୍କୁ ଉଦ୍ଧାର କରିଛି । ପୁଲିସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି । ଏହି ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନା ମୁତାବକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ ଏବଂ ତାଙ୍କ ପତ୍ନୀ ଭିଏସ୍ଏସ୍ନଗର ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି । ସେମାନଙ୍କ ପରିବାର ଅନ୍ୟ ସଦସ୍ୟମାନେ ବିଦେଶରେ ରୁହନ୍ତି । ଘରୋଇ ସହାୟକମାନେ ସବୁ ସମୟରେ ତାଙ୍କ ଘର କାମ କରିବାକୁ ଯିବା ଆସିବା କରନ୍ତି । ପତିପତ୍ନୀ ଘରେ ଥିଲା ବେଳେ ୧୦ଦିନ ତଳେ ବିଜୟଙ୍କ ଫୋନ୍‌କୁ ଏକ ଭିଡିଓ କଲ୍ ଆସିଥିଲା । ନମ୍ବରଟିରେ ଦେଶ ବାହାରର ପିନ୍ କୋଡ୍ ଥିଲା । ପ୍ରଥମେ କୌଣସି ଏକ ବାହାନା ଦେଖାଇ ଅପରାଧୀମାନେ ତାଙ୍କୁ ଡରାଇଥିଲେ । ମାତ୍ର ପରେ ସାଇବର ଅପରାଧୀମାନେ ପୁଣି ଥରେ ଭିଡିଓ କଲ୍ କରିଥିଲେ । ଏଥର କିନ୍ତୁ ସାଇବର ଅପରାଧୀମାନେ ନିଜକୁ କଷ୍ଟମ୍ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ବିଜୟଙ୍କ ନାମରେ ବିଦେଶରୁ ଏକ ପାର୍ସଲରେ ଆସିଛି । ଏହି ପାର୍ସଲରେ କିଛି ଡ୍ରଗ୍ସ କିମ୍ବା ଅପରାଧ ସମ୍ବନ୍ଧୀୟ ପଦାର୍ଥ ରହିଛି । ଏଣୁ ଏହି ମାମଲାକୁ ବମ୍ବେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି ।

ଏହାପରେ ସାଇବର ଅପରାଧୀମାନେ ମୁମ୍ବାଇ କ୍ରାଇମବ୍ରାଞ୍ଚର ଅଧିକାରୀ ବେଶରେ ଥିବା ବସନ୍ତ ନାମକ ଜଣେ ବ୍ୟକ୍ତି ସହ କଥା ହୋଇଥିଲେ । ସେମାନଙ୍କ ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ବତାଇଥିଲେ । ବିଦେଶରେ ତାଙ୍କ ପରିବାର ଲୋକେ କେଉଁଠି ରହୁଛନ୍ତି । କେଉଁ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି । ଏଭଳି କିଛି ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରି ସେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଧିକାରୀ ବୋଲି ବିଜୟଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଥିଲେ । ପାର୍ସଲଟି ମୁମ୍ବାଇ ସହରରେ ଅପରେଟ୍ କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପାର୍ସଲ । ଏହି ସିଣ୍ଡିକେଟ୍‌ରେ ଥିବା କିଛି ସଦସ୍ୟମାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ବିଜୟଙ୍କ ନାମ ନେଇଛନ୍ତି । ଏହାସହ ବିଜୟଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି । ଏଣୁ ବିଜୟଙ୍କୁ ମଧ୍ୟ ଗିରଫ କରାଯାଉଛି ବୋଲି କ୍ରାଇମବ୍ରାଞ୍ଚ ବେଶରେ ଥିବା ଅପରାଧୀ କହିଥିଲା । ତତ୍କ୍ଷଣାତ୍ ଏକ ଡିଜିଟାଲ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା । ଏହା ଦେଖି ବିଜୟ ଭାଙ୍ଗି ପଡ଼ିଥିଲେ । ମୁଁ କିଛି କରି ନାହିଁ । ମୋର କୌଣସି କ୍ରାଇମ୍ ସିଣ୍ଡିକେଟ୍ ସହ ଲିଙ୍କ୍ ନାହିଁ । ମୋର କିଛି ଦୋଷ ନାହିଁ ବୋଲି ବାରମ୍ବାର ନେହୁରା ହୋଇଥିଲେ ।

ଅପରାଧୀମାନେ ଦମ୍ପତିଙ୍କୁ ନିଜ କବଜାକୁ ନେଇ ଯାଇଥିଲେ । ସେମାନଙ୍କ ଏକାଧିକ ଡକ୍ୟୁମେଣ୍ଟ ଯାଞ୍ଚ କରୁଥିଲେ ଓ ୧୦ଦିନ ମଧ୍ୟରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଟି ନେଇଥିଲେ । ଗିରଫ ହୋଇଥିବାରୁ ସେମାନେ କାହା ସହ କଥା ହୋଇ ପାରିବେନି ବୋଲି ଧମକ ଦେଇଥିଲେ । ତାଙ୍କ ପରିବାରର ସହାୟକ ଏବଂ ସ୍ଥାନୀୟ ଲୋକେ ଯେତେ ଯୋଗାଯୋଗ କଲେ ମଧ୍ୟ ଉଭୟ ଡରରେ କବାଟ ଖୋଲି ନ ଥିଲେ । ଦିନ ବିତିବା ପରେ ଶେଷରେ ସହାୟକମାନଙ୍କୁ ସନ୍ଦେହ ହେଲା । ଏହାପରେ ସେମାନେ ପଡୋଶୀ ଏବଂ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ସହିଦନଗର ପୁଲିସ ପହଞ୍ଚିଥିଲେ ବି ସେମାନେ କବାଟ ଖୋଲି ନ ଥିଲେ । ଶେଷରେ ଛାତ ଉପରେ ଥିବା ଏକ ଗଳା ବାଟରେ ପୁଲିସ ଘର ଭିତରକୁ ପ୍ରବେଶ କରିଥିଲା । ଅପରାଧୀମାନେ ତୁରନ୍ତ କଲ୍ କାଟି ଦେଇଥିଲେ ।

# ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତ୍ୱର ପ୍ରତୀକ 'ବନ୍ଦେ ମାତରଂ': ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭।୧୧(ସମିସ): ବନ୍ଦେ ମାତରଂ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜାଗ୍ରତ କରିଥିଲା । ରାଜ୍ୟସ୍ତରୀୟ ରାଷ୍ଟ୍ରଗୀତ 'ବନ୍ଦେ ମାତରଂ'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରଂକୁ ବ୍ୟାନ୍ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ । ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ । ବନ୍ଦେ ମାତରଂ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃଜାଗ୍ରତ କରେ । ଯୁବପିଢ଼ି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହାକୁ ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

# ବାର୍‌ହା ଫାଶରେ ପଡ଼ି ଦୁଇ ଭାଇ ମୃତ

ଲକ୍ଷ୍ମୀପୁର, ୭।୧୧(ସମିସ): ବାର୍‌ହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ଫାଶରେ ପଡ଼ି ଦୁଇଜଣଙ୍କର ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପିପଲପଦର ଗ୍ରାମପଞ୍ଚାର କାନାପାଇ ଗାଁ ଜଙ୍ଗଲରେ ଏହି ଅଘଟଣ ଘଟିଛି । ମୃତକଦ୍ୱୟ ହେଲେ, ଘନିଲା ମାଣ୍ଡିଙ୍ଗା (୨୬) ଓ ତାଙ୍କର ସମ୍ପର୍କୀୟ ଭାଇ କୁମ୍ବର ହିକକା । ଗୁରୁବାର ସନ୍ଧ୍ୟାରେ ଦୁଇଭାଇ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଯାଇଥିଲେ । ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଜଳି ଯାଇଥିଲେ । ଆଜି ଏହି ଖବର ପ୍ରଘଟ ହେବା ପରେ ଲକ୍ଷ୍ମୀପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି । ଶବଦ୍ୱୟକୁ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି । ଶୁକ୍ରବାର ବିଳମ୍ବ ହେବା ଯୋଗୁଁ ଶନିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । କିଏ ଏହି ଫାଶ ବସାଇଥିଲା, ସେନେଇ ପୁଲିସ ଛିନ୍‌ଭିନ୍ ଚଳାଇଛି ।

ଉଲ୍ଲେଖଯୋଗ୍ୟ, ଏହା ଗୋଟିଏ ଘଟଣା ନୁହେଁ, କିଛି ଦିନ ତଳେ ବାର୍‌ହା ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ଲକ୍ଷ୍ମୀପୁର ବ୍ଲକ୍‌ର କିଛି ଗାଁରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର କରାଯାଉଛି । ଏହା ମଣିଷଙ୍କ ପାଇଁ କାଳ ସାଜୁଥିବା ଦେଖାଯାଉଛି ।

## ଆଇଓସିଏଲ୍ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ଜମି ମୂଲ୍ୟାୟନ ବିବାଦ

# ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ପାରାଦୀପ, ୭।୧୧ (ସମିସ): ଆଇଓସିଏଲ୍ ନାଫ୍‌ଥା କ୍ରାକର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ମୂଲ୍ୟାୟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି । ମା' ବନରାଇ କୃଷକ ଏକତା ସଂଘ ପକ୍ଷରୁ ଆଗତ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନର ବିଚାର କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି ।

ସୂଚନା ଅନୁସାରେ ଫତେପୁର ପଞ୍ଚାୟତରେ ଆଇଓସିଏଲ୍ ପ୍ରସ୍ତାବିତ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ପାଇଁ ପ୍ରାୟ ୭୨୧.୯୩ ଏକର ଜମି ଅଧିଗ୍ରହଣ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜମି ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଚାଲେଞ୍ଜ କରିଛି ବନରାଇ କୃଷକ ଏକତା ସଂଘ । ଫତେପୁର ଗ୍ରାମର ୮୬.୬୪ ଏକର ଏବଂ ପ୍ରତାପପୁର ୬୩୫.୨୯ ଏକର ଜମି ଅଧିଗ୍ରହଣ ନିମନ୍ତେ ସରକାର ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ବୋଲି ଆବେଦନରେ ଦର୍ଶାଯାଇଛି । ଚାଷୀ ସଂଗଠନ ଅନୁସାରେ ଏହି ମୂଲ୍ୟାୟନ ବର୍ତ୍ତମାନର ବଜାର ଦର ତୁଳନାରେ ଯଥେଷ୍ଟ କମ୍ । ତେଣୁ ସମସ୍ତ ପ୍ରଭାବିତ ଜମିମାଲିକଙ୍କ ଅଧିକାରକୁ ବଜାୟ ରଖି ଏକ ନିରପେକ୍ଷ ଏବଂ ସଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଆବେଦନକାରୀମାନେ ଦାବି କରିଛନ୍ତି । ଆଜିର ଚାଷୀମାନଙ୍କ ପକ୍ଷରୁ ଆଇନଜୀବୀ ଗୌରବ ଅଗ୍ରୱାଲ, ପ୍ରଣବ ଗୁପ୍ତା, ଅଭିଷେକ ଦାଶ, ଅମ୍ରିତା ମିଶ୍ର, ଆୟୁଷ ଖଣ୍ଡେଲୱାଲ ପ୍ରମୁଖ ମୂଲ୍ୟାଙ୍କନ ପ୍ରକ୍ରିୟା ମନମୁଖୀ, ଅସ୍ୱଚ୍ଛ ଏବଂ ପ୍ରାକୃତିକ ନ୍ୟାୟର ନୀତି ବିରୋଧୀ ବୋଲି ଅଦାଲତରେ ଯୁକ୍ତି ବାଢ଼ିଛନ୍ତି । ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଅଦାଲତ ନିର୍ଦ୍ଦେଶକୁ ମା' ବରନାଇ କୃଷକ ଏକତା ମଞ୍ଚ ସ୍ୱାଗତ କରିଛି ।

# ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ

ପୁରୀ, ୭।୧୧(ସମିସ): ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା । ଗୁଜରାଟର ଜଣେ ଶ୍ରଦ୍ଧାଳୁ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ବେଳେ ଜେଟିପି ଏବଂ ସେବାୟତ ତାଙ୍କୁ ଧରିଛନ୍ତି । ଯୁବକଜଣଙ୍କ ହେଲେ, ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡେ । ତାଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ କରାଯାଇଛି । ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଭରତଙ୍କୁ ପଚରାଉଚରା କରିଛି । ଅପରପକ୍ଷେ, ଏହି ଘଟଣା ପୁଣିଥରେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି । ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି । ହେଲେ ବାସ୍ତବତା କିନ୍ତୁ ଭିନ୍ନ । ଶୁକ୍ରବାର

### ଚଷମାରେ ଖଞ୍ଜା ହୋଇଥିଲା ଗୁପ୍ତ କ୍ୟାମେରା

ମନ୍ଦିର ଭିତରକୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି ।

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଭରତ ଗୁପ୍ତ କ୍ୟାମେରା ସଂଯୋଗ ଥିବା ଚଷମା ପିନ୍ଧି ମନ୍ଦିର ଭିତରକୁ ଯାଇଥିଲେ । ପ୍ରବେଶ ପଥରେ ଏହା ଜଣାପଡ଼ି ନଥିଲା । ତେବେ ଜଗମୋହନ ନିକଟରେ ସନ୍ଦେହ ହେବାରୁ ତାଙ୍କୁ ସେବାୟତ ଓ ଜେଟିପି ଧରିଥିଲେ । ତାଙ୍କୁ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରିଥିଲେ । ସିଂହଦ୍ୱାର ପୁଲିସ ଭରତଙ୍କଠାରୁ ଗୁପ୍ତ କ୍ୟାମେରା ଲାଗିଥିବା ଚଷମାକୁ ଜବତ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରାଯାଇଥିଲା । ତେବେ ଏହି ପଚରାଉଚରା କରାଯିବା ପରେ ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି । ସେପଟେ ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ ହେଲେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଇନ ନାହିଁ । କେବଳ ଜରିମାନା ଦେବାର ନିୟମ ରହିଛି । ଏଣୁ ରାଜ୍ୟ ସରକାର ଶ୍ରୀମନ୍ଦିର ଆଇନରେ ତୁରନ୍ତ ପରିବର୍ତ୍ତନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ନିୟମ ଆଣିବାକୁ ସାଧାରଣରେ ଦାବି ହୋଇଛି ।

## ସେବାୟତ ବେଶରେ ଗର୍ଭଗୃହକୁ ପଶିଲେ

ପୁରୀ,୭।୧୧(ସମିସ): ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା । ମାଳମାଳ ସୁରକ୍ଷା କର୍ମୀ ମନ୍ଦିର ଭିତରେ ଏବଂ ବାହାରେ ପଇଁତରା ମାରୁଛନ୍ତି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟୁଛି । ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ବାରମ୍ବାର ଯାଉଥିବା ବେଳେ ପ୍ରାୟ ଅଧିକାଂଶ ଦିନ ଭକ୍ତ ପକେଟ୍‌ମାରର ଶିକାର ହେଉଛନ୍ତି । ଶୁକ୍ରବାର ମନ୍ଦିର ଭିତରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି । ସେବାୟତ ବେଶରେ ଜଣେ ଶ୍ରଦ୍ଧାଳୁ ଧୁକୁଡ଼ି ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଛନ୍ତି । ଯୁବକଜଣକ ହେଉଛନ୍ତି, ଯାଜପୁର ଶାନ୍ତନୁ ମିଶ୍ର । ତାଙ୍କୁ ଅନ୍ୟ ସେବକମାନେ ଧରିବା ପରେ କଥା ପଦାକୁ ଆସିଥିଲା । ତାଙ୍କୁ ସିଂହଦ୍ୱାର ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି । ଶାନ୍ତନୁଙ୍କୁ ପୁଲିସ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ି ଦେଇଛି । କେଉଁ ପରିସ୍ଥିତିରେ ଏବଂ କାହିଁକି ସେ ଗର୍ଭଗୃହ ଭିତରକୁ ଯାଇଥିଲେ, ସେ ନେଇ ପୁଲିସ ପଚରାଉଚରା କରିଛି । ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିବା ସୂଚନା ମିଳିଛି । ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଗର୍ଭଗୃହକୁ ପ୍ରବେଶ କରିଥିବା ଜଣେ ଯୁବକଙ୍କୁ ଅନ୍ୟ ସେବକମାନେ ଧରିଥିଲେ । ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବା ପରେ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି ।

## ● ମାଲତେନ୍ତୁଲିଆ ପଞ୍ଚାୟତରେ ଦୁର୍ନୀତି

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପୋଲସରା, ୭ ।୧୧(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ମାଳାତେନ୍ତୁଲିଆ ଗ୍ରାମ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଛି। ମାଳତେନ୍ତୁଲିଆ ଗ୍ରାମରେ ବିଭିନ୍ନ ଉନ୍ନୟନ କାମ ନକରି ସ୍ଥାନୀୟ ସରପଞ୍ଚ ମିଥ୍ୟା ବିଲ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଗ୍ରାମରେ ଫେଭର ରୋଡ୍, ପୋଖରୀର ଉନ୍ନତି, ଗ୍ରାମାଞ୍ଚଳ ଷ୍ଟାଡିଅମ ନିର୍ମାଣ, ଅଙ୍ଗନବାଡି କେନ୍ଦ୍ର ଉନ୍ନତିକରଣ, ଏନଆରଜିଏସ ଭଳି ଅନେକ ଯୋଜନାରେ ନିମ୍ନମାନର କାମ ହୋଇଥିବା ଏବଂ ଆଉ କିଛି ଯୋଜନାରେ କାମ କରା ନଯାଇ ମିଥ୍ୟା ବିଲ କରି ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବିଡ଼ିଓଙ୍କୁ ଅଭିଯୋଗ କରିବା ସହିତ ଗଞ୍ଜାମ ଜିଲ୍ଲାପାଳ ଓ ଭିଜିଲାନ୍ସ ନିକଟରେ ଅଭିଯୋଗ କରାଯାଇଛି। ଦୁର୍ନୀତିର ଉଚିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଅଭିଯୋଗକୁ ନେଇ ସ୍ଥାନୀୟ ସରପଞ୍ଚ ଅସ୍ୱତ ରାଉତଙ୍କ ସହ ଯୋଗାଯୋଗ ବେଳେ ପଞ୍ଚାୟତରେ କୌଣସି ଦୁର୍ନୀତି ହୋଇନଥିବା ଓ କାମ ହିସାବରେ ବିଲ ହୋଇଥିବା ସେ କହିଛନ୍ତି। ଅନ୍ୟପଟେ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କୁ ଯୋଗାଯୋଗ ବେଳେ ଦୁର୍ନୀତି ନେଇ ଅଭିଯୋଗ ଆସିଛି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବ୍ୟାଙ୍କରେ ନକଲି ସୁନା ରଖି ୮୫ଲକ୍ଷ ଋଣ; ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲିଗୁଡା, ୭।୧୧(ସମିସ)

ବାଲିଗୁଡା ୟୁକୋ ବ୍ୟାଙ୍କରୁ ନକଲି ଅଳଙ୍କାର ରଖି ୮୫ଲକ୍ଷ ୮୬ ହଜାଇ ଟଙ୍କା ଋଣ ଉଠାଇ ନେଇଥିବା ଘଟଣାର ଆଜି ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାକୁ ନେଇ ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।

ସୂଚନା ପ୍ରକାରେ, ଅଭିଯୁକ୍ତ ପି. ସତ୍ୟରାମ ଆଚାରୀଙ୍କ ଏକ ସୁନା ଅଳଙ୍କାର ଦୋକାନ ବାଲିଗୁଡାରେ ଥିଲା। ସେ ବାଲିଗୁଡା ୟୁକୋ ବ୍ୟାଙ୍କରେ ଗତ କିଛିବର୍ଷ ଧରି ଆପ୍ରାୟଜର ଭାବରେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହାର ସୁଯୋଗ ନେଇ ଚତୁରତାର ସହ ନିଜର ସୁନା ଦୋକାନରେ କାମ କରୁଥିବା ୩ କର୍ମଚାରୀଙ୍କ ନାମରେ ୧୪ ଗୋଟି ନକଲି ସୁନା ଅଳଙ୍କାର ବନ୍ଧକ ରଖି ୮୫ ଲକ୍ଷ ୮୬ ହଜାର ଟଙ୍କା ଋଣ ନେଇଥିଲେ। ଅପାଠୁଆ କର୍ମଚାରୀ ମାନଙ୍କ ଠାରୁ ଚତୁରତାର ସହ ଋଣ ଟଙ୍କା ତାଙ୍କ ବ୍ୟାଙ୍କ ଖାତାରୁ ଉଠାଇ ନେଇଯାଉଥିଲା। ଯାହାକି କର୍ମଚାରୀମାନେ ଜାଣିପାରୁ ନଥିଲେ। ଏହାକୁ ନେଇ ଗତ ମେ' ୨୧ ଦିନ ବାଲିଗୁଡା ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ମାନସ ରଂଜନ ନାୟକ ବ୍ୟାଙ୍କରେ ନକଲି ସୁନା ଅଳଙ୍କାର ରଖି ଋଣ ନେଇଥିବା ନେଇ ଏତଲା ଦେଇଥିଲେ। ମାମଲା ରୁଜୁକରି ବାଲିଗୁଡ଼ା ପୁଲିସ ତଦନ୍ତ ଚଳାଇଥିଲା। ଖବର ପାଇ ଅଭିଯୁକ୍ତ ଆଚାରୀ ଫେରାର ହୋଇଯାଇଥିଲା। ସେ ବ୍ରହ୍ମପୁରରେ ଥିବା ଖବର ପାଇ ପୁଲିସ ଚଢ଼ଉ କରି ଧରିବାରେ ସଫଳ ହୋଇଛି।


ବ୍ରହ୍ମପୁରରୁ ଗିରଫ କଲା ବାଲିଗୁଡ଼ା ପୁଲିସ

ଅଭିଯୁକ୍ତର ବ୍ୟାଙ୍କ ପାସ୍‌ବୁକ ଜବତ କରାଯାଇଛି କିନ୍ତୁ ସେଥିରେ ୧ଲକ୍ଷ ଟଙ୍କା ଥିବା ସୂଚନା ମିଳିଛି। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ତେବେ ବାଲିଗୁଡାର କିଛି ବ୍ୟକ୍ତିଙ୍କ ଠାରୁ ମଧ୍ୟ ଏହି ଅଭିଯୁକ୍ତ ଲକ୍ଷାଧିକ ଟଙ୍କା ଧାର ନେଇଛି ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ, ସୁନାରୁଣ ନେବାର ଋଣ ଅବଧି ଶେଷ ପରେ ବ୍ୟାଙ୍କ ପକ୍ଷରୁ ୨୦୨୪ ଜୁଲାଇରେ ଖୋଲତାଡ଼ କରିଥିଲେ। ଋଣ ନେଇଥିବା କର୍ମଚାରୀ ଏତେ ଟଙ୍କା ସୁଝିବାକୁ ଅସମର୍ଥ ହେବା ପରେ ସେମାନେ ଜଣାଇବାପରେ ସେମାନେ ବ୍ୟାଙ୍କରେ ରଖିଥିବା ସୁନାର ମାନ ଅନ୍ୟ ଜଣେ ସୁନାରି ଦ୍ୱାରା ଯାଞ୍ଚ କରାଇଥିଲେ। ଯାଞ୍ଚବେଳେ ବନ୍ଧକ ସୁନା ଅଳଙ୍କାର ନକଲି ବୋଲି ଜଣାପଡିଥିଲା। ୨୦୨୪ ସେପ୍ଟେମ୍ବର ମାସରେ ଫୁଲବାଣୀ ୟୁକୋବ୍ୟାଙ୍କର ସହକାରୀ ପରିଚାଳକ ଓ ଭଞ୍ଜନଗର ଜଣେ ସୁନାରି ବାଲିଗୁଡା ୟୁକୋ ବ୍ୟାଙ୍କରେ ପହଞ୍ଚି ପୁନର୍ବାର ସୁନାର ଯାଞ୍ଚ କରିଥିଲେ। କିନ୍ତୁ ଏହି ଘଟଣାରେ ବ୍ୟାଙ୍କର କିଛି କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ବୋଲି ମଧ୍ୟ କହିଛନ୍ତି ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ।

## ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଜାରି




କୁକୁଡ଼ାଖଣ୍ଡି, ୭ ।୧୧(ସମିସ): ୮ଦଫା ଦାବି ନେଇ ଗୁରୁବାର ଠାରୁ ରାଜ୍ୟର ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ କଳା ବ୍ୟାଜ ପିନ୍ଧି ଆନ୍ଦୋଳନ କରୁଛନ୍ତି। ଏହି କ୍ରମରେ ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁରରେ ଥିବା କବିରାଜ ଅନନ୍ତ ତ୍ରିପାଠୀ ଶର୍ମା କଲେଜ ଛାତ୍ରଛାତ୍ରୀଙ୍କ ସହ ହାଉସ ସର୍ଜନ ମାନେ ମଧ୍ୟ ପ୍ରତିବାଦ କରିଥିଲେ। ଉକ୍ତ କଲେଜର ସହକାରୀ ସମ୍ପାଦକ ବିଶ୍ୱଜିତ ରଣାଙ୍କ ନେତୃତ୍ୱରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଓ ହାଉସ ସର୍ଜନ ଅଂଶଗ୍ରହଣ କରିଥିଲେ। ନୂଆ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପୋଷ୍ଟ ସୃଷ୍ଟି, ପିଜି ଓପିଏଚଡ଼ି ସିଟ ବଢାଇବା ଭଳି ଆଠ ଦଫା ଦାବି ରହିଛି। ଶୁକ୍ରବାର ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ଛାତ୍ରଛାତ୍ରୀ ମାନେ ଆୟୁଷ ନିର୍ଦ୍ଦେଶକ, ଜିଲ୍ଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ, ଜିଲ୍ଲା ହୋମିଓପାଥି ଚିକିତ୍ସା ଅଧିକାରୀ ଓ ସରକାରୀ ଡାକ୍ତରଖାନାର ଡେପୁଟି ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ନିଜ ଦାବି ସମ୍ପର୍କରେ ଜଣାଇଛନ୍ତି।

## ଟ୍ରେନ୍‌ରୁ ପଡ଼ି ଶ୍ରମିକ ମୃତ

ଛତ୍ରପୁର, ୭ ।୧୧(ସମିସ): ଆଉ କିଛିଘଣ୍ଟା ପରେ ଘରେ ପହଞ୍ଚିଥାନ୍ତେ, କିନ୍ତୁ ଘରକୁ ଶବ ହୋଇ ଫେରିଲେ। ଏପରି ଘଟଣା ଛତ୍ରପୁର ବ୍ଲକ ସୁନ୍ଦରପୁର ଅଞ୍ଚଳରେ ଘଟିଛି।



ସୁନ୍ଦରପୁର ତଳସାହି ଶଙ୍କର ପ୍ରଧାନଙ୍କ ସାନ ପୁଅ ସୂର୍ଯ୍ୟ ନାରାୟଣ ପ୍ରଧାନ(୨୬) ଚେନ୍ନାଇରୁ ଟ୍ରେନ ଯୋଗେ ଘରକୁ ଫେରୁଥିବା ବେଳେ ଆନ୍ଧ୍ରପ୍ରଦେଶ କାକିନଡ଼ା ନିକଟରେ କୌଣସି କାରଣବସତଃ ଟ୍ରେନରୁ ଖସି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଟ୍ରେନରେ ବାପା, ମା ଓ ସୂର୍ଯ୍ୟନାରାୟଣ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ୧୯ ନଂ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କାଳିଆ ନାହାକ ଘଟଣାସ୍ଥଳରେ ପହଞ୍ଚି ଶବ କିପରି ନିଜ ଭିଟାମାଟିକୁ ଫେରିବ ବ୍ୟବସ୍ଥା କରିବା ସହ ଜିଲ୍ଲା ପ୍ରଶାସନକୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲାଦର ମନୋଜ ପ୍ରଧାନ ମୃତକଙ୍କ ଘରେ ପହଞ୍ଚି ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କାର ରେଡକ୍ରସରୁ ସହାୟତା ପ୍ରଦାନ କରିଥିଲେ।

## କୋଠିଶାଳ ଯାତ୍ରା ଉଦଯାପନୀ ଉତ୍ସବ

କବିସୂର୍ଯ୍ୟନଗର, ୭ ।୧୧(ସମିସ): ବଡଆଗୁଳ କୋଠିଶାଳ ଯାତ୍ରା ଉପଲକ୍ଷେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଉଦ୍‌ଯାପନ ଦିବସରେ ଗଞ୍ଜାମ ଜିଲ୍ଲା ମହାଗୁଡ଼ା ମା'ମଙ୍ଗଳା କୋଠୀଶାଳ ଗାହାଣ ଦଳକୁ ନେଇ ଅଷ୍ଟାଦଶ ପୁରାଣର ଜଗନ୍ନାଥ ସଂସ୍କୃତିର ମା ମଙ୍ଗଳା ଯଜ୍ଞ ବା ପଞ୍ଚଯଜ୍ଞ ଉପରେ ଦିନତମାମ ଢ଼ଣ କୋଲା ସହ ଏକ ଗାହାଣି ଗଣ୍ଠି ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଗ୍ରାମର ମଝିଦାଣ୍ଡ ତଥା କୋଠିସାଳ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଗାୟକ ଭୋବାନି ସାବତ, ସାଥୀ ବାଉରୀ ବନ୍ଧୁ ଜେନା, କିଶୋର ଚନ୍ଦ୍ର ଗୌଡ଼, ବଂଶୀଧର ସ୍ୱାଇଁ, ସତ୍ୟ ମହାନ୍ତି, ଭଜରାମ ସେଠି ଓ ରୋହିତ ନାହାକଙ୍କ ସମେତ ମା'ମଙ୍ଗଳା କୋଠିସାଳ ଗାହାଣ ଦଳ ଏହାକୁ ପାରାୟଣ କରିଥିଲେ। ଏଥିରେ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାଳସୀ କମିଟି ବୃନ୍ଦ ଓ ସହଯୋଗୀଙ୍କ ସହାନୁଭୂତିରେ ମୁଖ୍ୟ ଗାହାଣୀ ଭୋବାନୀ ସାବତଙ୍କୁ ମା'ମଙ୍ଗଳା କୋଠିସାଳ ମହୋତ୍ସବ କମିଟି ଦ୍ୱାରା ଗାୟକ ରତ୍ନ ଉପାଧିରେ ସମ୍ବର୍ଦ୍ଧିତ କରିଥିଲେ। ଗାହାଣୀ ଗାୟକ ଶ୍ରୀ ସାବତଙ୍କୁ କମିଟି ସଦସ୍ୟ କୁମୁଦ ପରିଡ଼ା ଉପାୟନ ଉପଢ଼ୌକନ ଦେଇ କମିଟି ସଭାପତି ଗୋପାଳ ଚନ୍ଦ୍ର ବିଶ୍ୱାଳ ମାନପତ୍ର ପ୍ରଦାନ କରିଥିଲେ। ଯାତ୍ରା କମିଟିର ଉପଦେଷ୍ଟା ବାଳକୃଷ୍ଣ ପଟ୍ଟନାୟକଙ୍କ ସଂଯୋଜନାରେ ମାନପତ୍ର ପଠନ କରିଥିଲେ। ତା'ସହିତ କମିଟି ସମ୍ପାଦକ ଶିଳ୍ପ ଉଦ୍ୟୋଗୀ ଗଜ ବିଶ୍ୱାଳ, ସଭାପତି ସୁଶାନ୍ତ କୁମାର ପ୍ରଧାନ, ସମାଜ ସେବୀ ଅରସୁଲ ବିଶ୍ୱାଳ, ଶ୍ରୀହରି ବିଶ୍ୱାଳ, ବାଉରୀ ସ୍ୱାଇଁ, ଅର୍ଜୁନ ପ୍ରଧାନ, ଭାସ୍କର ସ୍ୱାଇଁ ଏବଂ ସମିତି ସଭ୍ୟ ପ୍ରତିନିଧି ହରି ନାହାକ ସରପଞ୍ଚ ପ୍ରତିନିଧି କିରଣ କୁମାର ସେଠି ପ୍ରମୁଖ ମାନ୍ୟଗଣ୍ୟ ଏବଂ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ଭବାନୀ ସାବତଙ୍କୁ ଗାୟକ ରତ୍ନ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର କମିଟି ସଭାପତି ନବୀନ ପଟ୍ଟନାୟକ କମ୍ପେରେଶ୍ ମାଧ୍ୟମରେ ଧନ୍ୟବାଦ୍ ପ୍ରଦାନ କରିଥିଲେ।



## ଅକ୍ଟୋବର ବିପ୍ଳବ ଦିବସ ପାଳିତ

ଛତ୍ରପୁର, ୭ ।୧୧(ସମିସ): ଇସକଫ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନ ଠାରେ ଆଇନଜୀବୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅକ୍ଟୋବର ବିପ୍ଳବ ଦିବସ ପାଳନ ହୋଇଯାଇଛି।

ଏଥିରେ ଇସକଫର ରାଜ୍ୟ ସଭାପତି ମଣ୍ଡଳୀ ସଦସ୍ୟ ତଥା ବରିଷ୍ଠ ଓକିଲ ଗୋକୁଳ ଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ କୈଳାଶ ଚନ୍ଦ୍ର ପଲାଇ, ଛତ୍ରପୁର ଓକିଲ ସଂଘ ସମ୍ପାଦକ ଏସ ଶ୍ୟାମ କୁମାର ରାଓ, ଇସକଫ ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ନୀଳକଣ୍ଠ ଦାଶ, ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଗୁରୁନାଥ ପ୍ରଧାନ ଓ ସୀମାଞ୍ଚଳ ପଲାଇ ପ୍ରମୁଖ ଉଦବୋଧନ ଦେଇ ରୁଷିଆରେ ଜୁଲିୟାନ କେଲଣ୍ଡର ପ୍ରକାରେ ଅକ୍ଟୋବର ୨୫ ତାରିଖ ୧୯୧୭ ର ବିପ୍ଳବ ତଥା ନୂତନ ଗ୍ରିଗୋରିଆନ କଲେଣ୍ଡର ପ୍ରକାରରେ ନଭେମ୍ବର ୭ ତାରିଖ ର ଆନ୍ଦୋଳନ ରୁଷିୟାରେ ଭାଦିମିର ଲେନୀନଙ୍କ ନେତୃତ୍ୱରେ ଏକ ସମାଜବାଦୀ ରାଷ୍ଟ୍ର ଗଠନ ପୂର୍ବକ ମଣିଷର ଆବଶ୍ୟକତା ଅନୁଯାୟୀ ଭୋଗ କରିବା ଓ କ୍ଷମତାନୁଯାୟୀ କାର୍ଯ୍ୟ କରିବା ପ୍ରଣୟନ କରିବା ସହ ପୃଥିବୀରେ ସମାଜବାଦ ଦେଶ କଣ କରିପାରେ ଶିକ୍ଷା ଦେଇଥିଲେ।



## ନିର୍ବାଚନ କମିଶନରଙ୍କ ଚମାଖଣ୍ଡି ପଞ୍ଚାୟତ ଗସ୍ତ

ଛତ୍ରପୁର, ୭ ।୧୧(ସମିସ): ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତ୍ରୁଟିହୀନ, ସ୍ୱଚ୍ଛ ଓ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତିକରଣ ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଗୋଟିଏ ପଞ୍ଚାୟତକୁ ଏକ ପାଇଲଟ ପ୍ରଜେକ୍ଟ ଭାବେ ନିଆଯାଇଛି। ଜିପିଡିଓ (ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ) ଏବଂ ପିଇଓ( ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ) ଓ ବିଏଲଓ ଘରକୁ ଘର ବୁଲି ସର୍ଭେ କରିବେ। ଗଞ୍ଜାମ ଜିଲାର ଚମାଖଣ୍ଡି ପଞ୍ଚାୟତକୁ ପାଇଲଟ ପ୍ରଜେକ୍ଟ ଭାବେ ନିଆଯାଇଛି। ଏହି ଅବସରରେ ଆଜି ରାଜ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢୀ ଗଞ୍ଜାମ ଜିଲ୍ଲା ଗସ୍ତ କରି ଚମାଖଣ୍ଡି ପଞ୍ଚାୟତକୁ ଆସିଥିଲେ। ଘରକୁ ଘର ବୁଲି ଯେଉଁ ସର୍ଭେ ହୋଇଥିଲା ତାହାର ତଥ୍ୟ ସଂପର୍କରେ ଜିପିଡିଓ, ପିଇଓ, ବିଏଲଓଙ୍କୁ ପଚାରି ବୁଝିଥିଲେ। ଏହି ସର୍ଭେରେ ୭ଟି ବିଏଲଓ ଚମାଖଣ୍ଡିର ୧୪ଟି ୱାର୍ଡ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ପରିବାରର ସମସ୍ତ ଭୋଟରଙ୍କୁ ଏକାଠି କରି ଭୋଟର ତାଲିକାରେ ଏକ ଜାଗାରେ ସେମାନଙ୍କ ଘର ନମ୍ବର ଦେଇ ସଠିକ କ୍ରମ ଅନୁସାରେ ରଖିବା ଏହି ପାଇଲଟ ସର୍ଭେର ମୁଖ୍ୟ ଲକ୍ଷ୍ୟ। ନିର୍ବାଚନ କମିସନର ପରିଦର୍ଶନ ବେଳେ ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଚମାଖଣ୍ଡି ସରପଞ୍ଚ ସିଏଚ.ମନୋଜ ରେଡ୍ଡି, ଜିପିଡିଓ ସୁଦୀପ୍ତ ପଟ୍ଟନାୟକ, ବିଏଲଓ ସୁପରଭାଇଜର ବିଷ୍ଣୁ ନାରାୟଣ ପଣ୍ଡା, ସୁରେଶ ମହାନ୍ତି, ପିଇଓ ଦଣ୍ଡପାଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଲାଗିଲା ସିସିଟିଭି; ସାବାଡ଼ ହେବେ ଅପରାଧୀ

ଆସିକା, ୭ ।୧୧(ସମିସ): ବିଜ୍ଞାପିତ ଅଞ୍ଚଳ ପରିଷଦରୁ ମ୍ୟୁନିସିପାଲିଟିରେ ପରିଣତ ହେଲା ଆସିକା ସହର। ଆଉ ସହରର ବିଭିନ୍ନ ଛକ ସ୍ଥାନରେ ଲଗା ଯାଉଛି ସିସି କ୍ୟାମେରା। ସହରର ତାଲୁକା ଛକ, ସୁନାମ୍ବ ସାହି ଛକ, କଳିଙ୍ଗ ରୋଡ଼ ବାଣୀବିହାର, ବିନାୟକ ବଜାର, ଲକ୍ଷ୍ମୀ ବଜାର, ଏମଜି ରୋଡ଼ ଏଭଳି ବିଭିନ୍ନ ଜନ ଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ୧୧୦ଟି ସିସିଟିଭି କ୍ୟାମେରା ଲାଗିବ। ଏଥିପାଇଁ ସାଂସଦଙ୍କ ହାତ ପାଣ୍ଠିରୁ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ହେବ। ସିସିଟିଭି ଲାଗିବା ଦ୍ୱାରା ଆସିକାର ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ଅସାମାଜିକ କାର୍ଯ୍ୟକଳାପ ଉପରେ ଅଙ୍କୁସ ଲାଗିବା ସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ରେ ସହଯୋଗ ହୋଇ ପାରିବ। ଚୋରି ଲୁଟସହ ଦୁର୍ଘଟଣା ଭଳି ଅନେକ ବେଆଇନ କାର୍ଯ୍ୟ କଳାପକୁ ନେଇ ସିସିଟିଭି ଲଗା ଯାଉଥିବା ବେଳେ ପୁଲିସକୁ ଶୀଘ୍ର ସଫଳତା ମିଳିବ। ଅପରାଧ ଘଟାଇ ଅପରାଧୀ ଫେରାର ହେବା ଆଦି କାର୍ଯ୍ୟରେ ପୁଲିସକୁ ଶୀଘ୍ର ସଫଳତା ମିଳିବ ବୋଲି ଆସିକା ଏସଡିପିଓ ସନ୍ତୋଷ ଜେନା କହିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଜିଲ୍ଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ

ଛତ୍ରପୁର, ୭ ।୧୧(ସମିସ)

ଶୁକ୍ରବାର ସ୍ଥାନୀୟ ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଛାୟା ଲୋକସଭା (ସଂସଦ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୩୯ଟି ପିଏମଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଛାୟା ଲୋକସଭା(ସଂସଦ) ଅଧିବେଶନ ପାଇଁ ସଦସ୍ୟ ଗଠନ କରାଯାଇଥିଲା। ଛାତ୍ର ଲୋକସଭା ଅଧିବେଶନ ଶୁକ୍ରବାର ଦିନ ୧୧ଟା ବେଳେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ପରିସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସମେତ ବିଭିନ୍ନ ବିଭାଗର ପ୍ରଶ୍ନକାଳ ରହିଥିଲା। କିଛି ସମୟ ଅଭିନୟ କରୁଥିବା ଛାତ୍ରଛାତ୍ରୀ ଗୃହକୁ ମୁଲତବି ରଖିଥିଲେ। ପ୍ରଧାନମନ୍ତ୍ରୀ, ଶାସକ ଦଳର ବିଭିନ୍ନ ବିଭାଗର ମନ୍ତ୍ରୀମାନେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଭାବେ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ପ୍ରସଙ୍ଗ ନେଇ ଅନ୍ୟପଟେ ବିରୋଧୀ ଦଳର ନେତା ସରକାରଙ୍କୁ ଘେରିବା ସହ କେତେକ ସମସ୍ୟା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଶାସକ ଦଳ ବିରୋଧୀଙ୍କୁ ମୁକାବିଲା କରି କାଉଣ୍ଟର ରଣନୀତି କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଅଧିକାରୀ ଅଜୟ କୁମାର ପାତ୍ର ଅଧକ୍ଷତା କରିଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡିଶା ୨୦୩୬ ଲକ୍ଷ୍ୟ ସାକାର କରିବାରେ ଅଂଶଗ୍ରହଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଭାତୀ କୁମାରୀ ମହାପାତ୍ର, ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ, ସମଗ୍ର ଶିକ୍ଷା ଅଭିଯାନର ଆର୍ଥିକ ପରାମର୍ଶଦାତା ମଧୁସୂଦନ ପରିଡା ମଞ୍ଚାସୀନ ଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଯୋଜନା ସଂଯୋଜିକା ସାବିତ୍ରୀବାଳା ଦାଶ ଓ ଅନୁସୂଚିତ ଜାତି/ ଜନଜାତି ଜିଲ୍ଲା ସଂଯୋଜକ ଡ଼ ସରୋଜ ମୋହନ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଶିକ୍ଷା ଶାସ୍ତ୍ର ସଂଯୋଜକ ଡ଼ ସନ୍ତୋଷ କୁମାର ପଣ୍ଡା, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ତପନ କୁମାର ସାହୁ, ବାଳିକା ଶିକ୍ଷା ସଂଯୋଜକ ଜ୍ୟୋତି ପ୍ରକାଶ ରଥ, ଏମଆଇ ଏସ ସଂଯୋଜକ ପ୍ରଦୀପ କୁମାର ଖଟେଇ ସହଯୋଗ କରିଥିଲେ। ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।




## କୋମଣ୍ଡରେ ବ୍ୟାପୁଛି କିଡ୍‌ନୀ ରୋଗ


# ତିନି ମାସରେ ୩ ମୃତ; ୨୦ ଆକ୍ରାନ୍ତ

ଖଲ୍ଲିକୋଟ, ୭ ।୧୦(ସମିସ)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୋମଣ୍ଡ ଗ୍ରାମରେ କିଡ଼ନୀ ରୋଗ ବ୍ୟାପୁଛି। ଫଳରେ ଗତ ୩ ମାସ ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୦ରୁ ଅଧିକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ପାଣି ଯୋଗୁଁ କିଡନୀ ରୋଗ ହେଉଥିବା ଅଭିଯୋଗ ହେଉଥିବା ବେଳେ କାରଣ କିନ୍ତୁ ଅସ୍ପଷ୍ଟ ରହିଛି। ଯୁବକଙ୍କ ଠାରୁ ବୃଦ୍ଧ ସମସ୍ତେ କିଡନୀ ରୋଗରେ ଆକ୍ରାନ୍ତ। ଭୟରେ ପୁରା ଗାଁ। ଦିନକୁ ଦିନ ଏହି ଗାଁରେ ବୃଦ୍ଧି ପାଉଛି କିଡନୀ ରୋଗୀଙ୍କ ସଂଖ୍ୟା। ଏହି ଗାଁରେ ୩୫୦ ପରିବାର ବସବାସ କରୁଥିବା ବେଳେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏହି ଗାଁର ଅଧିକାଂଶ ଲୋକ ତେଲୁଗୁ ସମ୍ପ୍ରଦାୟର ହୋଇଥିବା ବେଳେ କିଛି ଲୋକ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରେ ରହୁଥିବା ଦେଖିବାକୁ ମିଳିଛି। କିନ୍ତୁ ବଡ କଥା ଏହା ଯେ ଏହି ଗାଁରେ ଗତ ୩ ମାସ ମଧ୍ୟରେ ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ମଧ୍ୟରେ କିଡନୀ ରୋଗ ଚିହ୍ନଟ ହୋଇଛି। ହାତ, ପାଦ, ମୁହଁ ଫୁଲିବା ଓ ଜ୍ୱର ଭଳି ଲକ୍ଷଣ ଦେଖା ଯାଉଛି। ପରୀକ୍ଷା ପରେ ଜଣା ପଡୁଛି କିଡନୀ ରୋଗ। ଗତ ୩ ମାସରେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମର ଆର.ଦୀପକ ରେଡ୍ଡୀ (୨୩), ବି. ଜଗନ୍ନାଥ ଦୋରା, କେ. ସାକିଲି ରେଡିଙ୍କ ମୃତ୍ୟୁ ଘଟିଥିବା କହିଛନ୍ତି କୋମଣ୍ଡ ପଂଚାୟତର ନାଏବ ସରପଞ୍ଚ ସୁନୀଲ ମହାଙ୍କୁଡ।

ସେହିଭଳି ଏହି ଗାଁର ସୂର୍ଯ୍ୟନାରାୟଣ ବେହେରା, ସୁରେନ୍ଦ୍ର ବାଉତ୍ୟା, ଲକ୍ଷ୍ମୀଧର ବେହେରା, ନେତ୍ର ମୋହନ ଦାଶ, ହେମ ରେଡି ଭଳି ୨୦ରୁ ଊର୍ଦ୍ଧ୍ୱ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଖଲ୍ଲିକୋଟ, ବ୍ରହ୍ମପୁର, କଟକ, ବିଶାଖାପାଟଣା ପ୍ରଭୃତି ମେଡିକାଲରେ ଚିକିତ୍ସିତ ହୋଇ ଫେରିଛନ୍ତି। ଅଭିଯୋଗ ପରେ ଖଲ୍ଲିକୋଟରୁ ଡାକ୍ତର କରୁଣାକର ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ କୋମଣ୍ଡ ଗ୍ରାମକୁ ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରିଛନ୍ତି। ତେବେ ରୋଗ ବ୍ୟାପିବାର କୌଣସି କାରଣ ଜଣାପଡ଼ିନାହିଁ। ତେବେ ଗାଁରେ ଆସୁଥିବା ବସୁଧା ଯୋଜନା ପାଣି ଓ ଟ୍ୟୁବଲ୍ ପାଣିରୁ ଏହା ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେପଟେ ବିଡ଼ିଓ ଦେବାଶିଷ ସାମଲ କହିଛନ୍ତି ବିଭାଗୀୟ ଅଧିକାରୀଙ୍କୁ ପାଣି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀକାନ୍ତ କୁମାର ମହାନ୍ତି
କାଳୀମେଘା, ତିହିଡ଼ି, ଭଦ୍ରକ
ଆବିର୍ଭାବ : ୨୫-୦୫-୧୯୬୨ / ତିରୋଧାନ : ୦୮-୧୧-୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ପୁତ୍ର-ମାନବେଶ, କନ୍ୟା- ଶ୍ରୀବଲ୍ଲୀ, ବନ୍ଧୁ ଓ ପରିବାରବର୍ଗ

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ଯୁବକ ଗିରଫ

ବ୍ରହ୍ମପୁର,୭।୧୧(ସମିସ): ବିବାହ ପ୍ରତିଶ୍ରୁତି ଦେଇ ଜୈନିକା ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବଲାଙ୍ଗିର ଲୋଇସିଙ୍ଗ ଗ୍ରାମର ଆଶିଷ ରଞ୍ଜନ ନନ୍ଦ(୩୬)। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ସହ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଆଶିଷ ରଞ୍ଜନ ନନ୍ଦଙ୍କର ୨୦୧୬ରେ ସୋସିଆଲ ମିଡିଆରେ ବନ୍ଧୁତା ହୋଇଥିଲା। କିଛିଦିନର କଥାବାର୍ତ୍ତା ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଆଶିଷ ଯୁବତୀଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିଛିଦିନ ମିଳାମିଶା ପରେ ଆଶିଷ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ବିଭିନ୍ନ ଜାଗାକୁ ବୁଲାବୁଲି କରିବାକୁ ମଧ୍ୟ ଯାଇଥିଲେ। ଏବେ କିଛିଦିନ ହେଲା କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଆଶିଷ ବିବାହ ପାଇଁ ମନା କରିଥିଲେ। ଫଳରେ ଯୁବତୀ ଜଣକ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଆଶିଷକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଶିକ୍ଷକ ନେତା ଅବନୀ ବରାଳଙ୍କ ଶ୍ରଦ୍ଧାଞ୍ଜଳି ସଭା



ବ୍ରହ୍ମପୁର,୭।୧୧(ସମିସ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରାଣ ପ୍ରତିଷ୍ଠାତା, ଆଜୀବନ ସାଧାରଣ ସମ୍ପାଦକ ସ୍ୱର୍ଗତ ଅବନୀ ବରାଳଙ୍କ ଦ୍ୱାଦଶତମ ସ୍ମୃତି ସମାରୋହ ଗଞ୍ଜାମ ଜିଲ୍ଲା ଶିକ୍ଷକ ମହାସଂଘ ତରଫରୁ ସ୍ଥାନୀୟ ଏନ୍‌ଜିଓ ହଲରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳେଇଙ୍କ ସଂଯୋଜନାରେ ପରିଚାଳିତ ଏହି ସଭାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ଅବନୀ ବରାଳଙ୍କ ଶିକ୍ଷକ, ଶିକ୍ଷ୍ୟାୟତନର ଉନ୍ନତି ପାଇଁ ଆଜୀବନ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ମଞ୍ଚର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଦେବହରି ମହାନ୍ତି, ରାଜେନ୍ଦ୍ର କୁମାର ପଣ୍ଡା, ବିଜୟ କୁମାର ବେହେରା, କୈଳାଶ ବେହେରା, କେ. କୃଷ୍ଣମୂର୍ତ୍ତି, ଲୋକନାଥ ପରିଡା, ଇ. କନ୍ୟାକୁମାରୀ, ମିହିର ମହାପାତ୍ର ପ୍ରମୁଖ ଅବନୀ ବାବୁଙ୍କ ଶିକ୍ଷା ଓ ଶିକ୍ଷକଙ୍କର ବୃତ୍ତିଗତ ଓ ଗୁଣାତ୍ମକ ବୃଦ୍ଧି ପାଇଁ ପ୍ରେରଣା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଯୋଗିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ଶିବିର




ବ୍ରହ୍ମପୁର,୭।୧୧(ସମିସ): ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତିକରଣ ଶିବିର ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆସିକା ଡିଭିଜନର ସୁପେରିଟେଣ୍ଡେ ଅଫ୍ ପୋଷ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲ୍ଲୀପ କୁମାର ବେହେରା, ଆସିକା ବ୍ୟବସାୟ ପରିଚାଳକ ବିଭୁ ପ୍ରସାଦ ସେଠୀ, ବ୍ରହ୍ମପୁର ସିନିୟର ବ୍ରାଞ୍ଚ ମ୍ୟାନେଜର୍ ଅଫ୍ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସମ୍ପତ ଭେଙ୍କଟରମଣ, ପୋଷ୍ଟାଲ୍ ଲାଇଫ୍ ଇନସୁରାନ୍ସ ଡେଭେଲପମେଣ୍ଟ ଅଫିସର ରୁଦ୍ର ଶଙ୍କର ସାହୁ, ବ୍ରହ୍ମପୁର ଉପଖଣ୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତି କୁମାରୀ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ। ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଉପକାରିତା, ସାଇବର୍ ଫ୍ରଡ ଆଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

## ମହିଳାଙ୍କ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୭।୧୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ସାନ ଗୋଦରା ବନ୍ଧ ଠାରେ ମହିଳାଙ୍କ ଠାରୁ ସୁନା ଚେନ ଲୁଟ୍ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ ଚାଣକ୍ୟ ନଗର ଅଞ୍ଚଳରେ ଜଣେ ମହିଳା ଏକ ଘରୋଇ କ୍ଲିନିକରେ କାମ କରନ୍ତି। ସେ ଅପରାହ୍ନରେ ସାନ ଗୋଦରା ବନ୍ଧ ନିକଟ ଦେଇ ଯାଉଥିବା ବେଳେ ଏକ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଆସି ସେ ପିନ୍ଧିଥିବା ସୁନା ଚେନ୍ ଝାମ୍ପି ନେଇ ପଳାଇଥିଲେ। ମହିଳା ଜଣକ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ବ୍ରହ୍ମପୁର ପୁଲିସ ଜିଲ୍ଲାରେ ସାଇବର ସୁରକ୍ଷା ସଚେତନତା ଅଭିଯାନର ଶୁଭାରମ୍ଭ

# 'ସଚେତନ ନ ହେଲେ କଷ୍ଟାର୍ଜିତ ଧନ ଓ ସମ୍ମାନ ହାନି ହେବ'

ବ୍ରହ୍ମପୁର,୭ ।୧୧(ସମିସ)

ଡିଜିଟାଲ ଦୁନିଆରେ ଦିନକୁ ଦିନ ବଢିବାରେ ଲାଗିଛି ସାଇବର ଅପରାଧ। ଅଜାଣତରେ ଲୋକେ ନିଜର ତଥ୍ୟ ଅପରିଚିତ ଲୋକଙ୍କୁ ଦେଇ ଠକେଇର ଶୀକାର ହେଉଛନ୍ତି। ପିଲାଙ୍କ ଠାରୁ ବୟସ୍କ କେହି ମଧ୍ୟ ଠକଙ୍କ କବଳରୁ ବାଦ୍ ପଡୁନାହାନ୍ତି। ଫଳରେ ଲୋକଙ୍କ କଷ୍ଟାର୍ଜିତ ଧନସମ୍ପତ୍ତି ସହିତ ସାମାଜିକ ସମ୍ମାନ ମଧ୍ୟ ହାନୀ ହେଉଛି। ଏଥିରୁ ବର୍ତ୍ତିବାକୁ ହେଲେ ଅଥବା ସାଇବର ଅପରାଧକୁ ରୋକିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ ହେବା ଜରୁରୀ। ଏଥିପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ୧୯୩୦ ଜାରି କରାଯିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ସ୍ତରରେ ପ୍ରୟାସ ଜାରି ରହିଛି।

ଗଞ୍ଜାମ ଜିଲ୍ଲାରେ ସାଇବର ଅପରାଧକୁ ରୋକିବା ପାଇଁ ୩୦ଦିନିଆ ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି। ୨୦ଦିନ ଗଞ୍ଜାମ ପୁଲିସ ଜିଲ୍ଲାରେ ସମ୍ପନ୍ନ ହୋଇଥିବା ବେଳେ ଶେଷ ୧୦ଦିନ ବ୍ରହ୍ମପୁର ପୁଲିସ ଜିଲ୍ଲାରେ କରାଯାଉଛି। ଏହି ୧୦ଦିନିଆ ସ୍ୱତନ୍ତ୍ର ସଚେତନତା ଅଭିଯାନର ଉଦ୍‌ଘାଟନୀ ଦିବସ ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଯୋଗଦେଇ ସବୁଜ ପତାକା




**ସାଇବର ଅପରାଧ ରୋକିବା ବଡ଼ ଚାଲେଞ୍ଜ ତଥାପି ମିଳିଛି ସଫଳତା: ଏସ୍‌ପି**

ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଡିଏସପି ଦିଲ୍ଲିପ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଏସପି ଆଲୋଚକ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ, ସମ୍ମାନିତ ଅତିଥି ଭାବେ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ସରକାରୀ ଆଇଟିଆଇର ଅଧ୍ୟକ୍ଷ ରଂଜନ କୁମାର ପରିଡା ଓ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଡେପୁଟି ରିଜିଓନାଲ ମ୍ୟାନେଜର ମେଘରାଇ ମରାଣ୍ଡି ପ୍ରମୁଖ ଯୋଗଦେଇ ସାଇବର ଅପରାଧକୁ ରୋକିବା ପାଇଁ କି କି ପ୍ରକାରର ପଦକ୍ଷେପ ନେବା ଆବଶ୍ୟକ ନିଜର ଅନୁଭୂତିକୁ ନେଇ ପରାମର୍ଶ ଦେଇଥିଲେ।

ସାଇବର ଅପରାଧକୁ ରୋକିବାକୁ ପୁଲିସ ପାଇଁ ଏକ ବଡ ଚାଲେଞ୍ଜ ହୋଇଥିଲେ ହେଁ ଏକ୍ଷେତ୍ରରେ ପୁଲିସକୁ ଅନେକ ସଫଳତା ମିଳିଛି। ତେବେ ରାଜ୍ୟ ଓ ଦେଶ ବାହାରର ହ୍ୟାକରଙ୍କ ସମ୍ପୃକ୍ତି ରହୁଥିବା ବେଳେ ଲୋକେ ଅନେକ ସମୟରେ ଠକେଇର ଶୀକାର ହୋଇ ମଧ୍ୟ ଅଭିଯୋଗ କରୁନଥିବା ସବୁଠାରୁ ଚିନ୍ତାର ବିଷୟ ହୋଇଛି। ଡିଜିଟାଲ ଆରେଷ୍ଟ ଭଳି ଘଟଣାକୁ ରୋକିବାରେ ବ୍ରହ୍ମପୁର ପୁଲିସ ସଫଳ ହୋଇପାରିଛି ବୋଲି ଏସପି ଡା ସର୍ବଣା ବିବେକ କହିଛନ୍ତି। ଦିନକୁ ଦିନ ସାଇବର ଅପରାଧି ନୂଆ ନୂଆ ତରିକା ଆପଣାଉଥିବା ବେଳେ ଅପରିଚିତ ବ୍ୟକ୍ତିଙ୍କୁ କୌଣସି ତଥ୍ୟ ଯେକୌଣସି ପରିସ୍ଥିତିରେ ମଧ୍ୟ ପ୍ରଦାନ କରିବା ଅନୁଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ଶେଷରେ ଅତିରିକ୍ତ ଏସ୍‌ପି କୈଳାଶ ଚନ୍ଦ୍ର ବୁରୁଦା ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ସୁନା ବନ୍ଧକ ରଖି ଋଣ; ମହିଳା ଗିରଫ

ବ୍ରହ୍ମପୁର,୭।୧୧(ସମିସ): ଜଣେ ମହିଳାଙ୍କ ଘରୁ ସୁନା ଚୋରି କରିବା ପରେ ସେହି ସୁନାକୁ ଘରୋଇ ଫାଇନାନ୍ସ ସଂସ୍ଥାରେ ବନ୍ଧକ ରଖିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ନେଳିଆବନ୍ଧ ରୋଡର ବିଜୟଲକ୍ଷ୍ମୀ ମହାରଣା(୨୭)। ସୂଚନାପ୍ରକାରେ, ଗଣପତିନଗର ପ୍ରଥମ ଲାଇନରେ ରହୁଥିବା ମହିଳା ସିପ୍ରାରାଣୀ ପଣ୍ଡାଙ୍କ ଘରୁ ଗତବର୍ଷ ଅଗଷ୍ଟରେ ବଡ଼ ଧରଣର ଚୋରି ହୋଇଥିଲା। ଆଲମିରାରେ ରଖାଯାଇଥିବା ୧୪ଭରି ସୁନା ଅଳଙ୍କାର ସହ ୨୦ଭରି ରୂପା ଅଳଙ୍କାର ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ ପୁଲିସ ତଦନ୍ତ ଚଳାଇଥିଲା। ସିପ୍ରାରାଣୀଙ୍କ ଘରୁ ସୁନା ଚୋରି ହେବାର ୨ଦିନ ପରେ ଆସିକା ରୋଡରେ ଥିବା ମୁଥୁଟ ଫାଇନାନ୍ସ ସୁନା ଋଣ ପ୍ରଦାନକାରୀ ଘରୋଇ ସଂସ୍ଥାରୁ ୨ ଜଣ ମହିଳା ୨ଟି ସୁନା ଋଣ ନେଇଥିଲେ। ଲକ୍ଷ୍ମୀନୃସିଂହ ସାହିର ମହିଳା ରଶ୍ମୀତା ସାହୁ ପ୍ରଥମେ ମୁଥୁଟ ସଂସ୍ଥାକୁ ଯାଇ ୨ଟି ସୁନା ହାର, ୫ଟି ମୁଦି, ୪ଟି ସୁନା ଚୁଡି ଦେଇ ୨ ଲକ୍ଷ ୮୦ ହଜାର ଟଙ୍କାର ଋଣ ଉଠାଇଥିଲେ। ଏହାର କିଛି ସମୟ ପରେ ଅଭିଯୁକ୍ତ ମହିଳା ବିଜୟଲକ୍ଷ୍ମୀ ଓ ରଶ୍ମୀତା ମିଳିତ ଭାବେ ମୁଥୁଟ ସଂସ୍ଥାକୁ ଯାଇ ୨ଟି ସୁନା ଚେନ ଓ ୨ଟି ସୁନା ମୁଦି ବନ୍ଧକ ରଖି ୩ ଲକ୍ଷ ୯ ହଜାର ଟଙ୍କାର ସୁନା ଋଣ ଉଠାଇଥିଲେ। ତଦନ୍ତ ବେଳେ ପୁଲିସ ଅଭିଯୁକ୍ତ ମହିଳାମାନେ ମୁଥୁଟ ସଂସ୍ଥାରେ ଚୋରି ସୁନା ବନ୍ଧକ ରଖି ଋଣ ଉଠାଇଥିବା ପୁଲିସ ଜାଣିବାକୁ ପାଇଥିଲା। ବିଜୟଲକ୍ଷ୍ମୀଙ୍କ ନାମରେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଚୋରି ସାମଗ୍ରୀ ବୋଲି ଜାଣିବା ପରେ ମୁଥୁଟ ସଂସ୍ଥାର ଶାଖା ପରିଚାଳକ ବିନୟ କୁମାର ବିଷୋୟୀ ସେପ୍ଟେମ୍ବର ୯ ତାରିଖରେ ବଡବଜାର ଥାନାରେ ଉଭୟ ମହିଳାଙ୍କ ନାମରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ବିଜୟଲକ୍ଷ୍ମୀ ଓ ରଶ୍ମୀତାଙ୍କ ନାମରେ ପୁଲିସ ଏକ ଠକେଇ ମାମଲା(୩୦୭/୨୦୨୪)ରେ ରୁଜୁ କରି ତଦନ୍ତ କରିଥିଲା। ଆଜି ବିଜୟଲକ୍ଷ୍ମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ



ବ୍ରହ୍ମପୁର,୭।୧୧(ସମିସ): ଅବକାରୀ ଗୁଇନ୍ଦା ବିଭାଗ ଗୁଣ୍ଡବନ୍ଧ କେନାଲ ରୋଡଠାରେ ଏକ କାରରୁ ୧୫୦କେଜି ଗଞ୍ଜେଇ ଜବତ ସହ ଚାଳାଣକାରୀଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଗଜପତି ଜିଲ୍ଲା ମୋହନା ଚଢ଼ିଆପଡ଼ାର ସିମନ ପାଣି(୨୧)।

ସୂଚନାପ୍ରକାରେ, ଗଜପତି ଜିଲ୍ଲା ମୋହନାରୁ ଏକ କାରରେ ବିପୁଳ ପରିମାଣର ଗଞ୍ଜେଇ ବ୍ରହ୍ମପୁରକୁ ଚାଲାଣ ହେଉଥିବା ଅବକାରୀ ଗୁଇନ୍ଦା ବିଭାଗ ଖବର ପାଇ କମିଶନର ଡମ୍ବୁର ଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଟ ଶୃତିକାନ୍ତ ରାଉତଙ୍କ ନେତୃତ୍ୱରେ ଏସଆଇ ଅଜିତ କୁମାର ନାୟକ ଓ ତାଙ୍କ ଟିମ୍ ଗୁଣ୍ଡବନ୍ଧ ଠାରେ ଯାଞ୍ଚ କରୁଥିଲେ। ଦିଗପହଣ୍ଡି ଦେଇ ଦ୍ରୁତ ଗତିରେ ଆସୁଥିବା ଏକ କାରରୁ ଅଟକାଇ ଯାଞ୍ଚ ପରେ ସେଥିରୁ ୩ଟି ବସ୍ତାରେ ମୋଟ ୧୫୦କେଜି ଗଞ୍ଜେଇ ମିଳିଥିଲା। ସେହିପରି ଏହି କାରରୁ ଏସକର୍ଟ କରୁଥିବା ଏକ ବାଇକକୁ ମଧ୍ୟ ଜବତ କରାଯାଇଛି। ଏହି ଚୋରାଚାଲାଣ ମାମଲାରେ ଏକାଧିକ ଅଭିଯୁକ୍ତ ଫେରାର ଥିବା କୁହାଯାଉଛି। ଚଢ଼ଉରେ ପ୍ରବୀର ସାମଲ, କୁମୁଦ ପ୍ରଧାନ, ସରୋଜ ସ୍ୱାଇଁ, ସୌମ୍ୟ ରାଉତ ଓ କପିଳାଶ ଭତ୍ରା ପ୍ରମୁଖ ସାମିଲ ଥିଲେ।

## ବିଜେପି ପକ୍ଷରୁ ସାମୂହିକ 'ବନ୍ଦେ ମାତରମ୍' ଗାନ

ବ୍ରହ୍ମପୁର,୭।୧୧(ସମିସ): ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ସୁରେଶ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ରାମଲିଙ୍ଗେଶ୍ୱର ଟ୍ୟାଙ୍କ



ରୋଡ଼ଠାରେ ଏକ ବିଶାଳ ସାମୂହିକ "ବନ୍ଦେ ମାତରମ' ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ନୀଳକଣ୍ଠ ସରସ୍ୱତୀ ବିଦ୍ୟା ମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଉମା ମାଧବ ମହାନ୍ତି ଉପସ୍ଥିତ ଥିବା ଜନସାଧାରଣଙ୍କୁ ସାମୂହିକ "ବନ୍ଦେ ମାତରମ୍" ସଙ୍ଗୀତ ଗାନ କରାଇଥିଲେ। ଅତିଥିଭାବେ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ ପାଣିଗ୍ରାହୀ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ଟି.ଗୋପି, ବରିଷ୍ଠ ନେତା ସୁନିଲ କୁମାର ସାହୁ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ, ଜିଲ୍ଲା ସମ୍ପାଦକ ପଦ୍ମଚରଣ ସାହୁ, ବାଳକୃଷ୍ଣ ସାମନ୍ତରାଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

### ● ଅଲ୍ ଓଡ଼ିଶା ଲୟର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ଗଞ୍ଜାମ ଓକିଲ ସଂଘ




ବ୍ରହ୍ମପୁର,୭।୧୧(ସମିସ): କୋରାପୁଟରେ ଚାଲିଥିବା ଅଲ୍ ଓଡିଶା ଲୟର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଟକ ଏମ୍‌ଭି ବାର ଆସୋସିଏସନକୁ ହରାଇ ସେମିଫାଇନାଲରେ ପହଞ୍ଚିଛି ଗଞ୍ଜାମ ଓକିଲ ସଂଘ। ଶୁକ୍ରବାର କଟକ ଏମ୍‌ଭି ବାର୍ ଆସୋସିଏସନ ଓ ଗଞ୍ଜାମ ଓକିଲ ସଂଘ ମଧ୍ୟରେ ମ୍ୟାଚ ହୋଇଥିଲା। ଟସ ଜିତି କଟକ ବାର ପ୍ରଥମେ ବ୍ୟାଟିଙ୍ଗ କରି ୧୮ ଓଭରରେ ୮ଟି ୱିକେଟ ବିନିମୟରେ ୧୧୫ ରନ୍ କରିଥିଲା। ଜବାବରେ ଗଞ୍ଜାମ ଓକିଲ ସଂଘ ଟିମ୍ ୪ ୱିକେଟ ହରାଇ ୧୫ ଓଭର ୪ଟି ବଲରେ ୧୧୬ ରନ୍ କରି ବିଜୟ ହୋଇଥିଲା। ଜିତେନ୍ଦ୍ର ତ୍ରିପାଠୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।

୨୫ଟି ବଲରେ ୫୨ରନ କରି ଟିମକୁ ବିଜୟ କରିଥିବାରୁ ଟିମ୍ ପକ୍ଷରୁ ମ୍ୟାଚର ମ୍ୟାନ୍ ଅଫ ଦା ମ୍ୟାଚ ଟ୍ରଫି ନାରାୟଣଙ୍କୁ ଦିଆଯାଉ ବୋଲି କୁହାଯାଇଥିଲା। ଫଳରେ ନାରାୟଣ ମ୍ୟାନ୍ ଅଫ ଦ ମ୍ୟାଚ୍ ଟ୍ରଫି ହାସଲ କରିଥିଲେ। ଲଗାତର ୱିକେଟ ଯିବା ପରେ ଫିଲ୍ଡରେ ଦୂର୍ଗା ପ୍ରସାଦ ପଟ୍ଟନାୟକ ଖେଳର ଭାର ସମ୍ଭାଳି ୩୪ ବଲ ୩୬ ରନ୍ କରିଥିଲେ। ଶନିବାର ସେମି ଫାଇଲରେ ଗଞ୍ଜାମ ଓକିଲ ସଂଘ ଓ ଜୟପୁର ସଂଘ ମଧ୍ୟ ଅନୁଷ୍ଠିତ ହେବ। ବିଜୟୀ ଦଳ ୯ ତାରିଖରେ ଫାଇନାଲ ଖେଳିବ ବୋଲି ଜଣାପଡ଼ିଛି।

# ମାସକ ଧରମ ସରିଲା; ଆମିଷ ଖିଆ ଜମିଲା...

ବ୍ରହ୍ମପୁର,୭।୧୧(ସମିସ): ଶୁକ୍ରବାର ବ୍ରହ୍ମପୁର ସହରବାସୀ ଛାଡ଼ଖାଇ ପାଳନ କରିଛନ୍ତି। ଏଥିପାଇଁ ସହରର ସମସ୍ତ ଆମିଷ ବଜାରରେ ସକାଳୁ ଖଚାଖଚ ଭିଡ଼ ଜମିଥିଲା। ରାଜ୍ୟର ଅନ୍ୟ ସହର ଭଳି ବ୍ରହ୍ମପୁର ସହରର ବିଭିନ୍ନ ଆମିଷ ବଜାରରେ ଆଜି ସକାଳୁ ସକାଳୁ ମାଛ,

**ଛାଡ଼ଖାଇରେ ଆମିଷ ବଜାରରେ ଖଚାଖଚ୍ ଭିଡ଼**

ମାଂସ, ଚିଙ୍ଗୁଡ଼ି, କଙ୍କଡ଼ା ଓ ଅଣ୍ଡା କିଣିବା ନିମନ୍ତେ ଲାଗିଥିଲା ଲୋକଙ୍କ ପ୍ରବଳ ଭିଡ଼। ଦର ଯେତେ ହେଲେ ମଧ୍ୟ ସହରବାସୀ ନିଜର ସାମର୍ଥ୍ୟ ଅନୁସାରେ ମାଛ ମାଂସ ଘରକୁ କିଣି ନେଇଥିଲେ। ସେପଟେ ଗତ ଏକ ମାସ ହେଲା କାର୍ତ୍ତିକ ମାସ ଯୋଗୁ ଆମିଷ ବ୍ୟବସାୟ ମାନ୍ଦା ରହିଥିଲା। କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଗୁରୁବାର ପଡ଼ିଯିବାରୁ ମଧ୍ୟ ଲୋକେ ଆମିଷ ଖାଇନଥିଲେ। ଏଥିଯୋଗୁ




ଲୋକେ ଶୁକ୍ରବାରକୁ ଛାଡ଼ଖାଇ ଭାବେ ପାଳନ କରିଛନ୍ତି। ଛାଡ଼ଖାଇ ସାଙ୍ଗକୁ ବ୍ୟବସାୟ ଭଲ ହୋଇଥିଲେ ମଧ୍ୟ ରବିବାର ଆହୁରି ଅଧିକ ବ୍ୟବସାୟ ହେବ ବୋଲି ଆଶା ରଖିଛନ୍ତି ବ୍ୟବସାୟୀ। ସହରର ମର୍ଦ୍ଧରାଜ ଭେଣ୍ଡିଂ ଜୋନ, ଗେଟ୍ ବଜାର, ଗିରିମାର୍କେଟ ଭଳି ବିଭିନ୍ନ ଆମିଷ ବଜାରରେ ସକାଳୁ ସକାଳୁ ଲାଗିଥିଲା ଲୋକଙ୍କ ଭିଡ଼। କିଏ ମାଛ

**ଖାଇଗଲେ ୧୫ଟନ୍ ମାଛ, ୧୭ ହଜାର କୁକୁଡ଼ା, ହଜାରେ ଛେଳି**

କିଣିବାରେ ବ୍ୟସ୍ତ ରହିଥିଲା ତ ଆଉ କିଏ ମାଂସ। ମାଛ ଗୁଡ଼ିକର ସ୍ୱାଦ ଓ ଚାହିଦାକୁ ନେଇ ଦର ମଧ୍ୟ ଭିନ୍ନ ଭିନ୍ନ ରହିଥିଲା। ପୂର୍ବାପେକ୍ଷା ଆଜି ମାଛ ଓ ମାଂସର ଦର ଅଧିକ ରହିଥିଲା। ଗୋଟା ମାଛ କିଲୋ ୧୬୦ଟଙ୍କା ରହିଥିବା ବେଳେ କଟାମାଛ କିଲୋ ପିଛା ୨୮୦ଟଙ୍କା ରହିଥିଲା। ସେହିପରି କଙ୍କଡ଼ା କିଲୋ ପିଛା ୫୦୦ରୁ ୭୦୦ଟଙ୍କା ରହିଥିବା ବେଳେ ଚିଙ୍ଗୁଡ଼ି କିଲୋ ପିଛା ୫୦୦ଟଙ୍କା ରହିଛି। ସେହିଭଳି ଖାସିମାଂସ କିଲୋ ପିଛା ୮୦୦ଟଙ୍କା ରହିଥିବା ବେଳେ ସାଧାରଣ ଛେଳି ମାଂସ କିଲୋ ପିଛା ୭୦୦ ରହିଛି। ସେହିଭଳି କୁକୁଡ଼ା ମାଂସ କିଲୋ ପିଛା ୨୪୦ ରହିଥିବା ବେଳେ ଦେଶୀକୁକୁଡ଼ା ୫୦୦ ଟଙ୍କା ରହିଥିଲା। ଏକ ମାସ ହେଲା ବ୍ୟବସାୟ ହୋଇନଥିବା ବେଳେ ଆଜି ଏକାସଙ୍ଗେ ଆମିଷ ବ୍ୟବସାୟ ବୃଦ୍ଧି ପାଇଛି। ମାଛ ଅପେକ୍ଷା ମଟନ ଓ ଚିକେନର ଚାହିଦା ଅଧିକ ଥିବା ବ୍ୟବସାୟୀମାନେ କହିଛନ୍ତି। ମାଛ ପ୍ରାୟ ୧୫ଟନରୁ ଉଦ୍ଧ୍ୱର୍ ବିକ୍ରି ହୋଇଥିବା ବେଳେ ୧୭ହଜାରରୁ ଅଧିକ ଚିକେନ୍ ଓ ୧୦୦୦ରୁ ଊର୍ଦ୍ଧ୍ୱ ଛେଳି କଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମହୁରୀକାଳୁଆ, ଘାଟି କାଳୁଆ, ସୁନାପୁର, ମାର୍କଣ୍ଡୀ, ବିଭିନ୍ନ ଦେବୀ ମନ୍ଦିର ସମେତ ଏକାଧିକ ବେଚଲର ରୁମ ଓ ହୋଟେଲରେ ବଣଭୋଜିରେ ଆମିଷ ଖାଇ ଲୋକେ ଛାଡ଼ଖାଇ ପାଳନ କରିଛନ୍ତି।

**TPCODL**
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/11

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006886 | Rate Contract for Supply of Printing Stationary for 2 Years |
| 2 | TPCODL/CCG/2025-26/1000006925 | PO for supply of MS Windows Licenses |
| 3 | TPCODL/CCG/2025-26/1000006981 | RC for SITC of DC Routers under TPSODL & TPNODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

ସକାଳ
THE SAKALA

# ଆରମ୍ଭରୁ ବିଲକ୍ଷଣ

ଉତ୍କଳୀୟ ନୌବାଣିଜ୍ୟର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକାତ୍ମକ ନିଦର୍ଶନ କଟକ ବାଲିଯାତ୍ରା ପ୍ରତିବର୍ଷ ନୂଆ ରୂପ ଓ ରଙ୍ଗରେ ସଂପ୍ରସାରିତ ହୋଇ ଚାଲିଛି। ତେଣୁ କିଛି ନା କିଛି ସମସ୍ୟା ଉପୁଜିବ ଏବଂ ପରବର୍ତ୍ତୀ ବର୍ଷ ତାହାକୁ ସଂଶୋଧନ କରାଯିବ। କିନ୍ତୁ ଏହା ଅର୍ଥ ନୁହେଁ ଯେ ବ୍ୟବସ୍ଥାରେ ସଂକୋଚନ କରି ତାହାର ଗରିମାକୁ କ୍ଷୁଣ୍ଣ କରାଯିବ। ସହରବାସୀ, ଲୋକ ପ୍ରତିନିଧିଙ୍କ ଅନୁରୋଧ ଓ ଅଦାଲତୀୟ ହସ୍ତକ୍ଷେପ ସତ୍ତ୍ୱେ ଏଥର ଉପର ପଡ଼ିଆରେ ଆୟୋଜନକୁ ସଂକୋଚନ କରାଯାଇଛି। ରାଜନୀତିର ରଙ୍ଗ ପରିବର୍ତ୍ତନରେ ମୁଖ୍ୟତୋରଣ ତା'ର ପାରମ୍ପରିକ ଆକର୍ଷଣ ଓ ଚମକ୍ ହରାଇଥିବା ଅଭିଯୋଗ ସହିତ ଜନତାଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି।

ଅଲିଖିତ ପରମ୍ପରା ଓ ବ୍ୟବସ୍ଥା ଅନୁଯାୟୀ ବାଲିଯାତ୍ରା ଆୟୋଜନରେ ସିଏମ୍‌ସି, ସିଡିଏ ଓ ଜିଲ୍ଲା ପ୍ରଶାସନର ମିଳିତ ଭୂମିକା ରହିଆସିଛି। କିନ୍ତୁ ଏଥର ଉଦ୍‌ଘାଟନ ଉତ୍ସବରେ କଟକ ମହାନଗର ନିଗମର ଭୂମିକାକୁ ଉଦ୍ଦେଶ୍ୟମୂଳକ ଭାବେ ଗୌଣ କରାଯାଇଛି। ମେୟର ଅନୁପସ୍ଥିତ ରହିଥିବା ବେଳେ ସିଏମସି ଓ ସିଡିଏ ଉଭୟଙ୍କୁ ପ୍ରତିନିଧିତ୍ୱ କରୁଥିବା କମିସନର ନିରବରେ ମଞ୍ଚ ତଳେ ବସି ରହିଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ହିଁ ରାଜ୍ୟ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶରେ ସବୁକିଛି କରୁଛି। ବାଲିଯାତ୍ରାର ଉଦ୍‌ଘାଟନ ଉତ୍ସବରେ ମେୟରଙ୍କ ଅନୁପସ୍ଥିତିରୁ ବାରି ହୋଇପଡ଼ିଛି କେଉଁଠି ନା କେଉଁଠି ଅସଂଲଗ୍ନ କାର୍ଯ୍ୟଧାରା ନେଇ ଅସନ୍ତୋଷ ମୁଣ୍ଡ ଟେକୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ଷମତା ପରିବର୍ତ୍ତନ ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ କଟକର ନଗରପାଳ ବା ମେୟର ବିରୋଧୀଦଳର ହୋଇଥିବାରୁ ଦାୟିତ୍ୱ ନିର୍ବାହରେ କଟକଣା ପ୍ରୟୋଗ କରାଯିବ। ଦୁଇ ଦଳ ମଧ୍ୟରେ ଥିବା ରାଜନୈତିକ ବିରୋଧାଭାସର ପ୍ରତିଫଳନ ବାଲିଯାତ୍ରା ଆୟୋଜନକୁ ପ୍ରଭାବିତ କରିବା ଉଚିତ୍ ହୋଇନାହିଁ। ପ୍ରତିବାଦର ସ୍ୱର କ୍ଷୀଣ ହେଲେ ମଧ୍ୟ ଏହାର ଗୁଞ୍ଜରଣ ସୁଦୂରପ୍ରସାରୀ ହେବା ଅସମ୍ଭବ ନୁହେଁ।

ଚଳିତ ବାଲିଯାତ୍ରା ଉତ୍ସବ ଆୟୋଜନରେ ଲୋକପ୍ରତିନିଧିଙ୍କ ପ୍ରାଧାନ୍ୟ ପରିବର୍ତ୍ତେ ବାବୁରାଜ୍‌ର ଇଙ୍ଗିତ ଓ ନିୟନ୍ତ୍ରଣରେ କାର୍ଯ୍ୟ ଚାଲିଛି। ଏକଥା ସତ ଯେ ବ୍ୟବସ୍ଥାଗତ ଶୃଙ୍ଖଳା ଦାୟିତ୍ୱରେ ସବୁକାଳେ ଅଧିକାରୀମାନେ ରହିଆସିଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଲୋକ ପ୍ରତିନିଧିଙ୍କୁ ସଂପୂର୍ଣ୍ଣ ରୂପେ ଏଡ଼ାଇଯାଇ ପ୍ରଶାସନ ସବୁ ନିଷ୍ପତ୍ତି ଗ୍ରହଣ କରିବ। ମେୟର ଏହି ସହରର ପ୍ରଥମ ନାଗରିକ। ବାଲିଯାତ୍ରା ଭଳି ପାରମ୍ପରିକ ଉତ୍ସବରୁ ସେ କାହିଁକି ଓ କେଉଁ ପରିସ୍ଥିତିରେ ନିଜକୁ ନିବୃତ୍ତ କରାଇଲେ? ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସମ୍ମାନିତ କରିବାର ଅପଚେଷ୍ଟା ହୋଇନାହିଁ ତ? ନିଜକୁ ନିନ୍ଦା ଓ ଅପବାଦରୁ ଦୂରେଇ ରଖିବା ପାଇଁ ସେ ଶ୍ରେୟ ମଣି ନାହାନ୍ତି ତ? ଏଭଳି ଅନେକ ପ୍ରଶ୍ନ ଉଠିଛି। ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ସେ ବ୍ୟସ୍ତ ଅଛନ୍ତି କହି ମେୟର ଲଘୁ ମନ୍ତବ୍ୟ ଦେବାର ଯଥାର୍ଥତା କେତେ ତାହା ସହରବାସୀ ନିଶ୍ଚୟ ଅନୁଭବ କରୁଥିବେ।

ସଂକୀର୍ଣ୍ଣ ରାଜନୀତି ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପ୍ରୟୋଗ ଓ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଯେଉଁ ପ୍ରୟାସ ହୋଇଛି ତାହା ଆଗାମୀ ଦିନର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥହାନି. ଘଟାଇବ। ଉଭୟ ନିନ୍ଦା ଓ ପ୍ରଶଂସା ପାଇଁ ଜିଲ୍ଲା ପ୍ରଶାସନ ହିଁ ହକ୍‌ଦାର। ମନେ ରଖିବାକୁ ହେବ ଯେ ପ୍ରଶଂସା ସାଉଁଟିବ କ୍ଷମତା ଏବଂ ନିନ୍ଦାର ନଡ଼ିଆ ଭାଙ୍ଗିବ ପ୍ରଶାସନ ମୁଣ୍ଡରେ। ●

# ଗୁମର ଖୋଲିବ କେବେ?


ଗତ ଜୁନ ମାସରୁ କେନ୍ଦ୍ର ସରକାର ଆସନ୍ତା ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା କଥା। ତାହାକୁ ଦୃଷ୍ଟିରେ ରଖି ସରକାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଅବଗତ କରିଛନ୍ତି। ଧାନର ବର୍ଦ୍ଧିତ ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପିଛା ୨,୩୦୦ରୁ ୨,୩୬୯ ଟଙ୍କାକୁ ବୃଦ୍ଧି ପାଇଛି। ଇଏ ହେଉଛି ସାଧାରଣ କିସମ ଧାନର ଦର। ଗ୍ରେଡ୍ ଏ କିସମ ଧାନର କ୍ୱିଣ୍ଟାଲ ପିଛାମୂଲ୍ୟ ୨,୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଏବର୍ଷର ଖରିଫ ଋତୁରେ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବାତ୍ୟା ସହ କ୍ରମାଗତ ବର୍ଷା ଲାଗି ରହିଥିବାରୁ ଧାନ ଅମଳ ସ୍ୱାଭାବିକ ଭାବେ ବିଳମ୍ବିତ ହେବ। ଯେତେଦୂର ସମ୍ଭବ ଡିସେମ୍ବର ପୂର୍ବରୁ ମଣ୍ଡି ଖୋଲିବା ସମ୍ଭବ ହେବ ନାହିଁ।

ଏ କ୍ଷେତ୍ରରେ ଆମ ରାଜ୍ୟ ପରିସ୍ଥିତି ସଂପୂର୍ଣ୍ଣ ଅଲଗା। କେନ୍ଦ୍ର ନିର୍ଦ୍ଧାରିତ କ୍ୱିଣ୍ଟାଲ୍ ପିଛା ମୂଲ୍ୟ ଉପରେ ସରକାର ୮୦୦ ଟଙ୍କା ବୋନସ ବା ଇନପୁଟ ସହାୟତା ଦେଉଛନ୍ତି। ଗତ ଖରିଫ ଓ ରବି ଋତୁରେ ସରକାର ଦୁଇ କିସମର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଓ ୩୧୨୦ ଟଙ୍କାରେ ସଂଗ୍ରହ କରିଛନ୍ତି। କିନ୍ତୁ ଏବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ଯଦି ୮୦୦ ଟଙ୍କା ବୋନସ ନିଷ୍ପତ୍ତିରେ ସ୍ଥିର ରହିବେ ତେବେ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୬୯ ଟଙ୍କା ଓ ଏ ଗ୍ରେଡ ଧାନ ମୂଲ୍ୟ ୩୧୮୯ ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। କିନ୍ତୁ ସରକାର ଏନେଇ କୌଣସି ସ୍ୱଷ୍ଟ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯେତେଦୂର ମନେ ହୁଏ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଠୋସ ନିଷ୍ପତ୍ତି ଗ୍ରହଣକୁ ସରକାର ଏଡ଼ାଇ ଯାଇଛନ୍ତି। ସରକାର ଯଦି ଧାନର ବର୍ଦ୍ଧିତ ମୂଲ୍ୟ ସହ ୮୦୦ ଟଙ୍କା ବୋନସ ଦେବାର ଅଛି ତାହାକୁ ବିଧିବଦ୍ଧ ଭାବେ ଘୋଷଣା କରି ନିର୍ବାଚନ ଫାଇଦା ହାସଲ କରିପାରିଥା'ନ୍ତେ। ଏଥିରେ ମଧ୍ୟ ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଘଂନ ହେବାର ଆଶଙ୍କା ଊଣା। କାରଣ ଏହା କେନ୍ଦ୍ର ସରକାରଙ୍କ ଜୁନ ମାସର ନିଷ୍ପତ୍ତି। ଯେତେଦୂର ମନେ ହୁଏ ସରକାର ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ନ କରି ଗଣମାଧ୍ୟମ ସହାୟତାରେ ନିଜର ପ୍ରଚାର କରିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ହସ୍ତଗତ ହୋଇଥିବା ତଥ୍ୟ କୁହେ ଯେ ରାଜ୍ୟ ସରକାର ଧାନର ବର୍ଦ୍ଧିତ ମୂଲ୍ୟ ସେହି ୮୦୦ ଟଙ୍କା ବୋନସ୍‌ରୁ କାଟି ଚାଷୀଙ୍କୁ ଦେବେ। କହିବାକୁ ଗଲେ ଦୁଇ କିସମ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ଅପରିବର୍ତ୍ତିତ ରହିବ।

ରାଜ୍ୟ ସରକାରଙ୍କ ପାଇଁ ବାଳକା ଚାଉଳ ଏବେ ବୋଝ ହୋଇ ରହିଛି। ଭାରତୀୟ ଖାଦ୍ୟ ନିଗମ ଚାଉଳ ଉଠାଇବାକୁ ଅରାଜି ହେଉଥିବାରୁ ଏବଂ ପର୍ଯ୍ୟାପ୍ତ ଭଣ୍ଡାରଣ ସୁବିଧା ନଥିବାରୁ ବଳକା ଚାଉଳ ସରକାର ନେବେ କୁଆଡ଼େ? ଏବେ ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ରହି ଥିବା ବେଳେ ପୂର୍ବବର୍ଷ ଭଳି ଏଥର ମଧ୍ୟ ସରକାରଙ୍କ ପାଇଁ ୯୩ ଲକ୍ଷ ଟନ ଧାନ ସଂଗ୍ରହ କରିବାର ବାଧ୍ୟବାଧକତା ରହିଛି। ଏହା ଉପରେ ପୁଣି ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଇନ୍‌ପୁଟ୍ ସହାୟତା ରାଜ୍ୟ ସରକାରଙ୍କ ପାଇଁ ବୋଝ ହୋଇଥିବ। ବୋଧହୁଏ ଏହି ଗୁମରକୁ ଲୁଚାଇବା ପାଇଁ କ୍ରୟମୂଲ୍ୟକୁ ଅସ୍ୱଷ୍ଟ ରଖାଯାଇଛି। ଗୁମର କେବେ ଖୋଲିବ ତାହାକୁ ଅପେକ୍ଷା! ●



# ସମ୍ପାଦକୀୟ



ଜୀବନ ଅତି ସରଳ, ଆମେ ହିଁ ତା'କୁ ଜଟିଳ କରୁଛେ।
-କନ୍‌ଫୁସିୟସ୍

# ଅର୍ଥନୈତିକ ବିକାଶ ଓ ସୁସ୍ଥ ଜୀବନକାଳ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବିଗତ ବିଂଶ ଶତାବ୍ଦୀରେ ଘଟିଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହାସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନକାଳ ବୃଦ୍ଧି ପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଛି ଜୀବନଯାପନ ପ୍ରଣାଳୀରେ ଉନ୍ନତି ଏବଂ ରୋଗ ନିବାରଣ, ରୋଗ ନିର୍ଣ୍ଣୟ ଓ ରୋଗ ଚିକିତ୍ସାରେ ଉନ୍ନତି ଯୋଗୁଁ। ଉପଲବ୍ଧ ହେଲା ବିଶୁଦ୍ଧ ଜଳ। ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଆଉ ଉତ୍କଟ ରୂପ ଧାରଣ କଲାନି। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ବୃତ୍ତିଗତ ଜୀବନ ହୋଇପାରିଲା ଅଧିକ ନିରାପଦ। ସମାଜରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷ କରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ସବୁ ସାମ୍ମୁଖ୍ୟରେ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଏହା ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶରେ ତ୍ୱରକର ଭୂମିକା ନିର୍ବାହ କଲା।

ସେହି ଏକାସମୟରେ ଏସିଆ, ଆଫ୍ରିକା ଓ ଆମେରିକାର ଅଧିକାଂଶ ଅଧିବାସୀ ଔପନିବେଶିକ ଶାସନରୁ ମୁକ୍ତ ହୋଇ ଜୀବନରେ ପ୍ରଥମ ଥର ପାଇଁ ଚାଖିଲେ ସ୍ୱାଧୀନତାର ସ୍ୱାଦ। ସେମାନେ ସ୍ଥିର କଲେ ସେମାନଙ୍କ ପ୍ରଗତିର ଧାରା। ବହୁରୋଗ ନିବାରିତ ହୋଇଗଲା, ବହୁ ଜୀବନ ରକ୍ଷା ପାଇଗଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ମଧ୍ୟ ଛାଡ଼ି ଦେଇଗଲା ତା'ର ପାଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ସେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିପାରିଲାନି। ଅବନତି ଘଟିଲା ତା'ର ଜୀବନ ନିର୍ବାହର ମାନରେ। ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ବାଧ୍ୟ ହେଲା। ଏହି ଦୀର୍ଘକାଳୀନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପ୍ରାଇଲା ସଂକ୍ରାମକ ରୋଗଗୁଡ଼ିକର ହାର। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅସାମର୍ଥ୍ୟ ଏବଂ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲାନି। ବରଂ ରାଜୁତି ଚଳେଇବା ଆରମ୍ଭ କରିଦେଲା ହୃଦ୍‌ଘାତ, ମସ୍ତିଷ୍କାଘାତ, ମଧୁମେହ, ଦୀର୍ଘକାଳୀନ ଶ୍ୱାସତନ୍ତ୍ରୀ ରୋଗ, କର୍କଟ, ଯକୃତ ଓ ବୃକ୍କ ରୋଗ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଚକ୍ଷୁ-ନାସା-କର୍ଣ୍ଣ ଆଦିର ରୋଗମାନ। ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଉଭା ହେଲା ପୃଥୁଳତା ବା ଓବେସିଟି। ପୃଥିବୀର ବହୁ ରାଷ୍ଟ୍ରରେ ଏହି ପୃଥୁଳତା ବଡ଼ ଆତଙ୍କଜନକ ଭାବରେ ବୃଦ୍ଧି ପାଇବା ଆରମ୍ଭ ହୋଇଗଲା।

ଏହିସବୁ ରୋଗର ଅଧିକାଂଶକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫ୍ ଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁଜାତୀୟ ପ୍ରଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମଦ୍ୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ଜାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରିବସିଲେ ନିଜ ଉପରକୁ। ତା'ସାଙ୍ଗକୁ ବୃଦ୍ଧିପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭାପାଇଲା ଟେଲିଭିଜନ। ଇଣ୍ଟରନେଣ୍ଟ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକ ରକମର ମୁକ୍ତ ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାଣଙ୍କ ସଂପୃକ୍ତି ବୃଦ୍ଧି ପାଇଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ମୁଖ୍ୟତଃ ଯୁବଗୋଷ୍ଠୀ ଭିତରେ। ଅଧିକାଂଶ ରାଷ୍ଟ୍ରରେ ସଡ଼କ ଦୁର୍ଘଟଣା ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଶାତୀତ ଭାବରେ ବୃଦ୍ଧି ପାଇ ଚାଲିଛି ହତ୍ୟା ଓ ଆତ୍ମହତ୍ୟା ହାର। ସବୁଠାରେ ଲୋକେ ଏବେ ବାୟୁ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇଚାଲିଛି ଜଳବାୟୁ ପରିବର୍ତ୍ତନ ଏବଂ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ଯୁକେରେ (୧୧.୩ ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ର ଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେହି ବର୍ଦ୍ଧିତ ଆୟୁକାଳରେ କିନ୍ତୁ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟପକ୍ଷରେ ଅବିକଶିତ ଦେଶଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା। ତେଣୁ ସେହିସବୁ ରାଷ୍ଟ୍ରରେ ଉଭୟ ପରିମାପକରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି।

୨୦୦୦-୨୦୧୯ ମସିହାରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳର ବ୍ୟବଧାନ ବୃଦ୍ଧି କରିବାରେ ଏହା ହିଁ ଥିଲା କାରଣ। ଭାରତରେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ମୋଟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୧୦.୪୯ ବର୍ଷ ଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଥିଲା ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ। ୨୦୨୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇପାରିବନି କି ଅର୍ଥନୈତିକ ଅତି ଶକ୍ତିଶାଳୀ ରାଷ୍ଟ୍ର ହେବାର ଆକାଂକ୍ଷା ପୂରଣ ହୋଇପାରିବନି। ଭାରତର ବିପୁଳ ଯୁବଶକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିଲେ ହିଁ ଏହି ଲକ୍ଷ୍ୟ ହାସଲ ସମ୍ଭବ।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ସଂପ୍ରତି ଭାରତର ଲୋକସଂଖ୍ୟା ପୃଥିବୀରେ ସର୍ବାଧିକ। ଏମାନଙ୍କ ଏକ ବିରାଟ ଅଂଶ ସେମାନଙ୍କ ଜୀବନର ବହୁବର୍ଷ ନିମ୍ନ ଧରଣର ସ୍ୱାସ୍ଥ୍ୟ ଓ ନିମ୍ନମାତ୍ରାର କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ଭାବେ ସ୍ୱାସ୍ଥ୍ୟର ସୁରକ୍ଷା ଆୟୁକାଳ ଏବଂ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଥାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ ବୟସରୁ। ବୟସ୍କମାନଙ୍କଠାରେ ହୃଦଧମନୀ ରୋଗ ଓ ମଧୁମେହରେ ସଂଘଟିତ ହେଉଥିବା ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ।

ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନସାରା। ଜନ ସାଧାରଣଙ୍କଠାରେ ଅନୁକୂଳତମ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବା ନିମିତ୍ତ ସେହି ଅନୁଯାୟୀ ପ୍ରସ୍ତୁତ କରିବାକୁ ପଡ଼ିବ ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ବ୍ୟବସ୍ଥା। ଏହାକୁ ସୁଚାରୁଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା। ●

କଟକ ମୋ: ୯୪୩୭୭୬୬୧୧୭

# ଗଣିତ-ତର୍କର ସଙ୍ଗୀତ

ପୁଣ୍ୟବିନୟ ଦାସ

କିଏ କହେ ଜୀବନ ଏକ ଧୂପକାଠି, ତା'କୁ ସୁଗନ୍ଧିତ କର। କିଏ କହେ ଜୀବନ ଏକ ନାଟକ, ସେଥିରେ ଅଭିନୟ କର। ଆଉ କିଏ କହେ ଜୀବନ ଏକ ଖେଳ, ତା'କୁ ଖେଳ। କିନ୍ତୁ ଜୀବନ ଏକ ଗଣିତ-ତର୍କର ସଙ୍ଗୀତ। ବିନା ଗଣିତରେ ଜୀବନ ନାହିଁ। ବିନା ତର୍କରେ ଜୀବନରେ ସିଦ୍ଧି ନାହିଁ। ଆଉ ସାଙ୍ଗିତିକତା ଜୀବନର ପୁଞ୍ଜି ବା ମୂଳଧନ। ଗାଣିତିକ ନିୟମରେ ସୂର୍ଯ୍ୟ, ଚନ୍ଦ୍ର ଉଦୟ-ଅସ୍ତ ହେବା ପରି ଜୀବନ ଗତିଶୀଳ ହୁଏ। ମଣିଷର ନିତ୍ୟନୈମିତିକ କାର୍ଯ୍ୟଧାରା ଗାଣିତିକ ସୂତ୍ର ଉପରେ ହିଁ ପର୍ଯ୍ୟବସିତ।

ସେହିପରି ତର୍କର ବି ଜୀବନରେ ବହୁଳ ଆବଶ୍ୟକତା ରହିଛି। ବିନା ତର୍କରେ ସିଦ୍ଧି ନାହିଁ। ତର୍କସିଦ୍ଧ ଜୀବନ ହିଁ ଏକ ଶୃଙ୍ଖଳିତ ଜୀବନ। ତର୍କର ପରିଭାଷା ଭିନ୍ନ ଭିନ୍ନ ହୋଇପାରେ। କିନ୍ତୁ ତର୍କ ଆଧାରିତ ଜୀବନ ହେଲେ ମଣିଷ ବୁଦ୍ଧିଦୀପ୍ତ, ଶୃଙ୍ଖଳିତ, ସିଦ୍ଧି ପ୍ରାପ୍ତ ହୋଇପାରେ। ତର୍କରୁ ଦର୍ଶନର ଜନ୍ମ। ଏହି ତର୍କ କରି ମଣିଷ ବିଭିନ୍ନ ଆବିଷ୍କାର ଓ ଉଦଭାବନ କରିପାରିଛି; ସାରା ଦୁନିଆ ସମ୍ପର୍କରେ ଅବଗତ ହୋଇପାରିଛି। ସମଗ୍ର ଜୀବନ ତର୍କସିଦ୍ଧ ଏକ ଗାଣିତିକ ସଙ୍ଗୀତ। ମନ, ବୁଦ୍ଧି, ବିବେକକୁ ନେଇ ଆମେ ପରିଚାଳିତ। ମଣିଷର ମନ ଗଣିତ କରେ। ଭୁଲ ଠିକ ହିସାବ କରେ। ବିଭିନ୍ନ ପ୍ରକାର ସୂତ୍ରକୁ ନେଇ ଗତିଶୀଳ ହୁଏ। ନାନାଦି ପ୍ରୟୋଗ ଜରିଆରେ ଜୀବନକୁ ଗାଣିତିକ ଉପାୟରେ ପରୀକ୍ଷା ନିରୀକ୍ଷା କରେ।

ଗଣିତ ଭିତରେ ତର୍କ ଲୁଚି ରହିଛି। ସେହି ଗାଣିତିକ ସୂତ୍ର ଅନୁସାରେ ଜୀବନରୂପୀ ଗଣିତ ନିଷ୍କର୍ଷରେ ପହଞ୍ଚେ। ଆଉ ଏହି ନିଷ୍କର୍ଷକୁ ନେଇ ମଣିଷ ସଙ୍ଗୀତକୁ ଖୋଜେ। ଖୋଜି ଖୋଜି ଶେଷରେ ସାଙ୍ଗିତିକତା ସିଦ୍ଧାନ୍ତରେ ଉପନୀତ ହୁଏ। ରଙ୍ଗ ରୂପ ରସରେ ଜୀବନକୁ ସଙ୍ଖୋଳେ। ସଙ୍ଗୀତର ମୂର୍ଚ୍ଛନାରେ ଜୀବନକୁ ଉପଭୋଗ କରେ। ନିଜକୁ ଆବିଷ୍କାର କରିବାକୁ ଉଦ୍ୟତ ହୁଏ। ଖୋଜି ଖୋଜି ସେହି ବ୍ରହ୍ମ ସ୍ୱରୂପ ଜୀବନୀ ସତ୍ତାକୁ ଆବିଷ୍କାର କରେ। ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କ ସାକ୍ଷାତରେ ତା'ର ଚକ୍ଷୁ ଉନ୍ମୀଳନ ହୁଏ। ଗଣିତ-ତର୍କର ସଙ୍ଗୀତରେ ଅଭିମନ୍ତ୍ରିତ ଜୀବନଧାରା ପରଂବ୍ରହ୍ମଙ୍କ ସାକ୍ଷାତରେ ସଞ୍ଜୀବନୀ ପାଏ। ଚିଦାନନ୍ଦ ରୂପୀ ସେହି ଶିବଙ୍କ ସାକ୍ଷାତ କରି ଆତ୍ମଦର୍ଶନ କରେ। ଶିବୋହମର ଭାବଧାରାରେ ନିଜର ସାଙ୍ଗିତିକ ଜ୍ୟାମିତିକୁ ସଜାଡ଼େ। ସେ ଭୋଜନ କିମ୍ବା ଭୋକ୍ତା ନୁହେଁ ବୋଲି ହୃଦବୋଧ କରେ। ପୁଣ୍ୟ କିମ୍ବା ପାପ ବି ସେ ନୁହେଁ। ମନ୍ତ୍ର ତୀର୍ଥ କିମ୍ବା ବେଦ କିମ୍ବା ଯଜ୍ଞ ବି ସେ ନୁହେଁ। ମୃତ୍ୟୁ କିମ୍ବା ଶଙ୍କା କିମ୍ବା ଜାତିଭେଦ କିମ୍ବା ପିତା କିମ୍ବା ମାତା କିମ୍ବା ମିତ୍ର କିମ୍ବା ଗୁରୁ କିମ୍ବା ଶିଷ୍ୟ ବି ସେ ନୁହେଁ। ବରଂ ଚିଦାନନ୍ଦ ରୂପୀ ସ୍ୱଙ୍ଗ ଶିବ ସ୍ୱରୂପ।

କଳୁଷ ପଙ୍କ ଭିତରେ ରହି ପଦ୍ମ ଯେପରି କୋଟି ଲାବଣ୍ୟନିଧିର ଅଧିକାରୀ ହୋଇଥାଏ, ସେହିପରି ମଣିଷ ପଙ୍କିଳ ସଂସାର ଭିତରେ ରହି ସେହି ଗଣିତ-ତର୍କର ଦୌଡ଼ରେ ନିଜକୁ ହଜାଇ ମଜାଇ ସଙ୍ଗୀତରେ ପାଖୁଡ଼ା ମେଲାଇବା ପରି ଜୀବନକୁ ସଂଚାରିତ କରେ। ଫଳରେ ସସାଗରାଧରା ସେହି ଅଦେଖା ସଂଚରଣ ଭିତରେ ଜୀବନକୁ ସାଉଁଟେ। ଜୀବନସାରା ଦୌଡ଼େ। ଅର୍ଥ ଓ କ୍ଷମତାର ଲୋଭରେ ମଣିଷ ମୋହାବିଷ୍ଟ ହୁଏ। ପଥ ଅପଥ ବିପଥରେ ପଡ଼େ। ମନ ବିମନ କୁମନରେ ପଡ଼ି ସୁମନାଶ୍ରିତ ହୁଏ। ହାନି ଲାଭର ଗୋଲକଧନ୍ଦାରେ ସଙ୍ଗୀତ ଭିତରେ ଆନନ୍ଦ ଖୋଜେ। ଆଉ ସେହି ସଙ୍ଗୀତ ଭିତରେ ଜୀବନ ଜିନ୍ଦାବାଦର ସ୍ୱର ଗୁଣୁଗୁଣାଏ।

ବିନା ସଙ୍ଗୀତରେ ଜୀବନ ନାହିଁ। ବିନା ଗଣିତରେ ତର୍କ ନାହିଁ। ତେଣୁ ଉଭୟ ଗଣିତ ଓ ତର୍କକୁ ନେଇ ସଙ୍ଗୀତର ତାଳେ ତାଳେ ଜୀବନକୁ ଗତିଶୀଳ କରାଇଲେ ସମଗ୍ର ଜୀବନ ଧାରା ନାଚି ଉଠେ। ତାଳ, ଲୟ, ମଣିଷ ସଙ୍ଗୀତ ଗାନ କରେ। କୋମଳ, ଗାନ୍ଧାର, ଭୈରବ ସ୍ୱରରେ ଜୀବନର ତନ୍ତ୍ରୀକୁ ଅଭିମନ୍ତ୍ରିତ କରେ। ଜୀବନର ସଂଜ୍ଞା ଓ ସ୍ୱରୂପ ବୁଝିଗଲେ ମଣିଷ ସଙ୍ଗୀତ ମାଧ୍ୟମରେ ଆତ୍ମଉପଲବ୍ଧି କରିଥାଏ। ସମଗ୍ର ଜୀବନ ଏକ ସଙ୍ଗୀତ ହେଲେ ଏହା ଗଣିତ ଓ ତର୍କ ସିଦ୍ଧ ହେବା ଆବଶ୍ୟକ। କାରଣ ବିନା ଗଣିତରେ ସଙ୍ଗୀତର ସ୍ୱର କିମ୍ବା ତାଳ କିମ୍ବା ଲୟ ସ୍ଥିର ହୋଇନଥାଏ।

ସଙ୍ଗୀତର ବିଭିନ୍ନ ପର୍ଯ୍ୟାୟ ଅନୁରୂପ ଜୀବନ ଗତିଶୀଳ ହେଉଥିବାରୁ ମଣିଷ ସଫଳ ଜୀବନ ଜୀଇଁବାକୁ ଏଥିରେ ହିଁ ସଞ୍ଜୀବନୀ ଖୋଜିବା ଆବଶ୍ୟକ। ତା'ରି ଭିତରେ କିଛି ମୂର୍ଚ୍ଛନା ଦରକାର। ଭକ୍ତି, ପ୍ରେମ, କର୍ମ ପରି ବିଭିନ୍ନ ପର୍ଯ୍ୟାୟରେ ଗତି କରି ମଣିଷ ଗଣିତ-ତର୍କର ସଙ୍ଗୀତ ଗାନ କଲେ ଜୀବନ ମଧୁମୟ ହୋଇପାରିବ। ସାରା ଜୀବନ ସାଙ୍ଗିତିକତାରେ ଭରିଯିବ।

ବେସୁରା ଜୀବନ ଜୀବନ ନୁହେଁ। ସ୍ୱରାବିଷ୍ଟ ହେଲେ ଏହା ଶ୍ରୁତିମଧୁର ହୁଏ। ପଲ୍ଲବିତ ହୁଏ। ସାକାର ହୁଏ। ସାର୍ଥକ ହୁଏ। ତେଣୁ ସେହି ଚିଦାନନ୍ଦରୂପୀ ଶିବ ସ୍ୱରୂପୀ ଆତ୍ମା ଦର୍ଶନ କରିବାକୁ ଯେଉଁ ଗଣିତ-ତର୍କ ଦରକାର ତାକୁ ଆୟତ୍ତ କରିବା ଆବଶ୍ୟକ। ଏଥିଲାଗି ସାଧନା ଦରକାର। ପ୍ରକୃତିର ନିୟମ ଯେପରି ଗଣିତ-ତର୍କ ସିଦ୍ଧାନ୍ତରେ ପର୍ଯ୍ୟବସିତ ସେହି ସାଙ୍ଗିତିକ ନିୟମାନୁସାରେ ମଣିଷ ଜୀବନ ଗତିଶୀଳ ହେଲେ ସଫଳ ହୁଏ। ଦୀର୍ଘସ୍ଥାୟୀ ଓ ଚିରଞ୍ଜୀବୀ ହୁଏ। ସୁଲଳିତ ହୁଏ। ସୁଶ୍ରାବ୍ୟ ହୁଏ। ମନୋରଞ୍ଜନ ସହ କର୍ମ ରଞ୍ଜନ ବି ହୋଇଥାଏ।

ଜନ୍ମରୁ ମୃତ୍ୟୁ ଗଣିତ-ତର୍କର ହିଁ ଏକ ସଙ୍ଗୀତ। କେତେବେଳେ ଗଣିତକୁ ନେଇ ହାନି-ଲାଭ ତ କେବେ ତର୍କକୁ ନେଇ ବାକ-ବିତର୍କ। କିନ୍ତୁ ଏହା ହିଁ ଜୀବନର ସାମ ସଙ୍ଗୀତ। ବିଭିନ୍ନ ଭାବରେ ଗତିଶୀଳ। କେତେବେଳେ ଉତଥିତ କେବେ ନିରବ କେବେ ତଳମୁଖୀ ତ କେବେ ସମାନ୍ତରାଳ। କେବେ ହାସ୍ୟ ତ କେବେ ବୀଭତ୍ସ ତ କେବେ କରୁଣ। ତାରି ଭିତରେ ଜୀବନର ସଙ୍ଗୀତ ଗାନ କରିବାକୁ ପଡ଼େ। ଗଣିତ-ତର୍କର ଜୀବନରେ ହିଁ ଆନନ୍ଦମୁଖୀ ହୁଏ ମଣିଷ। ●

କଟକ, ମୋ: ୯୯୩୮୬୧୧୦୫୩

# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା



ତିବ୍ବତୀୟ କିମ୍ବଦନ୍ତୀ ଦର୍ଶାଇଥାଏ ପ୍ରାଚୀନ ଉଡ୍ଡୀୟାନ ଅନ୍ତର୍ଗତ ସମ୍ଭଳ ରାଜ୍ୟର ଧନକୋଷ ନାମକ ହ୍ରଦରେ ଏକ ଫୁଟନ୍ତା ପଦ୍ମଫୁଲ ଉପରେ ଆଠ ବର୍ଷ ବୟସର ବାଳକ ଭାବେ ବସିଥିବା ଅବସ୍ଥାରେ ତାଙ୍କର ଆର୍ବିଭାବ ହୋଇଥିଲା। ପଦ୍ମ ଫୁଲ ଉପରେ ବସିଥିବା ବେଳେ ତାଙ୍କର ଆବିର୍ଭାବ ଯୋଗୁଁ ତାଙ୍କ ନାମ 'ପଦ୍ମସମ୍ଭବ' ହେଇଛି। ସମ୍ଭଳର ରାଜା ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ପ୍ରଥମେ ତାଙ୍କର ସନ୍ଧାନ ପାଇ ରାଜାଙ୍କୁ ଖବର କଲେ। ସେତେବେଳେ ନିଜ ପୁଅର ବିୟୋଗରେ ରାଜା ଅତ୍ୟନ୍ତ ଦୁଃଖ ଓ ମନସ୍ତାପରେ ଥିଲେ। ମନ୍ତ୍ରୀ ଏହି ବାଳକଟି ପାଖରେ ବହୁ ଶୁଭଲକ୍ଷଣ ଦେଖିଥିବାରୁ ରାଜା ଓ ପ୍ରଜାମାନେ ବହୁସଂଖ୍ୟାରେ ହ୍ରଦ କୂଳରେ ଏକାଠି ହୋଇ ବାଳକଟିକୁ ହ୍ରଦ ମଧ୍ୟରୁ ଉଦ୍ଧାର କରି ମହାସମାରୋହରେ ରାଜପ୍ରସାଦକୁ ନେଲେ।

ଏହି ପ୍ରାଚୀନ ସମ୍ଭଳ ବା ସମ୍ବଲକ ରାଜ୍ୟ ହେଉଛି ବର୍ତ୍ତମାନର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ସମ୍ବଲପୁର ଜିଲ୍ଲାଟି ଏବେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଓ ଦେବଗଡ଼ - ଏପରି ଚାରିଗୋଟି ଜିଲ୍ଲାରେ ବିଭକ୍ତ ହେଇଛି। ଏଥିମଧ୍ୟରୁ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ମହାନଦୀର ତଟବର୍ତ୍ତୀ ଅଞ୍ଚଳ। ସମ୍ବଲପୁର ସହର ମହାନଦୀ କୂଳରେ ହିଁ ଅବସ୍ଥିତ। ସମ୍ବଲପୁର ନିକଟରେ ମହାନଦୀରେ ହୀରାକୁଦ ନଦୀବନ୍ଧ ଯୋଗନା କରାଯାଇଛି ଏବଂ ଏହାର ଜଳଭଣ୍ଡାରକୁ ଲାଗି ତିନୋଟି ଯାକ ତଟବର୍ତ୍ତୀ ଜିଲ୍ଲାର ବହୁଅଞ୍ଚଳ ରହିଛି। ଆହୁରି ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ବୁଡ଼ିଯାଇଛି।

ସ୍ଥାନୀୟ ପରମ୍ପରା ତଥା ଗବେଷଣା ମୁତାବକ ଖ୍ରୀ ୭୧୭ ରୁ ୭୨୨ ମଧ୍ୟରେ ଧନକୋଷ ହ୍ରଦରେ ପଦ୍ମସମ୍ଭବଙ୍କ ଆବିର୍ଭାବ ଘଟିଥିଲା। ଭୁବନେଶ୍ୱର ମହାବୋଧି ସୋସାଇଟି ସହ ସଂପର୍କିତ ଜଣେ ବୟୋଜ୍ୟେଷ୍ଠ ଗବେଷକ ଏହି ଆବିର୍ଭାବ ଖ୍ରୀ ୭୧୭ରେ ହୋଇଥିଲା ବୋଲି ଦର୍ଶାଇଛନ୍ତି। ଆବିର୍ଭାବ ବେଳକୁ ତାଙ୍କର ବୟସ ଆଠ ବର୍ଷ ହୋଇଥିଲା ଏବଂ ରାଜା ଇନ୍ଦ୍ରଭୂତି ତାଙ୍କଠାରୁ ତାଙ୍କ ପିତାମାତାଙ୍କ ନାମ ଆଦି ସଂଗ୍ରହ କରି ତାଙ୍କର ନିଜର ପ୍ରକୃତ ଜନ୍ମସ୍ଥାନକୁ ସେହି ମହାନଦୀ କୂଳରେ ସମ୍ଭଳ ରାଜପ୍ରସାଦ ରହିଥିବା ହୀରାକୁଦ ଅଞ୍ଚଳର ସ୍ଥାନଠାରୁ ମହାନଦୀର ଉପର ମୁଣ୍ଡରେ କିଛି ଦୂରରେ ଅବସ୍ଥିତ ପଦ୍ମପୁର ନଗରକୁ ଚିହ୍ନଟ କରିଥିଲେ। ଏହି ସ୍ଥାନଟି ଏବେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅଞ୍ଚଳରେ ଅବସ୍ଥିତ। ମାତ୍ର ଏହି ସ୍ଥାନ ସହ ସମ୍ବଲପୁର ପାଖକୁ ଧରି ଏକ ବୃହତ୍ ଅଞ୍ଚଳ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଛି। ଏହି ସ୍ଥାନର ସମସ୍ତ ଲୋକ ଉଠି ଯାଇ ନିକଟସ୍ଥ ଛତିଶଗଡ଼ ଅଞ୍ଚଳରେ ତଥା ପାଖାପାଖି ଅଞ୍ଚଳରେ ବାସ କରୁଛନ୍ତି।

ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧ ଦେବୀ ପଦ୍ମାସିନୀଙ୍କ ମନ୍ଦିର ପୁନରୁଦ୍ଧାର ହୋଇ ଏବେ ମଧ୍ୟ ସେହି ବୁଡ଼ିସ୍ଥାନରେ ରହିଯାଇଛି ଏବଂ ଗ୍ରୀଷ୍ମ ଋତୁରେ ଜଳସ୍ତର ତଳକୁ ଖସିଗଲେ ଏବେ ମଧ୍ୟ ସେହି ପ୍ରାଚୀନ ମନ୍ଦିର ଦୃଶ୍ୟମାନ ହେଉଛି। ମାତ୍ର ଦେବୀଙ୍କୁ ଲୋକମାନେ ଉଠାଇ ନେଇ ନୂଆ ବସବାସ କରୁଥିବା ସ୍ଥାନରେ ରଖି ପୂଜା କରୁଛନ୍ତି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବୀନଙ୍କ ହେଲିକପ୍ଟର ବିଳମ୍ବ ପ୍ରସଙ୍ଗ

# ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି



**ଭୁବନେଶ୍ୱର,୭।୧୧(ସମିସ):** ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହେଲିକପ୍ଟରକୁ ବିମାନ ବନ୍ଦରରେ ଜାଣିଶୁଣି ତଥା ବିନା କାରଣରେ ବିଳମ୍ବ କରାଯିବା ଘଟଣାରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ କଳକୁ ଅପବ୍ୟବହାର କରାଯାଇ ଜାଣିଶୁଣି ନବୀନଙ୍କ ହେଲିକପ୍ଟରକୁ ଅନୁମତି ଦିଆଯାଇ ନାହିଁ। ଯାହା ବିଜେଡି ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ଏନେଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡିର ପ୍ରତିନିଧି ଦଳ ଦାବି କରିଛି।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭ ତାରିଖରେ ନୂଆପଡ଼ାରେ ପୂର୍ବ ନିର୍ଦ୍ଧାରିତ ପ୍ରଚାର କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଅଯଥା ଏବଂ ଜାଣିଶୁଣି ବିଳମ୍ବ କରିବା କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ଗସ୍ତ ପାଇଁ କାର୍ଯ୍ୟସୂଚୀ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ଦ୍ୱାରା ଗତ ୫ ତାରିଖରେ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁଲିସ ଡିଜି, ଏସପି(ସିକ୍ୟୁରିଟି) ବିମାନବନ୍ଦର ନିର୍ଦ୍ଦେଶକ ଏବଂ ଡ୍ୟୁଟି ଅଫିସର, ଏୟାର ଟ୍ରାଫିକ କଣ୍ଟ୍ରୋଲ ସମେତ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆଗୁଆ ସୂଚିତ କରାଯାଇଥିଲା। ତେବେ ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ ବ୍ୟବସ୍ଥାର ଅପବ୍ୟବହାର ଦ୍ୱାରା ଏହି ସୁଚିନ୍ତିତ ବିଳମ୍ବ ଆଦର୍ଶ ଆଚରଣ ବିଧିର ଏକ ଗୁରୁତର ଉଲ୍ଲଙ୍ଘନ ଅଟେ। ବିଶେଷକରି ବିମାନ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଭିତ୍ତିଭୂମି ଉପରେ ନିୟନ୍ତ୍ରଣ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ବିଜୁ ଜନତା ଦଳ ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଏହି ବ୍ୟାଘାତ କାରଣରୁ ବିଜୁ ଜନତା ଦଳ କ୍ଷତି ସହିବ। ପ୍ରଚାର ଅବଧି ଶୀଘ୍ର ସମାପ୍ତ ହେବାକୁ ଯାଉଥିବାରୁ ପ୍ରଚାର କାର୍ଯ୍ୟକ୍ରମ ପୁନଃଧାର୍ଯ୍ୟ କରିବା ଅସମ୍ଭବ ଅଟେ। ଏହା ଦଳର ନିର୍ବାଚନ ପ୍ରଚାରକୁ ସିଧାସଳଖ କ୍ଷତି ପହଞ୍ଚାଉଛି ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି। ନୂଆପଡ଼ାରେ ସରକାରୀ କଳର ଅପବ୍ୟବହାର ନେଇ ବିଜେଡ଼ି ନେତା ଓ କର୍ମୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏନେଇ କୌଣସି ଫଳପ୍ରଦ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଶାସକ ଦଳର ନିର୍ଦ୍ଦେଶରେ ପ୍ରଶାସନିକ ସଂସ୍ଥାଗୁଡ଼ିକ ବିଜେଡ଼ିକୁ ଟାର୍ଗେଟ କରିଚାଲିଛନ୍ତି। ଯାହା ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ଉପରେପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଜେଡି କ୍ଷୋଭ ପ୍ରକାଶ କରିଛି। ତେଣୁ ନିର୍ବାଚନ ଅଧିକାରୀ ତୁରନ୍ତ ହେଲିକପ୍ଟର ବିଳମ୍ବ ହେବାର କାରଣ ନେଇ ତୁରନ୍ତ ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ସୋଫିଆ ଆଲାମ, ମିହିର ରାୟ, ପ୍ରଦୀପ ପଣ୍ଡା ଓ ସିଦ୍ଧାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ବିନା କାରଣରେ ଜାଣିଶୁଣି ବିଳମ୍ବ କରାଯାଇଛି

### ବିଳମ୍ବ ପଛରେ ଶାସକ ବିଜେପିର ହାତ ସନ୍ଦେହ

## ପୁଲିସ କବ୍ଜାରେ ସୁନାଚେନ ଛିନତାଇ ଗ୍ୟାଙ୍ଗ

# ଦୁଇ ଲୁଟେରାଙ୍କ ସହ ୬ ଗିରଫ



**ଅନୁଗୋଳ, ୭।୧୧(ସମିସ):** ଅନୁଗୋଳ ପୁଲିସ ହାବୁଡ଼ରେ ସୁନାଚେନ୍ ଛିନ୍‌ତାଇ ଗ୍ୟାଙ୍ଗ୍ ପଡ଼ିଛି। କିଛି ବର୍ଷ ହେଲା ତାଳଚେର ଓ ଏହାର ଆଖପାଖ ଅଞ୍ଚଳରେ ମହିଳାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଉଥିବା ଏକ ଗ୍ୟାଙ୍ଗକୁ ପୁଲିସ ଧରିବାରେ ସଫଳ ହୋଇଛି। ପୁଲିସ ଏହି ଗ୍ୟାଙ୍ଗର ଦୁଇ ଲୁଟେରାଙ୍କ ସହ ଏମାନଙ୍କଠାରୁ ସୁନା ଅଳଙ୍କାର କିଣିଥିବା ୪ଜଣଙ୍କୁ ମିଶାଇ ମୋଟ ୬ଜଣଙ୍କୁ ଗିରଫ କରିଛି। ଗିରଫ ଲୁଟେରାଦ୍ୱୟ ହେଲେ, ସ୍କଟ୍‌ଲ୍ୟାଣ୍ଡପୁର ଗାଁର ସୁଶୀଲ ନାଏକ ଏବଂ ଖମଣାର ଅଖିଳ ନାଏକ। ଏମାନଙ୍କ ନାମରେ ୧୩ ମାମଲା ରହିଥିବା ବେଳେ ଅନ୍ୟତମ ସହଯୋଗୀ ଭିକି ନାଏକ ନାମରେ ୩୮ ମାମଲା ରହିଛି। ତେବେ ଭିକି ଫେରାର୍ ଥିବାରୁ ତାକୁ ଧରିବାକୁ ଉଦ୍ୟମ ଜାରି ରହିଥିବା ପୁଲିସ କହିଛି। ସେହିପରି ଲୁଟେରାମାନଙ୍କ ନିକଟରୁ ସୁନା ଅଳଙ୍କାର କିଣୁଥିବା ଅଭିଯୁକ୍ତମାନେ ହେଲେ, ଜଗନ୍ନାଥପୁରା ଗାଁର ହରମୋହନ ତ୍ରିପାଠୀ, ନନ୍ଦିରାର ଅକ୍ଷୟ ନାଏକ, ଡଅଁରାର ବିକାଶ ନାଏକ ଏବଂ ପ୍ରଭାତ ନାଏକ। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଭୁଜାଲି, ୫ଟି ସୁନା ଚେନ, ୪୪ ହଜାର ଟଙ୍କା, ମୋବାଇଲ, ଦୁଇଟି ବାଇକ୍ ଜବତ କରାଯାଇଛି। ଶୁକ୍ରବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅନୁଗୋଳ ଏସପି ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ ଓ ତାଳଚେର ଥାନାର ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହୁମାଛି ଆକ୍ରମଣରେ ଶିଶୁ ମୃତ

**କରଞ୍ଜିଆ, ୭।୧୧(ସମିସ):** ମହୁମାଛି ଆକ୍ରମଣରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ରୋଡଙ୍ଗ ଗ୍ରାମରେ। ରୋଡଙ୍ଗ ଗ୍ରାମର ରାଜା ନାଏକଙ୍କ ଚାରିବର୍ଷର ପୁଅ ଇଷାନ ନାଏକ ଜଣେ ପଡୋଶୀଙ୍କ ସହିତ ନଦୀକୁ ଗାଧୋଇବା ପାଇଁ ଯାଇଥିଲା। ସେଠାରୁ ଘରକୁ ଫେରିବା ବାଟରେ ଗଛରେ ଥିବା ମହୁମାଛି ବସାକୁ ଏକ ବାଜ ଆକ୍ରମଣ କରିଥିଲା। ଫଳରେ ଗଛରୁ ମହୁମାଛି ଉଡ଼ି ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତା'ର ମୃତ୍ୟୁ ହୋଇଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରଙ୍ଗ ମାରିଲେ...

ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ସହ ସ୍ନେହାଙ୍ଗିନୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଦୀର୍ଘ ତିନିଘଣ୍ଟା ଧରି ଚାଲିଥିବା ଏହି ରୋଡ ଶୋ'ରେ ହଜାର ହଜାର ଲୋକ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ରୋଡ ଶୋ' ପରେ ଅପରାହ୍ନ ୩ଟାରେ ନୂଆପଡ଼ା ବ୍ଲକ୍ ପରକୋଡ଼ ପଞ୍ଚାୟତରେ ଆୟୋଜିତ ବିଶାଳ ଜନସଭାରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ବିଜେପି ସରକାରକୁ କଠୋର ଶବ୍ଦରେ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୂତ ବିକାଶ ଆସିଥିଲା। ନୂଆପଡାରେ ହଜାର ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା। ତାଙ୍କ ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଆଜି ନୂଆପଡାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣିଥିଲା ବୋଲି ନବୀନ କହିଥିଲେ।

ଏହି ଅବସରରେ ୫୦୦ ଦିନ ପୂରଣ କରିଥିବା ବିଜେପି ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନସନ, ଚାଷୀ ଭାଇଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରି ଆଦି ପ୍ରତିଶ୍ରୁତି ପୂରଣରେ ସରକାର ବିଫଳ ହୋଇଥିବା କହିଥିଲେ। ମିଶନ ଶକ୍ତି ମା'ମାନଙ୍କୁ ଋଣ ନ ମିଳିବା ଓ ଧାନ କିଣାରେ କଟନିଛଟନି ବନ୍ଦ ହୋଇ ନ ଥିବାର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଏସ୍‌କେୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା; କିନ୍ତୁ ଏବେ ଆୟୁଷ୍ମାନ କାର୍ଡରେ କେବଳ ଟେନ୍‌ସନ ମିଳୁଛି ବୋଲି ସେ କ୍ଷୋଭର ସହ କହିଥିଲେ। କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ଆଜି ମଧ୍ୟ ନୂଆପଡାରେ ଲୋକଙ୍କ ଆଖିରେ ସେହି କ୍ରୋଧ ଓ ଦୁଃଖ ରହିଛି। ନୂଆପଡାରେ ରହି ନୂଆପଡାବାସୀଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରି ତାଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗତ ତିନି ତାରିଖ ଦିନ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ, ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା ; କିନ୍ତୁ କୋମନାରେ ଭୋଟର ଭାଇ ଭଉଣୀମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ ଧନ୍ୟବାଦ ଜଣାଇଥିଲେ।

ଆଜି ରୋଡ ଶୋ' ଅବସରରେ ଶ୍ରୀ ପଟ୍ଟନାୟକ ରାସ୍ତାର ଦୁଇ ପଟରେ ଥିବା ହଜାର ହଜାର ଶୁଭେଚ୍ଛୁଙ୍କୁ ହାତ ହଲାଇ ଅଭିବାଦନ ଜଣାଇବା ସହ ଖରିଆର ରୋଡର ଡାଗା ଛକ, ବିଜୁ ପଟ୍ଟନାୟକ ଛକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକ ମାନଙ୍କରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ସେହିପରି ନୂଆପଡା ଏନଏସି ଅଞ୍ଚଳର ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ମଧ୍ୟ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସ୍ନେହାଙ୍ଗିନୀଙ୍କୁ ଆଶୀର୍ବାଦ କରିବାକୁ ନୁରୋଧ କରିଥିଲେ। ପାରକୋଟ ଜନସଭାରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସନ୍ତୃପ୍ତ ମିଶ୍ର, ସଂଜୟ ଦାସବର୍ମା, ଅରୁଣ ସାହୁ, ପ୍ରତାପ ଜେନା, ଅରୁଣ ସାହୁ, ଟୁକୁନି ସାହୁ, ଚିନ୍ମୟ ସାହୁ, ଇପ୍‌ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଶ୍ରୀକାନ୍ତ ସାହୁ, ପ୍ରଦୀପ ସାହୁ, ନିରଂଜନ ବିଶି, ବର୍ଷା ସିଂ ବରିହା, ମନୋହର ରନ୍ଧାରୀ, ସୁଦର୍ଶନ ହରିପାଲ, ଧ୍ରୁବ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ମାରାଣ୍ଡି, ସାରଦା ଜେନା, ପ୍ରଶାନ୍ତ ବେହେରା, ନିହାର ବେହେରା, ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ଦିଲ୍ଲୀରେ ୮୦୦...

ଆସିବା କରୁଥିବା ବିମାନଗୁଡିକ ମଧ୍ୟ ବିଳମ୍ବିତ ହୋଇଛି। ଏହି ସମସ୍ୟା କେବେ ସମାଧାନ ହେବ ଓ ସ୍ଥିତି କେବେ ସାମାନ୍ୟ ହେବ ସେ ନେଇ ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ଫ୍ଲାଇଟ୍ ଟ୍ରାକିଂ ପୋର୍ଟାଲରେ ଦିଲ୍ଲୀର ଆକାଶର ଚିତ୍ର ଦେଖିବାକୁ ମିଳୁଛି। ଗୁରୁବାର ସନ୍ଧ୍ୟାଠାରୁ ଏହି ସମସ୍ୟା ଦେଖିବାକୁ ମିଳିଥିଲା। ବିମାନ ବିଳମ୍ବିତ ହେବା କାରଣରୁ ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚେକ୍ ଇନ୍, ଗେଟ୍ ନିକଟରେ ଅପେକ୍ଷା, ବୋର୍ଡିଓ ଲେଟ୍, କନେକସନ ଫ୍ଲାଇଟ୍‌ରୁ ବଞ୍ଚିତ ହେବାର ସମସ୍ୟା ସୃଷ୍ଟି ହୋଇଛି। ଏହା ଦ୍ୱାରା ମଧ୍ୟ ଅପରେସନ ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନ ବନ୍ଦରରେ ପ୍ରତିଦିନ ୧,୫୦୦ ବିମାନ ଯିବା ଆସିବା କରିଥାଏ। ଏହା ଦ୍ୱାର ଏୟାର ଲାଇନ୍ସ ଓ ବିମାନବନ୍ଦର କାର୍ଯ୍ୟପ୍ରଣାଳୀ ବିଳମ୍ବିତ ହୋଇଛି। ଏହି ସମସ୍ୟା କାରଣରୁ ବେଟିଆ, ଲକ୍ଷ୍ନୌ, ଜୟପୁର, ଚଣ୍ଡିଗଡ଼ ବିମାନ ବନ୍ଦର ମଧ୍ୟ ପ୍ରଭାବିତ ହୋଇଛି। ବିମାନ ବିଳମ୍ବିତ ହେବା କାରଣରୁ ଆଗକୁ ଆସିବାକୁ ଥିବା ବିମାନ ଗୁଡିକର କାର୍ଯ୍ୟସୂଚୀ ବିଳମ୍ବିତ ହୋଇଛି।

### ୪୨ ଦିନରେ ବିକ୍ରି...

ଏଥିରେ ଯାତ୍ରୀବାହୀ କାର ଏବଂ ଦୁଇ ଚକିଆ ଯାନ ପାଇଁ ରେକର୍ଡ ପଞ୍ଜିକରଣ ହୋଇଛି। ଜିଏସ୍ଟି ୨.୦ ଲାଗୁ ହେବା ପରେ ଯାନବାହାନ ମୂଲ୍ୟ ହ୍ରାସର ପ୍ରଭାବ ମଧ୍ୟ ଏଥର ବଜାରରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଫାଡା ସଭାପତି ସି.ଏସ୍. ବିଗ୍ନେଶ୍ୱର କହିଛନ୍ତି ଯେ, ଚଳିତ ପାର୍ବଣ ଋତୁରେ ହୋଇଥିବା ବିକ୍ରି, ଭାରତର ଅଟୋ କ୍ଷେତ୍ରର ଖୁଚୁରା ବିକ୍ରି ଇତିହାସରେ ସବୁଠୁ ବଡ଼। ଜିଏସ୍ଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଯାନବାହାନ କିଣିବା ସରଳ ଓ ସହଜ ହୋଇଛି। କମ୍ପାକ୍ଟ ଓ ୪ ମିଟରରୁ କମ୍ ଆକାରର ଗାଡ଼ି ଚାହିଦା ସବୁଠୁ ଅଧିକ ରହିଛି। ଗ୍ରାମାଞ୍ଚଳର ମଧ୍ୟ ଗାଡ଼ି ବିକ୍ରି ଆଖିଦୃଶିଆ ଭାବରେ ବଢ଼ିଛି। ଏହା ବାଦ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ମଧ୍ୟ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ତିନି ଚକିଆ ଏବଂ କର୍ମସିଆଲ ଭଭି ଗାଡ଼ିର ବିକ୍ରି ଯଥାକ୍ରମେ ୯% ଏବଂ ୧୫% ଅଭିବୃଦ୍ଧି ରେକର୍ଡ କରିଛି।

### ଏସ୍ଆଇଟି ବୈଠକରେ...

ବୈଠକରେ ବିଭାଗୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ସରକାରଙ୍କ ସୁପାରିସକ୍ରମେ ଏହାର ତଦନ୍ତ ଆଗକୁ ସିବିଆଇ କରିବ। ଏଣୁ, ତଦନ୍ତ ପରେ ଅଧିକ ତଥ୍ୟ ଆସିପାରିବ ବୋଲି ସେ କହିଥିଲେ। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଏପରିକି, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସରକାରୀ ଅଧିକାରୀ ଧରାପଡ଼ିଥିବା ବେଳେ ଓପିଆରବି ଦ୍ୱାରା ପରିଚାଳିତ ହେଉଥିବା ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଏଯାଏ କୌଣସି ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣାରେ ନିଯୁକ୍ତି ଆଶାୟୀଙ୍କଠାରୁ ବିପୁଳ ଅର୍ଥ କାରବାର ହୋଇଥିବାରୁ ଇଡି ପକ୍ଷରୁ ଏହି ପ୍ରସଙ୍ଗରେ ନଜର ରଖାଯିବା ପାଇଁ ଜଷ୍ଟିସ ପଶାୟତ ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ବିଭାଗରେ ଅଧିକ ଦୁର୍ନୀତି ମାମଲା ଧରାପଡ଼ୁଛି, ସେହି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଛି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଓ ସିବିଆଇ ଅଧିକାରୀମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ମୁମ୍ବଇଠାରେ ଅନୁଷ୍ଠିତ ହେବ।

### ଶଙ୍କର, ସୁରେଶଙ୍କର...

ବର୍ତ୍ତମାନ ବିଚାର ବିଭାଗୀୟ ରିମାଣ୍ଡରେ ଥିବା ଶଙ୍କର ସହ ସିଲିକନ୍-ଟେକ୍‌ର ମାଲିକ ସୁରେଶ ନାୟକଙ୍କ ମଧ୍ୟ ଉକ୍ତ ପରୀକ୍ଷା କରାଯିବ। ଏହି ପରୀକ୍ଷାର ଲକ୍ଷ୍ୟ ବୟାନ ଯାଞ୍ଚ କରିବା ଏବଂ ମାମଲାର ପ୍ରମୁଖ ଦିଗଗୁଡ଼ିକ ଉପରେ ସ୍ପଷ୍ଟତା ସଂଗ୍ରହ କରିବା ବୋଲି କ୍ରାଇମବ୍ରାଞ୍ଚ କହିଛି। ରିମାଣ୍ଡ ଅବଧି ଶେଷ ହେବା ପର ମିଛ ଚିହ୍ନଟ ପରୀକ୍ଷା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାଯାଇଛି। ପ୍ରକାଶଥାଉକି, ଉତ୍ତରାଖଣ୍ଡର ନେପାଳ ସୀମା ନିକଟରୁ ଶଙ୍କରକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଶଙ୍କର ସହ ଗିରଫ ଆଉ ଜଣେ ଅଭିଯୁକ୍ତ ଅରବିନ୍ଦର ୫ ଦିନିଆ ରିମାଣ୍ଡ ଶନିବାର ଶେଷ ହେଉଛି।

### ହାଇକୋର୍ଟରେ ସତ୍ୟପାଠ...

କରାଯାଇଛି। ପ୍ରକାଶଥାଉକି, ଗତ ଶୁଣାଣି ସମୟରେ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ ହାଇକୋର୍ଟ। ଆଜି ଏସ୍‌ପିଙ୍କ ପକ୍ଷରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲା। ଦାଖଲ ଲିଖିତ ଜବାବରେ ଏସପି ସ୍ୱୀକାର କରିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ସେ ଗଣମାଧ୍ୟମରେ ସାର୍ବଜନୀନ ମନ୍ତବ୍ୟ ଦେଇଥିଲେ। ତେବେ ସତ୍ୟପାଠ ଜରିଆରେ ଏହାକୁ ଦେବାକୁ ଅଦାଲତ କହିଛନ୍ତି। ସତ୍ୟପାଠ ଗ୍ରହଣ କରିବା ପରେ ଏସ୍‌ପିଙ୍କ ଉପରୋକ୍ତ ଆଚରଣ ଅଦାଲତ ଅବମାନନା କି ନୁହେଁ, ତାହାର ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସ୍‌ପି ସତ୍ୟପାଠ ଦେବେ।

ମାମଲାରୁ ପ୍ରକାଶ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଛି ବୋଲି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ହତ୍ୟା ଅଭିଯୁକ୍ତ ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନୀ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି ଗଣମାଧ୍ୟମରେ କହିଥିଲେ। ହତ୍ୟା ଘଟଣା ସହ ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

### ଇ-କେୱାଇସି ନେଇଛି...

ଅନୁଯାୟୀ ରିସା ମାଙ୍କିଡ଼ିଆଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ରାସନ କାର୍ଡ ଥିଲା। ମାତ୍ର ତାଙ୍କର ଆଧାରକାର୍ଡ ହୋଇପାରି ନ ଥିଲା। ବାରମ୍ବାର ଚେଷ୍ଟା ସତ୍ୱେ ଇ-କେୱାଇସି ସମ୍ପୂର୍ଣ୍ଣ ନହେବା କାରଣରୁ ତାଙ୍କୁ ଚାଉଳ ମିଳୁ ନ ଥିଲା। ବିନା ନୋଟିସରେ ତାଙ୍କର ଅନ୍ତ୍ୟୋଦୟ କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ବେଳେ ସ୍ଥାନୀୟ ସରକାରୀ ଅଧିକାରୀ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଓଡ଼ିଶା ରିଲିଫ କୋଡ୍‌ର ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିର ଅନାହାରରେ ମୃତ୍ୟୁ ହୁଏ ତେବେ ମୃତ୍ୟୁର ୪୮ ଘଣ୍ଟା ମଧ୍ୟରେ ତହସିଲଦାରସ୍ତରର କୌଣସି ସରକାରୀ ଅଫିସର ତଦନ୍ତ କରିବା ବାଧ୍ୟତାମୂଳକ। ହେଲେ ରିସା ମାଙ୍କଡିଆଙ୍କ କ୍ଷେତ୍ରରେ ଏହାକୁ ଅନୁପାଳନ କରାଯାଇ ନାହିଁ। ରିସା ମାଙ୍କିଡିଆଙ୍କ ରାସନ ବହି ଦର୍ଶାଉଛି ଯେ ସେ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ନିୟମିତ ଭାବରେ ୩୫ କିଲୋ ଚାଉଳ ପାଇଥିଲେ। ମେ' ଏବଂ ଜୁନ୍ ମାସ ପାଇଁ ରାସନ ବହି ପୃଷ୍ଠା ଖାଲି ଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ୨୦୨୫ ପାଇଁ ଗୋଟିଏ ବିବାଦୀୟ ଏଣ୍ଟ୍ରି ଅଛି। ପୂର୍ବତନ ସ୍ଥାନୀୟ ୱାର୍ଡମେମ୍ବରଙ୍କ ତଥ୍ୟ ଅନୁଯାୟୀ ତାଙ୍କ ମୃତ୍ୟୁ ପରେ ବ୍ଲକ ଅଧିକାରୀମାନେ କାର୍ଡ ନେଇଛନ୍ତି। ଏହାସହିତ ମିଞ୍ଜରୀ ମାଙ୍କେଡ଼ିଆ (ରିସାଙ୍କ ବୋହୂ)ଙ୍କ ରାସନ କାର୍ଡ ମଧ୍ୟ ବର୍ତ୍ତମାନ ସ୍ଥାନୀୟ ପିଡିଏସ ଡିଲରଙ୍କ ପାଖରେ ଅଛି। ଯାହାକୁ ନେଇ ଏହି ଟିମ୍‌ର ସଦସ୍ୟମାନେ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପଟେ ରିସା ମାଙ୍କିଡିଆଙ୍କ ଅନାହାରଜନିତ ମୃତ୍ୟୁ ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା କେତେ ଦୟନୀୟ ଅବସ୍ଥାରେ ଅଛି, ତାହା ଅନୁମେୟ ବୋଲି ସଂଗଠନଗୁଡ଼ିକ କହିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ନିରପେକ୍ଷ ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩ ସଂଗଠନ ପକ୍ଷରୁ ଗୌରାଙ୍ଗ ମହାପାତ୍ର, ରଞ୍ଜିତ ସୁତାର, ସମୀତ ପଣ୍ଡା ଓ ସାମାଜିକ କର୍ମୀ ମଣ୍ଟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before the Notary Public, Cuttack Town on Dt. 01/07/2025. I, **Eram Ahamed Saikh,** W/o- Monazir Akhtar, resident of Village-Sayedpur, Ps- Binjharpur, Dist-Jajpur. My name has been wrongly mentioned as **Eram Mushtaque Ahmed Shaikh** in my Passport bearing No-Y3931701. I declare that my self **Eram Ahmed Shaikh** and **Eram Mushtaque Ahmed Shaikh** is one and same person for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-06/11/2025. I, **Santosh Kumar Majhi** (new name) formerly called as Santosh Majhi (old name), S/o Mahadeba Majhi, permanent resident of AT: Digisira, PO: Kushkela, PS: Sindhekela, Dist: Balangir (Odisha), PIN: 767066 now residing at the same place affirm that I have changed my name from **Santosh Majhi** (old name) to **Santosh Kumar Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Santosh Kumar Majhi** (new name).

**Santosh Kumar Majhi**

**AFFIDAVIT**

I MOHD ABDUL HASIB ABDUL QAIYUM MOHD/MOHAMMED ABDUL HASIB S/O ABDUL QAIYUM AT: AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR-754135, ODISHA DECLARE BY THIS AFFIDAVIT NO- 40752, DATE- 6.11.2025, THAT NOW ONWARDS, I SHALL BE KNOWN AS **MOHAMMAD ABDUL HASIB** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dtd.03.11.2025, I, Abhiram Khandai, S/o Giridhari Khandai, At–Kalaspur, Po–Hasinpur, PS–Jajpur Sadar, Dist–Jajpur, Odisha–755017, do hereby declare that I have changed my name from Abhiram Panda to Abhiram Khandai, Date of Birth: 01/07/1963, for all purposes. Henceforth, I shall be known as **Abhiram Khandai.**

**Sd/- Abhiram Khandai**

**AFFIDAVIT**

By virtue of an affidavit sworn before Executive Magistrate, Bhograi, dated: 19/07/2025, I, Malati Jena, Resident of At-Mandarsahi, Po- Sukhasandha Patna, Via- Dehurda, Block-Bhograi, Dist- Balasore, Pin-756036, Odisha declare that I have changed my son name from Pabitra Jen to Ashutosh Jena. Henceforth, he shall be known as **Ashutosh Jena** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhograi, dated 06/11/2025 I, Kalpana Mohapatra, W/o. Padmalochan Mohapatra, At. Ghantilodi, Po. Kumarjalina, Ps. Bhograi, Dist. Balasore, Pin-756036, Odisha declare that I have changed the name of my son from Dibyandhu Mohapatra to Dibyanshu Mohapatra. Henceforth, he will be known as **Dibyanshu Mohapatra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhograi, dated 04/11/2025 I, Dhananjay Das, S/o. Narayan Prasad Das, At. Deula, Po. Deulahat, Ps. Bhograi, Dist. Balasore, Pin- 756036, Odisha renounce, relinquish and abandon the use of my minor son's former name Manoranjan Das (old name) instead of Madhujit Das (New name). Henceforth, he will be known as **Madhujit Das** for all purposes.

**AFFIDAVIT**

I, Priyadarsini Swain, aged about 41 years, W/o- Subhransu Behura, resident of At- Tinigharia, Nayabazar, Ps- Madhupatna, Cuttack, Dist- Cuttack, Pin-753004, Odisha declare by this affidavit No. 2274, dtd- 07/11/2025, that now onwards I shall be known as **PRIYADARSHINI SWAIN** for all future purposes.

**AFFIDAVIT**

I, Rashmi Rekha Pradhan, aged about 46 years, W/o- Santosh Kumar Pradhan, Resident of Flat No.: 401, Specific Royal Palace, PO:Sailashreevihar, Bhubaneswar, Dist.: Khorda, Odisha, PIN-751021 declared by this Affidavit No.1369, Dated: 07.11.2025. that now onwards I shall be known as **RASHMI REKHA GARNAIK** or all future Purposes.

**AFFIDAVIT**

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahu resident of village/Ward Mahabir Pada PO/PS.: Bhawanipatna Dist.: Kalahandi declare that I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

**AFFIDAVIT**

I, Monali Nayak, aged about 39 years, W/o- Partha Pratim Nayak resident of At- Plot No-167/5, Gajapati Nagar, Durga Mandap Lane, Press Chhak, Po- Sainik School, Bhubaneswar, Pin-751005, Odisha declare by this affidavit No.108, dtd- 19/07/2025, that now onwards I shall be known as **MONALI MALLICK** for all future purposes.

**AFFIDAVIT**

I RANJIT KUMAR JENA/ RANJIT JENA, S/O.: LATE BISWANATH JENA, PLOT NO.: 4249/9268, PANDAV NAGAR, TANKAPANI ROAD, P.S.: BADAGADA, BHUBANESWAR-751018, ODISHA DECLARE BY THIS AFFIDAVIT NO.: 40750 DATE- 6.11.2025, THAT NOW ONWARDS, I SHALL BE KNOWN AS **RANJEET KUMAR JENA** FOR ALL FUTURE PURPOSES.

**AFFIDAVIT**

I TASNIM ARA ABDUL HASIB MOHD W/O MOHAMMAD ABDUL HASIB AT- AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR-754135, ODISHA DECLARE BY THIS AFFIDAVIT NO- 40749, DATE- 6.11.2025, THAT NOW ONWARDS, I SHALL BE KNOWN AS **TASNIM ARA** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Excutive Magistrate and Tahsildar Sohela, on the 30th of October, 2025, I, **Keshaba Sahu,** S/o Suryabali Sahu, resident of Village: Mangalpali, PO: Rengali, PS: Sohela, Dist: Bargarh, PIN-768033, Odisha, declare that I have changed the name of my minor son from **Mukshyajit Sahu** (old name) to **Meyar Sahu** (new name). Henceforth, he shall be known as **Meyar Sahu** for all purposes.

**Keshaba Sahu**

**ପୂର୍ବ ତଟ ରେଳପଥ**

**ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା** ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ। ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର ରୋଡ଼ ୟାର୍ଡ - ତାଳଚେର ୟାର୍ଡ ଚତୁର୍ଥ ଲାଇନ ଯେଉଁଥିରେ ତାଳଚେର ୟାର୍ଡ (ଓଏଚ୍‌ଇ କି.ମି. 168/14N, ସିଏଚ୍: 168/615.00 (ତାଳଚେର ରୋଡ୍ ୟାର୍ଡ) ଠାରୁ କି.ମି. ତାଳଚେର/1168N, ସିଏଚ୍- (ତାଳଚେର ୟାର୍ଡ) ଅନ୍ତର୍ଭୁକ୍ତ ଅଟେ। | ଖୋର୍ଦ୍ଧା ରୋଡ଼ | 17.11.2025 |

**AC 25 KV ଟ୍ରାକ୍ସନର ପ୍ରଚଳନ**
**"ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"** ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ରୋଡ଼ ୟାର୍ଡ ଚତୁର୍ଥ ଲାଇନ, ତାଳଚେର ୟାର୍ଡ (ସମସ୍ତ ନୂଆ ଲାଇନ, ସିକ୍ ସାଇଡିଂ, ଏଆରଟୀ ସାଇଡିଂ, ଟି-ଆଉଟ / ଏକ୍ସ-ଓଭର ଲାଇନ) ସେକ୍ସନ୍ ଉପରେ 25,000 ଭୋଲ୍ଟ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍‌ର ଶୁଭାରମ୍ଭ"ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡ଼ିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :
1) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା।

PR-157/CI/25-26 ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

**ଓଡ଼ିଶା ସରକାର**
**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଗନ**
Email: akp.irrigationdivision@gmail.com
A-859

**'e'-Procurement Notice No. 12/2028-26**

1 କାର୍ଯ୍ୟ ର ନାମ : ମରାମତି କାର୍ଯ୍ୟ
2 ମୋଟ କାର୍ଯ୍ୟ ସଂଖ୍ୟା : ୧୩ ଗୋଟି କାର୍ଯ୍ୟ
3 ଅବକଳ ମୂଲ୍ୟ : ୪୭.୦୪ ଲକ୍ଷ ରୁ ୮୩.୯୦ ଲକ୍ଷ
4 ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Daled 05.12.2017 as Mentioned in DTCN.
5 କାର୍ଯ୍ୟ ସମାପ୍ତି ସମୟ : ୬ ମାସ।
6 ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
I. Procurement Officer : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଗନ, ଆଖୁଆପଦା
II.ଅନଲାଇନ Biddingର ସମୟସୀମା :ତା ୦୭.୧୧.୨୦୨୫ ଦିବା ୧୦ ଘଟିକା ରୁ ତା ୨୧.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ।
III. Technical ଏବଂFinancial bid ଖୋଲାଯିବାର ତାରିଖ ଓ ସମୟ। :ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଗନ ଙ୍କ କାର୍ଯ୍ୟାଳୟ ରେ ତା ୨୪.୧୧.୨୦୨୫ ଦିବା ୧୧.୩୦।
IV. Transparent Lottery ର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଗନଙ୍କ କାର୍ଯ୍ୟାଳୟ ରେ ତା ୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନଲାଇନ ତଥ୍ୟ ଏହି ୱେବସାଇଟ ର ପ୍ରଦାନ କରାଯାଇଅଛି ।www.tendersorissa.gov.in.

ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଗନ, ଆଖୁଆପଦା

OIPR-

# ଡିଲ୍‌ଡିଲଡ଼ା ବନ୍ଧ ଭାଙ୍ଗି ବ୍ୟାପକ ଧାନ ଫସଲ ନଷ୍ଟ





**ବନ୍ଧ ନିର୍ମାଣରେ ଅନିୟମିତତା ସହ ବ୍ୟାପକ ଅର୍ଥ ହେରଫେର ଅଭିଯୋଗ**

**ଗୁମ୍ମା,୭ ।୧୧(ସମିସ):** ବର୍ଷା ଜଳ ନିଷ୍କାସନ ନ ହୋଇ ଅତ୍ୟଧିକ ଝରଣା ଜଳ ଗଚ୍ଛିତ ଥିବା ଯୋଗୁଁ ବନ୍ଧ ହିଡ ଭାଙ୍ଗି ବ୍ୟାପକ ପାଚିଲା ଧାନ ଫସଲ ନଷ୍ଟ ହୋଇଛି । ବନ୍ଧ ନିର୍ମାଣରେ ଅନିୟମିତତା ସହ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଯୋଗୁଁ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ବନ୍ଧ ଭାଙ୍ଗି ଯାଇଛି । ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଉଖୁରା ପଞ୍ଚାୟତ ଲାତୁରଗଡ଼ ଗ୍ରାମର ଡ଼ିଲଡ଼ିଲଡ଼ା ବନ୍ଧ ଗୁରୁବାର ରାତି ପ୍ରାୟ ୧୦ଟାରେ ଭାଙ୍ଗି ଯାଇଥିଲା । ଏଥିରେ ବନ୍ଧକୁ ଲାଗି ରହିଥିବା ଧାନ ବିଲ ଉପରେ ମାଟି, ପଥର ଓ ଗଛ ଭାସିଯାଇ ୭ରୁ ୯ ଏକର ଧାନ ଫସଲ ନଷ୍ଟ ହୋଇଛି ।

ସୂଚନାଯୋଗ୍ୟ ଯେ, ଉଖୁରା ପଞ୍ଚାୟତ ତରଫରୁ ମନରେଗା ଯୋଜନାର ଅମୃତ ସରବର ମାଧ୍ୟମରେ ୨୦୨୨-୨୩ ବର୍ଷ ଉକ୍ତ ପୋଖରି ନିର୍ମାଣରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଅର୍ଥ କେବଳ ପାଚେରୀ ନିର୍ମାଣରେ ଖର୍ଚ୍ଚ କରାଯାଇଛି । ନିକଟରେ ଏକ ସୂଚନା ଫଳକ ରହିଛି । କିନ୍ତୁ ସେଥିରେ ନିର୍ମାଣ କାର୍ଯ୍ୟ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ । ଉକ୍ତ ବନ୍ଧରେ ବର୍ଷ ସାରା ପାଣି ଜମି ରହୁଥିବା ଜାଣିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ବନ୍ଧ ଚାରିପଟେ ପଥର ବାଡ଼ କରିବାକୁ ଭୁଲି ଯାଇଥିଲେ । ଯାହାଫଳରେ ଆଜି ଚାଷୀଙ୍କ ବର୍ଷକର ପରିଶ୍ରମ ଧୋଇ ଯାଇଛି ବୋଲି ସରପଞ୍ଚ ଜିସି ଗମାଙ୍ଗ, ଖିଲିଓ ଗମାଙ୍ଗ, ଏଲିଆଖିଲ ଗମାଙ୍ଗ, ଯୋଶୀୟ ରଇତ, ଆସି ଭୂୟାଁ ଓ ବିନିୟ ରଇତ ଅଭିଯୋଗ କରିଛନ୍ତି । ଏନେଇ ଘଟଣା ସ୍ଥଳରେ କୃଷି ଅଧିକାରୀ ନାରାୟଣ ଚାନ୍ଦଙ୍କ ସମେତ ଗୁମ୍ମା ରାଜସ୍ୱ ନିରୀକ୍ଷକ ପହଞ୍ଚିଥିଲେ । କ୍ଷୟକ୍ଷତି ଆକଳନ କରାଯାଇ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି ।

## ଟିଁକାବାଲିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ଟିଁକାବାଲି,୭।୧୧(ସମିସ):** ମତ୍ସ୍ୟ ସମ୍ପଦ ଓ ପଶୁ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ଟିଁକାବାଲିସ୍ଥିତ ମା ଭୈରବୀ କଲ୍ୟାଣୀ ମଣ୍ଡପରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ ହୋଇଯାଇଛି । ବ୍ଲକର ବିଭିନ୍ନ ପଞ୍ଚାୟତର କେତେକ ସଫଳ ଚାଷୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଉପଢୌକନ, ମାନପତ୍ର, ଟ୍ରଫି ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହାଛଡା କୃଷି ଏବଂ ପ୍ରାଣୀ ବିଭାଗର ମିଲେଟ, ହଳଦୀ ଗୁଣ୍ଡ, ଗୋଖାଦ୍ୟ ଇତ୍ୟାଦି ବିଭିନ୍ନ ଷ୍ଟଲ ମଧ୍ୟ କରାଯାଇଥିଲା । କାର୍ଯ୍ୟକ୍ରମରେ ଜି. ଉଦୟଗିରିର ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ସାଂସଦ ପ୍ରତିନିଧି ଜିତେନ୍ଦ୍ର ଡାକୁଆ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଭାଗବତ ଘୋଷ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଣବ କିଶୋର ପଟ୍ଟନାୟକ, ଟିଁକାବାଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ମଲ୍ଲିକ ଏବଂ ଚକାପାଦ ବିଡିଓ ଦୀପକ କୁମାର ରେଡ୍ଡୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଟିଁକାବାଲି ବିଏସ୍ ଅସୀମ କୁମାର ପରିଚାଳନା ଓ ଟିଁକାବାଲିର ସମସ୍ତ ଏଲ୍ଆଇ ସହଯୋଗ କରିଥିଲେ ।




## ଜିଲ୍ଲାସ୍ତରୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କର୍ମଶାଳା

**ପାରଳାଖେମୁଣ୍ଡି,୭।୧୧(ସମିସ):** ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବାକୁ ବିଡିଏସ୍‌ପି ହସ୍ତକ୍ଷେପ ଅଧୀନରେ ଗୁଣବତ୍ତା ପ୍ରମାଣନ ଉପରେ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଭାଗର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ବଜାର ପ୍ରତିଯୋଗିତାମୂଳକ ପରିଚାଳନାରେ ଗୁଣବତ୍ତାର ପ୍ରମାଣପତ୍ରର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଜାତୀୟ ଉତ୍ପାଦକତା ପରିଷଦର ଉପ ନିର୍ଦ୍ଦେଶକ ତଥା ବିଶେଷଜ୍ଞ ଶ୍ୟାମ ପ୍ରସାଦ ଗୁଣାତ୍ମକ ମାନକକୁ ସମନ୍ୱିତ କରିବାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ବିଭିନ୍ନ ବିଷୟ ବସ୍ତୁକୁ ନେଇ ଆଲୋଚନା କରାଯିବା ସହ ଉପସ୍ଥିତି ବ୍ୟକ୍ତିଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ ସହ ଲୋକଙ୍କ ସନ୍ଦେହ ବିଶେଷଜ୍ଞଙ୍କ ଦ୍ୱାର ଦୂରୀକରଣ କରାଯାଇ ଆର୍ଥିକ କାରବାର ସମ୍ପର୍କରେ ଆଲୋଚନା କରାଯାଇଥିଲା । କର୍ମଶାଳାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୁନାରାମ ସିଂ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ଶଶାଙ୍କ ସାହୁ, ଡିଆଇପିଏ ବଦ୍ରୀ ନାରାୟଣ ମିଶ୍ର ଓ ଜ୍ୟୋତି ତ୍ରିପାଠୀ, ସଫଳ ଉଦ୍ୟଗୀ ଦୁର୍ଗା ମାଧବ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଉଦ୍ୟୋଗୀ ଉପସ୍ଥିତ ଥିଲେ ।



## ବସ୍ ଧକ୍କାରେ ବାଇକ୍‌ଚାଳକ ମୃତ; ରାସ୍ତାରୋକ

**ବ୍ରାହ୍ମଣୀଗାଁ,୭।୧୧(ସମିସ):** ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ସ୍ଥିତ ପୁଡ଼ାଶଙ୍ଖରେ ଏକ ବାଇକକୁ ଯାତ୍ରୀବାହୀ ବସ ଧକ୍କା ଦେବାରୁ ବାଇକ ଚାଳକ ପ୍ରକାଶ ବଡ଼ାଇକ (୪୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ପଛରେ ବସିଥିବା ରଷିମାଳ ମହାବିଦ୍ୟାଳୟର ଯୁକ୍ତଦୁଇ ଶେଷବର୍ଷ ଛାତ୍ରୀ ପୂଜା ପାତ୍ର ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ରାହ୍ମଣୀଗାଁ ଡାକ୍ତରଖାନାକୁ ନେଇଥିଲେ । ହେଲେ ମୃତକଙ୍କ ପରିବାର ସଦସ୍ୟ ଓ ଅଞ୍ଚଳବାସୀ ମରଶରୀରକୁ ଦୁର୍ଘଟଣା ସ୍ଥଳକୁ ଆଣି ରାସ୍ତା ଉପରେ ରଖି ଉପଯୁକ୍ତ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ । ଶତାଧିକ ଯାନବାହାନ ଉଭୟ ପାଶ୍ୱର୍ରେ ଅଟକି ରହିଛି । ଘଟଣା ଘଟିବାର ପ୍ରାୟ ଦୁଇଘଣ୍ଟା ପରେ ପରେ ତହସିଲ୍‌ଦାର ଧିରଜ୍ କୁମାର ପାତ୍ର ପହଞ୍ଚି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେବା ସହିତ କ୍ଷୟକ୍ଷତି ଦିଆଯିବା ନେଇ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ଘଟଣା ସ୍ଥଳରେ ସରପଞ୍ଚ ସଂଯୁକ୍ତା ମଲିକ, ଦାରିଙ୍ଗବାଡି ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ସହିତ ଅଞ୍ଚଳର ବୁଦ୍ଧିଜୀବୀ, ସମାଜିକ କର୍ମୀ, ବିଭିନ୍ନ ରାଜନୈତିକ ଦଳର କର୍ମୀ ଉପସ୍ଥିତ ଥିଲେ । ମୃତକ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ଦେବା ସହିତ ଆବାସ ଯୋଜନାରେ ଘର ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ । ଗାଡ଼ି ମାଲିକ ମୃତ ପରିବାରକୁ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ସହିତ ବୀମା ପାଇବାରେ ସହାୟକ ହେବା ସହିତ, ଆହତ ଛାତ୍ରୀର ଚିକିତ୍ସା ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେବାପରେ ୭ଘଣ୍ଟା ଧରି ଚାଲିଥିବା ରାସ୍ତା ଅବରୋଧ ହଟିଥିଲା । ଶେଷରେ ଥାନା ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରି ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି । ମୃତକଙ୍କ ସାନ ଭାଇ ଜିତେନ୍ଦ୍ର ବଡାଇକ (୩୫) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଇଏମ୍ଆର୍‌ଏସ୍ ରାଜ୍ୟସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ

**ଫିରିଙ୍ଗିଆ, ୭।୧୧(ସମିସ):** ଫିରିଙ୍ଗିଆରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୨ ଦିନିଆ ରାଜ୍ୟସ୍ତରୀୟ କଳା ଉତ୍ସବ ଓ ସମୃଦ୍ଧି ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଏବଂ ବିଦ୍ୟାଳୟ ଅଧ୍ୟକ୍ଷ ସାଇ ସ୍ୱରୂପ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଳା ଉତ୍ସବରେ ରାଜ୍ୟର ୨୭ ଏକଲବ୍ୟ ବିଦ୍ୟାଳୟର ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।



ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ଏକଲବ୍ୟ ବିଦ୍ୟାଳୟ ମହସିଂର ଅଧ୍ୟକ୍ଷ ଶିବରାମ ପାତ୍ର, ଡାମିଗାଁ ଏସଏସଡ଼ି ବିଦ୍ୟାଳୟଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସିଂ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କାହ୍ନୁ ଚରଣ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉଦଯାପନୀ ଅବସରରେ ଅତିଥି ଭାବରେ ଫିରିଙ୍ଗିଆ ଏକଲବ୍ୟ ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସିଂ ଯୋଗ ଦେଇଥିବା ବେଳେ ଅନ୍ୟଅତିଥି ମଧ୍ୟରେ ଫିରିଙ୍ଗିଆ ପ୍ରେସ୍ କ୍ଲବ ସଭାପତି ଉତ୍ତମ ଖମାରି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସାମ୍ବାଦିକ ସୁଶାନ୍ତ କୁମାର ଦିଗାଲ ଯୋଗ ଦେଇଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଏକଲବ୍ୟ ବିଦ୍ୟାଳୟର ଶିକ୍ଷକ ତନ୍ମୟ ରଞ୍ଜନ ସାହୁ, ଦେବାଶିଷ ଘୋଷ, ବିନୋଦ କୁମାର ପାଣିଗ୍ରାହୀ, ପ୍ରଦୀପ ଚୌହାନ, ମୂଳା ରାମଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷକ ତନ୍ମୟ ରଞ୍ଜନ ସାହୁ ଓ ଶିକ୍ଷକ ବିପିନ ପାଠକ ସମସ୍ତ ମଞ୍ଚ ପରିଚାଳନା କରିଥିଲେ ।

## ମାଣବସା ଲକ୍ଷ୍ମୀପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



**ରାଇକିଆ,୭।୧୧(ସମିସ):** ରାଇକିଆ ମାଣବସା ଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଲକ୍ଷ୍ମୀ ପୂଜା କମିଟି ସଭାପତି ଦେବୀ ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ । ଚଳିତ ବର୍ଷ ଲକ୍ଷ୍ମୀ ପୂଜା ଡିସେମ୍ବର ୩ରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । କାର୍ଯ୍ୟକ୍ରମରେ ଉପସଭାପତି ବନମାଳୀ ପଣ୍ଡା, ବିରୁପାକ୍ଷ ପାତ୍ର, ସାଧାରଣ ସମ୍ପାଦକ ବାଦଲ ସାହୁ, ସହ ସମ୍ପାଦକ ବେଣୁପାଣି ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭରତ ଭୂଷଣ ପାଣିଗ୍ରାହୀଙ୍କ ସମେତ ଉପଦେଷ୍ଟା ଶ୍ରୀଧର ଦାଶ, ତିରୁପତି ସୁବୁଦ୍ଧି, ବିଜୟ ଅଚାର୍ଯ୍ୟ, ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

## ଅନୁଗ୍ରହ ଓ ସୁସ୍ଥତା ମହୋତ୍ସବରେ ଭବିଷ୍ୟବକ୍ତାଙ୍କ ବାକ୍ୟ ପରିବେଷଣ

**ଦାରିଙ୍ଗବାଡ଼ି,୭।୧୧(ସମିସ):** ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ପଞ୍ଚାୟତ ସୁଗାନକେତା ବିର୍ସାମୁଣ୍ଡା ପଡ଼ିଆରେ ତିନି ଦିନିଆ ଅନୁଗ୍ରହ ଓ ସୁସ୍ଥତା ମହୋତ୍ସବ କାର୍ଯ୍ୟକ୍ରମର ଆଜି ଦ୍ୱିତୀୟ ଦିନ । ଟ୍ରାଇବାଲ ଡାୟସେସ୍ ଅଫ କନ୍ଧମାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ବିଶପ ଦିଲୀପ କୁମାର ବଳ, ପ୍ରେରିତ ପ୍ରେମଜି ପିଟର ଏବଂ ଭବିଷ୍ୟବକ୍ତା ରମାକାନ୍ତ ପାଣି ଉପସ୍ଥିତ ରହି ବାକ୍ୟ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଖ ପାଖ ଅଞ୍ଚଳରୁ ଶତାଧିକ ବିଶ୍ୱାସୀ ସୁସ୍ଥତା ପାଇଁ ଇଶ୍ୱରଙ୍କ ଠାରେ ପ୍ରାର୍ଥନା କରିଥିଲେ । ଏଥିରେ ବକ୍ତାମାନେ ସୁସ୍ଥତା ପ୍ରାର୍ଥନାରେ ମାଧ୍ୟମ ହୋଇ ସହଯୋଗ କରିଥିଲେ । ବିଭିନ୍ନ ପ୍ରକାର ରୋଗୀ ସୁସ୍ଥତା ହେବା ଆଶା ନେଇ ଅନୁଗ୍ରହ ଓ ସୁସ୍ଥତା ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ନାବାଳିକା ଅପହରଣ ଘଟଣାରେ ଯୁବକ ଗିରଫ

**ଫିରିଙ୍ଗିଆ, ୭।୧୧(ସମିସ):** ଫିରିଙ୍ଗିଆ ଥାନା ସୁମେରୁବନ୍ଧ ପଞ୍ଚାୟତ ଅଞ୍ଚଳରୁ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀକୁ ଅପହରଣ ଘଟଣାରେ ଫିରିଙ୍ଗିଆ ପୁଲିସ ବାରଖମର ଜୁଏଲ ରାଜ ଦିଗାଲ (୧୮)କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ନାବାଳିକା ଜଣକ ତାର ବଡ଼ ମା ଘର ବରଖମାରେ ରହି ପାଠ ପଢୁଥିଲେ । ବିଦ୍ୟାଳୟ ଛୁଟି ଥିବାରୁ ବଡ଼ ନିଜ ଘରକୁ ଆସୁଥିଲେ । ମାତ୍ର ଘରେ ନପହଞ୍ଚିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ଗାଁର କିଛି ଲୋକ ଝିଅକୁ କେହି ନେଇଯାଉଥିବା କହିବା ପରେ ନିଜ ଗାଁ ପାଖରୁ ୨ ଜଣ ଯୁବକ ଆସି ଜୋର ଜବରଦସ୍ତ ଏକ ବାଇକରେ ଅପହରଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ବାରଖମା ଅଞ୍ଚଳର ଅପହରଣ କରିଥିବା ଯୁବକର ଆଈ ଘରୁ ନାବାଳିକାକୁ ଉଦ୍ଧାର କରିବା ପରେ ରାଜକୁ ଥାନାକୁ ଆଣି ତଦନ୍ତ ପରେ ଆଜି କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଅପହରଣ ଘଟଣାରେ ସହଯୋଗ କରିଥିବା ଅନ୍ୟ ଦୁଇ ଯୁବକଙ୍କୁ ଅଟକ ରଖି ତଦନ୍ତ ଚାଲିଛି ।

## ୫୨ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ



**ଟିଁକାବାଲି,୭।୧୧(ସମିସ):** ଟିଁକାବାଲି ଥାନା ଅଞ୍ଚଳରେ ପୁଲିସ୍ ଓ ଅବକାରୀ ବିଭାଗ ଓ ବନବିଭାଗ ପକ୍ଷରୁ ମିଳିତ ଅଭିଯାନରେ ପ୍ରାୟ ୫୨ ଏକର ଜମିରେ ବେଆଇନ ଭାବରେ ଚାଷ କରାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ଫସଲକୁ କାଟି ନଷ୍ଟ କରାଯାଇଛି । ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫ କୋଟି ୨୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି । ଟିଁକାବାଲି ଥାନା ଅନ୍ତର୍ଗତ କଇଁଝର ପଞ୍ଚାୟତର ନାଗିରିଗୁଡାରି, ଦାଣ୍ଡିଙ୍ଗପାଙ୍ଗା, ଡଗପଦର, ଗଣ୍ଡଗାଁ ଇତ୍ୟାଦି ଅଞ୍ଚଳରେ ଚଢ଼ଉ କରାଯାଇ ମାଜିଷ୍ଟ୍ରେଟ ତଥା ଟିଁକାବାଲି ତହସିଲଦାର ହରିଶ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା । ଟିଁକାବାଲି ଥାନା ଅଧିକାରିଣୀ ପ୍ରଜ୍ଞା ରିତାମ୍ବର କରଙ୍କ ନେତୃତ୍ୱରେ ପୁଲିସ୍, ଜି. ଉଦୟଗିରି ଅବକାରୀ ବିଭାଗର ଇନଚାର୍ଜ ଜଡ଼ବ ପ୍ରଧାନ ଏବଂ ଟିଁକାବାଲି ବନ ବିଭାଗର ମିଳିତ ସହଯୋଗରେ ଏହି ଚଢ଼ଉ କରାଯାଇଥିଲା ।

## ନେତାଜୀ ସୁଭାଷ ବୋଷ ମାଧ୍ୟମିକ ବିଦ୍ୟାଳୟରେ ବନ୍ଦେ ମାତରମ୍ ଜୟନ୍ତୀ

**ତୁମୁଡିବନ୍ଧ,୭।୧୧(ସମିସ):** ତୁମୁଡିବନ୍ଧ ବ୍ଲକସ୍ଥିତ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତର ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ'ର ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁନୀଲ କୁମାର ପାତ୍ର ସଭାପତତ୍ୱ କରିଥିଲେ । ଶିକ୍ଷା ଅଧ୍ୟାପକ ଡ. ସତ୍ୟରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂରାଜୀ ଅଧ୍ୟାପକ ଦୁଃଖୀଶ୍ୟାମ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ । +୨ ଦିତୀୟ ବର୍ଷର ଛାତ୍ରୀ ସୁଚିସ୍ମିତା ବଳିଆରସିଂ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ' ଏକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅଣ ଶିକ୍ଷାକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ରାହାସ ଯାତ୍ରା ଉଦ୍‌ଯାପିତ: ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



**ଫିରିଙ୍ଗିଆ,୭।୧୧(ସମିସ):** ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଶ୍ରୀରାମ ନଗରରେ ୪୨ ତମ ରାହାସ ଯାତ୍ରା ଉଦଯାପିତ ହୋଇଛି । ସାତ ଦିନ ଧରି ଅନୁଷ୍ଠିତ ଯାତ୍ରାରେ ଶ୍ରୀରାମ ନଗରବାସୀ ବ୍ରତ ଉପବାସ ସହ ରାହାସ କଳସୀ ଯାତ୍ରା, ପରେ ଠାକୁର ସ୍ଥାପନ ସହ ୫ ଦିନ ବ୍ରତ ପାଳନ ପରେ ଶେଷ ୩ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଦ୍ୱିତୀୟ ଦିବସରେ ନୟାଗଡ ଅଞ୍ଚଳରୁ ଆସିଥିବା ନାଚ ମଞ୍ଚସ୍ଥ ହୋଇଥିଲା । ଶେଷ ଦିନ ତଥା ଉଦଯାପନୀ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଏପିଓ ସୁମନ୍ତ ଉଠାଣ ସିଂ, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ଜୟଶ୍ରୀ କହଁର, ସମାଜସେବୀ ଚନ୍ଦ୍ର ମୋହନ ନାୟକ, ଦଣ୍ଡ କମିଟି ସଭାପତି ଜୟ ପାଣିଗ୍ରାହୀ, ପୂର୍ବତନ ବରିଷ୍ଠ ଶିକ୍ଷକ ତ୍ରିନାଥ କହଁର, ସମାଜସେବୀ ଜଗନ୍ନାଥ ଦିଗାଲ ଯୋଗ ଦେଇଥିଲେ । ଶ୍ରୀରାମ ନଗର ରାହାସ ଯାତ୍ରା କମିଟି ସଭାପତି ସାରସ୍ୱତ ମୁଖୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ । ବାଲାଙ୍ଗୀରରୁ ଆସିଥିବା ରସ ମଲେଇ ମେଲୋଡିରେ ମଞ୍ଚ ଦୁଲୁକିଥିବା ବେଳେ ଯାତ୍ରା କମିଟି ସଦସ୍ୟ ବେଣୁଧର ମୁଖି, ଭୂଇଆଁ ମୁଖି, ଜିପୁନ ମୁଖି, ବୁନା ମୁଖିଙ୍କ ସହ ସମସ୍ତ ଶ୍ରୀରାମନଗରବାସୀ ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୭ ।୧୧ (ସମିସ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ଓ ଭାରତର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଦେଶରେ ଶ୍ରଦ୍ଧାର ସହିତ ପାଳନ କରାଯାଇଛି । ଏହି ଅବସରରେ ଗଜପତି ଜିଲ୍ଲାରେ ମଧ୍ୟ ସମସ୍ତ ବିଭାଗ ପକ୍ଷରୁ ଗାନ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସକାଳେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ସିଧା ପ୍ରସାରଣ କରାଯାଇଥିଲା । ଏହାପରେ ସକାଳ ୧୦ଟାରେ ରାଷ୍ଟ୍ର ଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମନ୍ ରାଇକାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।













**ଗୋଷାଣି:** ଗୋଷାଣି ବ୍ଲକ କାର୍ଯ୍ୟାଳୟରେ ବନ୍ଦେ ମାତରଂ ଗୀତର ୧୫୦ ତମ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଦିଲ୍ଲୀରୁ ସିଧା ପ୍ରସାରିତ କାର୍ଯ୍ୟକ୍ରମକୁ ଦେଖିବା ପରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ସାମୂହିକ ଭାବେ ବନ୍ଦେ ମାତରଂ ଗୀତ ଗାନ କରିଥିଲେ । ଏହା ବ୍ୟତୀତ ଏକ ସେଲ୍‌ଫି ପଏଣ୍ଟ କରାଯାଇଥିଲା, ଯେଉଁଥିରେ ସମସ୍ତେ ଫଟୋ ଉଠାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସହ ସହାୟକ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ଓ ପିଇଓ ବିନୋଦ ଗୌଡ ପରିଚାଳନା କରିଥିଲେ ।

**ଜି.ଉଦୟଗିରି:** ରାଷ୍ଟ୍ର ଆରାଧନା ଓ ଦେଶ ପ୍ରୀତିର ଐକ୍ୟତାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ କଳିଙ୍ଗ ମହାବିଦ୍ୟାଳୟରେ ବନ୍ଦେ ମାତରମ୍ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ତପନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ ।

**ରାଇକିଆ:** ରାଇକିଆସ୍ଥିତ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବନ୍ଦେ ମାତରଂ ୧୫୦ତମ ଦିବସ ପାଳନ ହୋଇଛି । ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ରଥ ଛାତ୍ରଛାତ୍ରୀଙ୍କୁ ଏସମ୍ପର୍କରେ କହିଥିଲେ । ଅଧ୍ୟାପିକା ଲିଜାଲିନି ଭୋଇ ଏହି କାର୍ଯ୍ୟକ୍ରମର ଉଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ବେଣୁପାଣି ମହାପାତ୍ର ଏହାର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ଭୁବନ ମୋହନ ସାହୁ, ଅଧ୍ୟାପକ ଡ଼. ସନ୍ତୋଷ କୁମାର ନାୟକ, ଦିଲୀପ ନାୟକ, ଅଧ୍ୟାପିକା ଅନୁରାଧା ସାହୁ, ଗଜପତି ପ୍ରଧାନ, ସଲମାନ ଦିଗଲ, ସୁଶାନ୍ତ ମହାନନ୍ଦ ସମେତ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଅଣଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପିକା ଫିର୍ଦୋଷି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରେ ଏହି ଦିବସ ଉପଲକ୍ଷେ କୁଇଜ ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା ।

# ସିଆଳି-କରଣିଭଦ୍ରା ମୁଖ୍ୟରାସ୍ତାରେ ହାତୀ

**ପାରଳାଖେମୁଣ୍ଡି, ୭ ।୧୧ (ସମିସ):** କାଶୀନଗର ବ୍ଲକରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ହାତୀପଲ ପହଞ୍ଚିଛନ୍ତି । ଚଳିତବର୍ଷ କିଛିଦିନ ପୂର୍ବେ ଏହି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ହାତୀପଲ ବିଚରଣ କରୁଥିବା ବେଳେ ଆଜି ଅପରାହ୍ନରେ ସିଆଳି-କରଣିଭଦ୍ରା ପୂର୍ବବିଭାଗର ମୁଖ୍ୟରାସ୍ତାରେ ଥିବା ଜଙ୍ଗଲରେ ଦୁଇଟିକିଆ ହାତୀ ପଲ ଦେଖାଦେଇଥିଲା । ଦୁଇ ହାତୀ ଘଣ୍ଟାଏରୁ ଅଧିକ ସମୟ ରହିବାରୁ ପଥଚାରୀ ଆତଙ୍କିତ ଅବସ୍ଥାରେ ଯାତାୟତ ବନ୍ଦ କରିଦେଇଥିଲେ । ଫଳରେ ପାରଳାଖେମୁଣ୍ଡି-ଗୁଣୁପୁର ମୁଖ୍ୟରାସ୍ତାରେ ଯାତାୟତ ପ୍ରଭାବିତ ହୋଇଥିଲା । ସନ୍ଧ୍ୟା ପରେ ହାତୀ ଜଙ୍ଗଲରାସ୍ତା ଦେଇ ଚାଲିଯାଇଥିଲେ । ଫଳରେ ଯାତାୟତ ସ୍ୱାଭାବିକ ହୋଇଥିଲା । ସୂଚନା ପ୍ରକାରେ ପ୍ରତି ବର୍ଷ ହାତୀପଲ ଠିକ ଧାନ ଅମଳ ସମୟରେ କାଶୀନଗର ଅଞ୍ଚଳକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ହାତୀ ପଲରେ କେତେ ହାତୀ ଆସିଛନ୍ତି ଜଣାପଡ଼ିନଥିବା ବେଳେ ଦୁଇ ହାତୀ ରାସ୍ତା ତଟରେ ଠିଆହୋଇ ରହିଥିବାର ଦେଖିବାକୁ ମିଳିଛି ।



# କୋଟଗଡ଼ ନାବାଳିକାଙ୍କୁ ମଧ୍ୟପ୍ରଦେଶରେ ବିକ୍ରି; ୩ ଗିରଫ

- ଘର କାମ କରିବାକୁ କିଣିଥିଲେ ୨ ଭାଇ
- ଚାକିରି ପ୍ରଲୋଭନ ଦେଖାଇ ନେଇଥିଲା ସ୍ଥାନୀୟ ଦଲାଲ

**ବାଲିଗୁଡା, ୭।୧୧(ସମିସ)**

ବାହାର ରାଜ୍ୟରେ ଚାକିରି ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଞ୍ଚଳରେ । ପରିବାର ପକ୍ଷରୁ ଥାନାରେ ଏତଲା ପରେ ମଧ୍ୟପ୍ରଦେଶର ୨ ଜଣଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ୍ ।

ସୂଚନା ପ୍ରକାରେ, ଦୁଇ ମାସ ପୂର୍ବେ ଜଣେ ଦଲାଲ୍ ନାବାଳିକାଙ୍କୁ ନେଇ ମଧ୍ୟପ୍ରଦେଶରେ ବିକ୍ରି କରିଥିବା ପରିବାର ପକ୍ଷରୁ କୋଟଗଡ଼ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଚଢ଼ଉ କରି ଦଲାଲ ସମେତ ନାବାଳିକାଙ୍କୁ କିଣିଥିବା ୨ ଭାଇଙ୍କୁ ଗିରଫ କରିଛି । ଗିରଫ ଦଲାଲ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ଅଞ୍ଚଳର ଶଶୀଭୂଷଣ ପାଣି ହୋଇଥିବା ବେଳେ ଅଭିଯୁକ୍ତ ଦୁଇ ଭାଇ ମଧ୍ୟପ୍ରଦେଶର ସନ୍ଦୀପ ପଟେଲ୍ ଓ ମହେଶ ପଟେଲ୍ । ଦଲାଲ୍ ଶଶୀଭୂଷଣ କିଛିଦିନ ହେବ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକର ମାଲିପଡ଼ାରେ ରହୁଥିବା ବେଳେ କୋଟଗଡ଼ ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କ ସହିତ ସମ୍ପର୍କ ବଢ଼ାଇଥିଲା । ତାଙ୍କ ୧୪ ବର୍ଷର ଝିଅକୁ ୧୮ ହଜାର ଟଙ୍କା ଦରମାରେ ଚାକିରି କରାଇ ଦେବ ବୋଲି କହି ପ୍ରଲୋଭନ ଦେଖାଇଥିଲା । ରୋଜଗାର କଲେ ଘର ଚଳିବ ବୋଲି ଭାବି ବାପା ତା'ସହ ଝିଅକୁ ପଠାଇ ଦେଇଥିଲେ । ଶଶୀଭୂଷଣ ନାବାଳିକାଙ୍କୁ ନେଇ ଅନ୍ୟଜଣେ ମଧ୍ୟସ୍ଥି ସହଯୋଗରେ ମଧ୍ୟପ୍ରଦେଶରେ ପହଞ୍ଚିଥିଲା । ନାବାଳିକାଙ୍କୁ ବିକ୍ରି କରିବା ନେଇ ପୂର୍ବରୁ ସମସ୍ତ ପ୍ରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ସରିଥିଲା । ଯୋଜନା ମୁତାବକ ମଧ ପ୍ରଦେଶରେ ପହଞ୍ଚିବା ମାତ୍ରେ ୨ ଭାଇ ସନ୍ଦୀପ ଓ ମହେଶ ସେମାନଙ୍କ ପାଖରେ ପହଞ୍ଚି ନାବାଳିକାଙ୍କୁ ନେଇ ୭୦ ହଜାର ଟଙ୍କା ଦେଇଥିଲେ । ଶଶୀଭୂଷଣ ଫେରି ଆସିଥିଲା । ଦୁଇମାସ ବିତିଯାଇଥିଲେ ସୁଦ୍ଧା ଝିଅ ସହ ଯୋଗାଯୋଗ ହୋଇପାରି ନଥିଲା । କିଛିଦିନ ପରେ ନାବାଳିକା ଜଣକ କୌଣସି ପ୍ରକାରେ ପରିବାର ଲୋକଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲା । ପରେ ନାବାଳିକାଙ୍କ ବାପା କୋଟଗଡ଼ ଥାନରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ତଦନ୍ତ ଆରମ୍ଭ କରିବା ସହ ପ୍ରଥମେ ଦଲାଲ ଶଶୀଭୂଷଣଙ୍କୁ ମାଲିପଡ଼ାରୁ ଉଠାଇ ଆଣି ପଚରାଉଚରା କରିଥିଲା । ପରେ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟପ୍ରଦେଶ ଯାଇ ସାଗର ଗାଁରେ ନାବାଳିକା ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲା । ମଧ୍ୟପ୍ରଦେଶର ପୁଲିସ୍ ସହାୟତାରେ କୋଟଗଡ଼ ପୁଲିସ ସାଗର ଗାଁରୁ ନାବାଳିକାଙ୍କୁ ଉଦ୍ଧାର କରିଛି । ସେଠାରେ ଘର କାମରେ ତାଙ୍କୁ ନିୟୋଜିତ କରାଯାଇଥିବା ନେଇ ସୂଚନା ମିଳିଛି । ଏନେଇ କୋଟଗଡ଼ ଥାନା ପୁଲିସ୍ ଏକ ମାମଲା ରୁଜୁ କରି ଦଲାଲଙ୍କ ସମେତ ନାବାଳିକାଙ୍କୁ କିଣିଥିବା ୨ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା କୋଟଗଡ଼ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

# ଘରୋଇ ହିଂସା ମାମଲା: ଶିକ୍ଷକ ସ୍ୱାମୀଙ୍କୁ କୋର୍ଟଙ୍କ ଭର୍ତ୍ସନା

**ପାରଳାଖେମୁଣ୍ଡି, ୭ ।୧୧(ସମିସ):** ୨୦୨୨ ଡିସେମ୍ବର ୭ରେ ଏତଲାକାରିଣୀ ସୁମଲତା ପାଳକ ଝିଅ ସହ ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ ରାମଗିରିସ୍ଥିତ ଏସଏସଡ଼ି ଉଚ୍ଚ ବିଦ୍ୟାଳୟ ସ୍ଥିତ ସ୍ୱାମୀ ସୁରେଶ ଚନ୍ଦ୍ର ନିଲାପୁଙ୍କ କ୍ୱାର୍ଟରକୁ ଝିଅର ପାଠପଢ଼ା ତଥା ଆନୁସଙ୍ଗିକ ଖର୍ଚ୍ଚ ପାଇଁ ଅର୍ଥ ମାଗିବା ନିମନ୍ତେ ଯାଇଥିଲେ । ସେତେବେଳେ ତାଙ୍କୁ ଅଭିଯୁକ୍ତ ସ୍ୱାମୀ ଅଚାନକ ଆସିଥିବା ଦେଖି ଆଶ୍ଚର୍ଯ୍ୟ ହେବା ସହ ବିଭିନ୍ନ କଥାକୁ ନେଇ ଦୁର୍ବ୍ୟବହାର କରିଥିଲେ । ପରେ ଏତଲାକାରିଣୀଙ୍କ ଚୁଟି ଘୋଷାଡ଼ି ମାଡ଼ ମାରି ରକ୍ତାକ୍ତ କରିଥିଲେ । ପାରଳାଖେମୁଣ୍ଡି ଡାକ୍ତରଖାନାରୁ ଚିକିତ୍ସା ହୋଇ ଫେରିବା ପରେ ସେ ରାମଗିରି ଥାନାରେ ଅଭିଯୋଗ କରିଥିଲେ । ତତ୍କାଳୀନ ଏସ୍ଆଇ ଲୋକନାଥ ବେହେରା ଶିକ୍ଷକ ସୁରେଶଙ୍କୁ କୋର୍ଟ ଚାଲାଣ କରିଥିଲେ । ୧୫ଜଣ ସାକ୍ଷୀଙ୍କ ବୟାନ ତଥା ପ୍ରମାଣକୁ ଭିତ୍ତି କରି ସିନିୟର ସିଭିଲ ଜଜ ତଥା ଜେଏମ୍ଏଫସି ସୌଦାମିନୀ ବିଶ୍ୱାଳ ଦୋଷୀ ସାବ୍ୟସ୍ତ କରିବା ସହ ଭର୍ତ୍ସନା କରି ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି । ଏହା ଏକ ପାରିବାରିକ ମାମଲା ହୋଇଥିବାରୁ ଭବିଷ୍ୟତର ଦାମ୍ପତ୍ୟ ଜୀବନ ତଥା ପିଲାର ଭବିଷ୍ୟତକୁ ନଜରରେ ରଖି ଦୃଷ୍ଟାନ୍ତମୂଳକ ନ୍ୟାୟ ଶୁଣାଇଛନ୍ତି ବିଚାରପତି । ସରକାରଙ୍କ ପକ୍ଷରୁ ଏପିପି ହରିକୃଷ୍ଣ ପ୍ରଧାନ ମାମଲା ପରିଚାଳନା କରିଥିବାର ସୂଚନା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି ।

# ଇପିଏଫ୍ ପେନସନର୍ସ ଆସୋସିଏସନର ବୈଠକ

**ପାରଳାଖେମୁଣ୍ଡି, ୭ ।୧୧(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ବଡରାଧାକାନ୍ତ ମଠ ପରିସରରେ ନିଖିଳ ଉତ୍କଳ ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଆହ୍ୱାନ କ୍ରମେ ଗଜପତି ଜିଲ୍ଲା ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ନିଖିଳ ଉତ୍କଳ ଇପିଏଫ୍ ପେନସନର୍ସ ଆସୋସିଏସନର ଉପସଭାପତି ତଥା ଗଞ୍ଜାମ ଜିଲ୍ଲାର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀଙ୍କ ଅଧକ୍ଷତାରେ ଏହି ବୈଠକ ହୋଇଥିଲା । ମୁଖ୍ୟ କରି ଆସୋସିଏସନର ଜିଲ୍ଲା କମିଟି ଗଠନ ହେବା ସହ ଭାରତ ସରକାରଙ୍କର ଅଧିନରେ ଥିବା ଇପିଏଫ୍, ପେନସନର୍ସଙ୍କୁ ଯେଉଁଭଳି ଅଣଦେଖା କରି ବୃଦ୍ଧ ବୟସରେ ମାତ୍ର ୧୦୦୦ଟଙ୍କା ପେନସନ୍ ଦିଆଯାଇ ହତାଦର କରାଯାଉଛି ତାର ପ୍ରତିବାଦ କରି ନିନ୍ଦା କରାଯାଇଥିଲା । ମାସକୁ ସର୍ବନିମ୍ନ ୭୫୦୦ ପେନସନ୍ ଦେବା, ମହଙ୍ଗା ଭତ୍ତା ପ୍ରଦାନ କରିବା ଏବଂ ପରିବାରବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଦାବି ହୋଇଥିଲା । ଏଥିରେ ଆସୋସିଏସନ୍‌ର ଗଜପତି ଜିଲ୍ଲା ଶାଖା ସଭାପତି ପିନାକି ଜେନା, ସାଧାରଣ ସମ୍ପାଦକ ଗୋବିନ୍ଦ ଚରଣ ପାତ୍ରଙ୍କ ସମେତ ସଦସ୍ୟ ଦାମୋଦର, ବି.ଜଗନମୋହନ ରାଓ, ଗୌରୀ ଶଙ୍କର ମିଶ୍ର ଓ ଆର୍. ଲାଛେୟା ଆଲୋଚନାରେ ଭାଗ ନେଇଥିଲେ ।

# ବିଭିନ୍ନ ସ୍ଥାନରେ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ

**ଛତ୍ରପୁର, ୭ ।୧୧(ସମିସ):** ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ 'ବନ୍ଦେ ମାତରମ୍' ଗୀତର ସାମୁହିକ ଗାୟନ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡ଼କ୍ଟର ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଜିଲ୍ଲାସ୍ତରୀୟ ବହୁ ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।



**କୋଦଳା:** କୋଦଳାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି । କୋଦଳା ଥାନାଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଥାନା କର୍ମକର୍ତ୍ତା ଉପସ୍ଥିତ ଥିଲେ । କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପାଧକ୍ଷ୍ୟ ରଞ୍ଜିତା ସେଠୀ, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ କାଉନ୍‌ସିଲର ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ, କୋଦଳା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବା ୧୦ ଘଟିକାରେ ବନ୍ଦେ ମାତରମ ସଙ୍ଗୀତ ସମସ୍ତ କର୍ମଚାରୀଙ୍କ ଦ୍ୱାରା ଆବୃତ୍ତି ମହାବିଦ୍ୟାଳୟର ଅଧକ୍ଷ ରଘୁନାଥ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଅଧ୍ୟାପିକା ରଞ୍ଜୁବାଳା ନନ୍ଦ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତା ପାଇଁ ଅଧାପକ ସାଗର ଚାନ୍ଦ ପାତ୍ର, ସପନ କୁମାର ଦାଶ, ଭବାନୀ ଶଙ୍କର ଆଚାର୍ଯ୍ୟ, କାହ୍ନୁ ଚରଣ ପାଳ ଏବଂ ଅପରାଜିତା ପାତ୍ର, ପ୍ରିୟଦର୍ଶିନୀ ସାହୁ, ସୁଶ୍ରୀ ମନୀଷା ପଟନାୟକ, ସାଗରିକା ଦାଶ, ଡ଼କ୍ଟର ଜ୍ୟୋତ୍ସ୍ନା ରାଣୀ ସାହୁ, ଗୃହଲକ୍ଷ୍ମୀ ସାହୁ, ସୁସ୍ମିତା ମହାପାତ୍ର ଓ ଭୁବନେଶ୍ୱରୀ ରାୟସାମନ୍ତ ବିଚାରକ ଭାବେ ରହିଥିଲେ । ତପସ୍ୱିନୀ କରଣ, ଲିପୁନ ମାଝୀ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ନୂଆଗଡ଼, ୭।୧୧(ସମିସ):** ନୂଆଗଡ଼ ବ୍ଲକ ଖଜୁରୀପଦା ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ମୁଖ୍ୟବକ୍ତା ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ନିର୍ଦ୍ଦେଶକ ଡ. ବିଦ୍ୟୁତ ଶେଖର ମିଶ୍ର ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଡ. ନିରୋଦ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ ଓ ଉପାଧକ୍ଷ ନିହିମିୟା ରଇତ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା ହୋଇଛି । କେଉଁ କେଉଁ ହିତାଧିକାରୀ ସରକାରଙ୍କ ଯୋଜନା ପାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେନେଇ ଚାଷୀଙ୍କୁ ସଚେତନ କରାଯାଇଥିଲା । ଏଥିସହ ବ୍ଲକର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ଚାଷ କରି ସ୍ୱାବଲମ୍ବୀ ହୋଇଥିବା ୮ଜଣ ଚାଷୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯିବା ସହ ନୂତନ ୮ ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ଏବଂ ବୀମା ଯୋଜନାରେ ଗାଈଗୋରୁଙ୍କ ମୃତ୍ୟୁ ହୋଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରସନ୍ନ କୁମାର ଦାସ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଓ ରୋଗ ନିୟନ୍ତ୍ରଣ ଅଧିକାରୀ ଡ. ଶ୍ରୀକାନ୍ତ ଖଡୁଆ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଦୀପ ପାଣିଗ୍ରାହୀ, ପ୍ରାଣୀ ଚିକିତ୍ସକ ଡା. ସରିତା ରାଣୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ନୂଆଗଡ଼ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ତପସ୍ୱିନୀ ନାୟକ ଆୟୋଜକ ଥିବା ବେଳେ ସହକାରୀ ମତ୍ସ୍ୟ ଅଧିକାରୀ ଡା ମୃତ୍ୟୁଞ୍ଜୟ ସାବତ ସହ ଆୟୋଜକ କାର୍ଯ୍ୟ ତୁଲାଇଥିଲେ ।



# କୈଳାସନଗରରେ ଗଣ୍ଡଗୋଳ; ୨ ଆହତ

**ବୁଗୁଡ଼ା, ୭ ।୧୧(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ କୈଳାସନଗର ଗ୍ରାମରେ ଘଟିଥିବା ଏକ ଗଣ୍ଡଗୋଳରେ ୨ ଜଣ ଆହତ ହୋଇଛନ୍ତି । ଆହତ ଦୁଇଜଣ ହେଲେ କାଳୀଚରଣ ନନ୍ଦ ଓ ସୀମାଞ୍ଚଳ ନନ୍ଦ । ପ୍ରକାଶ ଯେ, ଶୁକ୍ରବାର ସକାଳେ କୌଣସି ବିବାଦକୁ ନେଇ କାଳୀଚରଣ ଓ ସୀମାଞ୍ଚଳଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଉଭୟେ ଆକ୍ରମଣ ଓ ପ୍ରତିଆକ୍ରମଣରେ ଆହତ ହୋଇଥିଲେ । କାଳୀଚରଣଙ୍କ ମୁଣ୍ଡରେ ଏବଂ ସୀମାଞ୍ଚଳଙ୍କ ବାମ ହାତ ପାପୁଲିରେ ଆଘାତ ଲାଗିଥିଲା । ଆହତ ଦ୍ୱୟ ବୁଗୁଡା ମେଡିକାଲରେ ଚିକିତ୍ସିତ ହୋଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି ।

# ବସ୍ ଚକ ତଳେ ପଡ଼ି ସ୍କୁଟି ଚାଳକ ଆହତ

**ଭଞ୍ଜନଗର, ୭।୧୧(ସମିସ):** ଭଞ୍ଜନଗର ବସ୍‌ଷ୍ଟାଣ୍ଡ ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ବେଲଗୁଣ୍ଠା ରୋଡ୍ ଛକରେ ଶୁକ୍ରବାର ସକାଳେ ଏକ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ସ୍କୁଟି ଚାଳକ ସାମାନ୍ୟ ଆହତ ହୋଇଛନ୍ତି । କିନ୍ତୁ ଉକ୍ତ ଗୋଲେଇ ଛକଟି ଛୋଟ ହୋଇଥିବା ଯୋଗୁଁ ଦୈନନ୍ଦିନ ସେଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ।

ପ୍ରକାଶ ଯେ, ଶୁକ୍ରବାର ସକାଳେ ଏକ ସ୍କୁଟିରେ ଦୁଇଜଣ ଯାତ୍ରୀ ବେଲଗୁଣ୍ଠା ଅଭିମୁଖେ ଯାଉଥିଲେ । ବିପରୀତ ଦିଗରୁ ଆସୁଥିବା ଏକ ବସ୍ ଛକରେ ବୁଲିବାବେଳେ ସ୍କୁଟି ଚାଳକଙ୍କ ଉପରେ ଚଢ଼ିଯାଇଥିଲା । ଏଥିରେ ସ୍କୁଟି ଚାଳକ ସାମାନ୍ୟ ଆହତ ହୋଇଥିଲେ । ଏହାପରେ ସେଠାରେ ଉପସ୍ଥିତ ଥିବା ଲୋକେ ସ୍କୁଟି ଚାଳକଙ୍କୁ ଚକାତଳୁ ଉଦ୍ଧାର କରିଥିଲେ । ବସ୍‌ଟି ଯଦି ଦ୍ରୁତଗତିରେ ଥାନ୍ତା ତେବେ ସ୍କୁଟି ଚାଳକଙ୍କ ଜୀବନ ଯାଇଥାନ୍ତା । ତେଣୁ ରାସ୍ତାକୁ ଉଭୟ ପଟୁ ମରାମତି କରି ସମ୍ପ୍ରସାରଣ କରିବାକୁ ଦାବି ହୋଇଛି ।

# କୁକୁଡ଼ାଖଣ୍ଡି ବିଜ୍ଞାନ କଲେଜରୁ ଚୋରି

**କୁକୁଡାଖଣ୍ଡି, ୭ ।୧୧(ସମିସ):** କୁକୁଡାଖଣ୍ଡ ସ୍ଥିତ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଗୁରୁବାର ରାତିରେ ବହୁ ସାମଗ୍ରୀ ଚୋରି ସହ ଭଙ୍ଗାରୁଜା ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତ ମାନେ ରାତିରେ କଲେଜର ଗେଟ୍ ଡେଇଁ ପଶି ଚୋରି କରିବା ସହ କମ୍ପ୍ୟୁଟର, ଟେବୁଲ, ଚେୟାର ଭଙ୍ଗାରୁଜା କରିଛନ୍ତି । ଶୁକ୍ରବାର ବିଦ୍ୟାଳୟ କର୍ମଚାରୀ ଘଟଣା ସମ୍ପର୍କରେ ଜାଣିବା ପରେ ପୁଲିସକୁ ଜଣାଇଥିଲେ । ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି । ରାତିରେ ଉକ୍ତ ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏପରି ଘଟଣା ଘଟିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ସମାଜ ସେବା ହିଁ ଈଶ୍ୱରଙ୍କ ଆଶୀର୍ବାଦର ମାଧ୍ୟମ

**ରମ୍ଭା, ୭ ।୧୧(ସମିସ):** ରମ୍ଭା ଗାୟତ୍ରୀ ଶକ୍ତିପୀଠରେ ୪୦ ବର୍ଷ ପୂର୍ତ୍ତି ଅବସରରେ ତିନି ଦିନିଆ ମହୋତ୍ସବ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ରକ୍ତଦାନ ଶିବିର, ଦ୍ୱିତୀୟ ଦିବସରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିବସ ତଥା ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଉପଯୋନ ସଂଯୋଜକ ବୃନ୍ଦାବନ ମିଶ୍ର, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ, ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ବାନାମ୍ବର ପଲେଇ ଯୋଗଦେଇ ଶକ୍ତିପୀଠ ପରିଚାଳନାରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । କେବଳ ସେବାଦ୍ୱାରା ଈଶ୍ୱରଙ୍କ ଉପଲବ୍ଧି ମିଳିଥାଏ ବୋଲି ମଞ୍ଚାସୀନ ଅତିଥି ମାନେ କହିଥିଲେ । ଶିବିରକୁ ଉମାକାନ୍ତ ସାହୁ, ରଥାଙ୍ଗ ରମଣ ନାହାକ, ସୁମନ୍ତ ନାହାକ, ସୁରେନ୍ଦ୍ର ସାହୁ, ସୁଶାନ୍ତ ସେନାପତି, ରାମପ୍ରସାଦ ସେନାପତି, ମୁନା ପ୍ରଧାନ, ଲମ୍ବୋଧର ମହାନ୍ତି ପରିଚାଳନା କରିଥିଲେ ।

# ଜମିଲା ଛାଡ଼ଖାଇ; ଦର ବୃଦ୍ଧିକୁ ଡର ନାହିଁ






**ଶେରଗଡ଼, ୭ ।୧୧(ସମିସ)**

ଛାଡ଼ଖାଇ ଯୋଗୁଁ ଶୁକ୍ରବାର ସକାଳୁ ଶେରଗଡ଼ର ଅସ୍ଥାୟୀ ମାଛ ବଜାରରେ ନାହିଁ ନଥିବା ଭିଡ଼ ଜମିଥିଲା । ଏପରିକି ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଥିଲା । ନିଜ ନିଜର ସକ୍ଷମ ଅନୁସାରେ କିଏ ମାଛ କିଣିଥିଲା କିଏ ଚିକେନ ଓ ମାଂସ ଦୋକାନରେ ଗହଳି ଲଗାଇଥିଲେ । ତେବେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ମାଛ, ମାଂସ ଓ ଚିକେନ ଦର ବୃଦ୍ଧି ପାଇଛି । ଛାଡ଼ ପୂର୍ବରୁ ଦର ଯାହା ଥିଲା ସେଥିରେ କେଜି ପିଛା ୨୦ରୁ ୫୦ ଟଙ୍କା ବୃଦ୍ଧି ପାଇଛି । କେବଳ ମାଛ ବଜାର ନୁହେଁ, ରାସ୍ତା କଡରେ ଅସ୍ଥାୟୀ ଭାବେ ଖୋଲା ଯାଇଥିବା ଚିକେନ, ମାଂସ, ମାଛ ବଜାରରେ ଅହେତୁକ ଭିଡ ଲାଗି ରହିଥିଲା । ଚିକେନ ୨୫୦ ଏବଂ ମାଛ ୨୦୦ ଟଙ୍କା ଥିବା ବେଳେ ଚିଙ୍ଗୁଡି ୫୦୦ ଏବଂ ଆନ୍ଧ୍ର ରୋହି, ଭାକୁର ୧୮୦ ଟଙ୍କା ରହିଥିଲା । ଦରବୃଦ୍ଧି ସତ୍ତ୍ୱେ ଗ୍ରାହକମାନେ ନିଜ ନିଜର ସକ୍ଷମ ଅନୁସାରେ ଆମିଷ କିଣି ନେଇଥିଲେ ।

**ପୋଲସରା:** ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପୋଲସରା ମାଛବଜାରରେ ବିଭିନ୍ନ କିସମର ମଧୁର ମାଛ, ଲୁଣି ମାଛ, ଚିଙ୍ଗୁଡ଼ି, କଙ୍କଡା, ଖାସୀ ମାଂସ, ଛେଳି ମାଂସ, କୁକୁଡ଼ା ମାଂସ ଓ ଅଣ୍ଡା ଇତ୍ୟାଦି ଭଳିକି ଭଳି ଆମିଷ ମିଳିଥିଲା । ସେହିପରି ସହରର ରାଣୀପଡ଼ା ଛକ, ତହସିଲ ଛକ, ହାଇସ୍କୁଲ ଛକ, ବେଲଗାଁ ଛକ ସମେତ ପ୍ରତ୍ୟକ ଗ୍ରାମରେ ଆଜି ଆମିଷ ଦୋକାନରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା । ମାଛ ବ୍ୟବସାୟୀ ଶିଶିର ବେହେରାଙ୍କ କହିବା କଥା ଛାଡଖାଇକୁ ଆଖିଆଗରେ ରଖି ପୋଲସରା ଅଞ୍ଚଳକୁ ପାଖାପାଖି ୫ ଟନ୍ ମାଛ ଆସିଥିଲା । କୁକୁଡ଼ା ମାଂସ ଓ ମଟନ ଦୋକାନୀ ମଧ ନିଜ ବ୍ୟବସାୟରେ ଖୁସି ଥିବା କହିଛନ୍ତି ।

**ରମ୍ଭା:** କାର୍ତ୍ତିକ ସରିଲା ପରଦିନ ମାର୍ଗଶିର ମାସର ପ୍ରଥମ ଗୁରୁବାର ପଡ଼ିଗଲା । ଯଦ୍ୱାରା ଶୁକ୍ରବାର ଦିନ ଛାଡ଼ଖାଇ ଜମିଲା । ରମ୍ଭା ଅଞ୍ଚଳରେ ଆମିଷ ବେପାରୀ ମାନେ ଚିଙ୍ଗୁଡ଼ି, ଅଣ୍ଡା, ମାଛ, କଙ୍କଡା ଓ ଛେଳି ପୂର୍ବରୁ ଆଣି ମହଜୁଦ ରଖିଥିଲେ । ଦଳଦଳ ହୋଇ ଗ୍ରାହକ ସକାଳୁ ସକାଳୁ ଆମିଷ ବଜାରରେ ଲାଇନ ଲଗାଇଥିଲେ । ଦର ଯେତିକି ହେଉ ଗ୍ରାହକ ମାନେ ନିଜର ସାମର୍ଥ୍ୟ ଅନୁସାରେ ମାଛ, ମାଂସ ଘରକୁ କିଣି ନେଉଥିଲେ । ସହରରେ ଛେଳି ମାଂସ ୧କିଲୋ ୭୦୦ ରୁ ୮୦୦ ଟଙ୍କା, ଚିକେନ ୧କିଲୋ ୧୮୦ କିଲୋ, ଚିଙ୍ଗୁଡ଼ି ୧କିଲୋ ୪୦୦ ଟଙ୍କା, ମାଛ ୧ କିଲୋ ୩୦୦ ରହିଥିବା ଲକ୍ଷ୍ୟ କରାଯାଇଥିଲା ।

# ଫିରିଙ୍ଗିଆରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

- ଦଳଗତ ନୃତ୍ୟରେ ଫିରିଙ୍ଗିଆ ବ୍ଲକ ପ୍ରଥମ ହୋଇ ରାଜ୍ୟସ୍ତରକୁ ଉନ୍ନୀତ



**ଫିରିଙ୍ଗିଆ, ୭।୧୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିଆ ଖେଳପଡ଼ିଆରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଏବଂ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାଶ, ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ, ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କହଁର, ଜିଲ୍ଲା ସଂଯୋଜକ ଭି.ସନ୍ଧ୍ୟା, କେ.ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ମଲିକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ ବେହେରା, ବିକ୍ରମ ମଲିକ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୁମାରୀ ପୁନମ ଯୋଗ ଦେଇଥିଲେ । ଏଥିରେ ସମୁଦାୟ ୩୧ ବିଭିନ୍ନ ପ୍ରତିଯୋଗିତା ସହ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲିକ ଅତିଥି ଭାବରେ ଯୋଗ ଦେଇଥିଲେ । ଦଳ ଗତ ନୃତ୍ୟରେ ପ୍ରଥମ ସ୍ଥାନ ଫିରିଙ୍ଗିଆ ବ୍ଲକ, ଦ୍ୱିତୀୟ ଫୁଲବାଣୀ ବ୍ଲକ ବେଲପଦର ଏବଂ ବାଲିଗୁଡା ବ୍ଲକ ତୃତୀୟ ହୋଇଥିଲା । ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଏବଂ ଦଳଗତ ନୃତ୍ୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପାଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସୁବ୍ରତ କୁମାର ମହାନ୍ତି, ରାଜ୍ୟ ପୁରସ୍କାର ପ୍ରାପ୍ତ ଆଦିବାସୀ ନୃତ୍ୟ ନିର୍ଦ୍ଦେଶିକା କଲ୍ୟାଣୀ କହଁର ଏବଂ ପାରମ୍ପରିକ ନୃତ୍ୟ ଗୁରୁ ସୁଖ ରଞ୍ଜନ ସାହାଣୀ ଦାୟିତ୍ୱ ତୁଲାଇଥିବା ବେଳେ ଶିକ୍ଷକ ବିନୋଦ କୁମାର ସାହୁ ଏବଂ ସଙ୍ଗୀତା ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଫିରିଙ୍ଗିଆ ବ୍ଲକର ସୀମାଞ୍ଚଳ ମୁଖି, ରାଜେଶ କୁମାର ନାୟକଙ୍କ ସହ ସମସ୍ତ ସିଆରସି, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ନୀଳମାଧବ ବିକାଶ ପ୍ରକଳ୍ପ ବିପର୍ଯ୍ୟସ୍ତ

# ପାଚେରିରେ ଶୁଖୁଛି ଶାଢ଼ି, ପାହାଚରେ ବଡ଼ି



**ନୟାଗଡ଼/ଖଣ୍ଡପଡ଼ା, ୭।୧୧ (ସମିସ):** ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠ ଉନ୍ନତି ଓ ବିକାଶ ପାଇଁ ପୂର୍ବ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥକୁ ବ୍ୟୟ କରି ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। କିନ୍ତୁ ସାଧାରଣ ନିର୍ବାଚନ ପରଠାରୁ ଏହି କାର୍ଯ୍ୟ ଧୀରେଧୀରେ ଧିମା ହୋଇ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯେତିକି ବି ବିକାଶମୂଳକ କାର୍ଯ୍ୟ ହୋଇଥିଲା, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ତାହା ବିପର୍ଯ୍ୟସ୍ତ ହୋଇଗଲାଣି।

ନୀଳମାଧବ ପୀଠ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା। କିନ୍ତୁ ଭକ୍ତମାନଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜଳଜଳ ଦେଖାଯାଉଛି। ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ବେଢ଼ା ଭିତରେ ଦୀପ, ଭୋଗ, ଖେଳଣା ଓ ଆଇସକ୍ରିମ ଦୋକାନ ଖୋଲିଛି। କୋଟିକୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟର ଅବସ୍ଥା ଦେଖିଲେ, ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ନାକ ଟେକୁଛନ୍ତି। ଖାଲି ସେତିକି ନୁହେଁ, ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ଅବସ୍ଥାରେ ରହିଛି। ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ବି ଫେଲ୍ ମାରିବାକୁ ବସିଛି। ପାର୍କଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ଚିନ୍ତାରେ ପକାଇଛି। ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି। ପାର୍କରେ ଲାଇଟ୍ ବ୍ୟବସ୍ଥା ସଠିକ୍ ନଥିବା ଦେଖିବାକୁ ମିଳିଛି। ଏହାସହ ପୁନରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଡ଼କୁଡ଼ ଆବର୍ଜନା ଦେଖିବାକୁ ମିଳିଛି।

ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ ପଚାରି ମନକୁ ସନ୍ତୁଷ୍ଟ କରୁଛନ୍ତି।

ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ରହିଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନଦେବା, ହୋଇଥିବା କାମର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରାନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଳମାଧବ ମନ୍ଦିର ପରିକ୍ରମା ପାଇଁ ରହିଥିବା ଯୋଜନା କେବେ କାର୍ଯ୍ୟକାରୀ ହେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରୁଛନ୍ତି। ମନ୍ଦିର ଚାରି ପାଖରେ ଘର କରି ରହିଥିବା ସେବାୟତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ, ପାହାଚ ଚାରିପାଖରେ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇପାରିନାହିଁ।

ଐତିହ୍ୟସଂପନ୍ନ ନୀଳମାଧବ ପୀଠର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ଏଥିପ୍ରତି ଆଡ଼ ଆଖିରେ ଚାହୁଁନାହିଁ। ମନ୍ଦିର ନିକଟରେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ବ୍ରହ୍ମାଦୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ପୁରୀ ଶ୍ରୀମନ୍ଦିର ଭଳି ରୂପାନ୍ତରିତ ହେବ ବୋଲି ଜିଲ୍ଲାବାସୀ ଆଶା ରଖିଥିଲେ। ସେହି ଆଶା ଧୂଳିସାତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

## ମାଟ୍ରିକ୍ ପରୀକ୍ଷା ଫର୍ମପୂରଣ ଆଜିଠାରୁ

**କଟକ, ୭ ।୧୧ (ସମିସ):** ୨୦୨୬ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମପୂରଣ ସଂକ୍ରାନ୍ତରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ୮ରୁ ନଭେମ୍ବର ୨୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନଲାଇନ୍‌ରେ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଫର୍ମପୂରଣ ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା କରାଯିବ। ସେହିଭଳି ପତ୍ରମାଧ୍ୟମ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଉପ-ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍‌ରେ ଫର୍ମପୂରଣ କରାଇବେ ବୋଲି କୁହାଯାଇଛି। ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଫର୍ମପୂରଣ ପ୍ରକ୍ରିୟା ଉପରୋକ୍ତ ଅବଧିରେ ଜିଲ୍ଲା ଓ ବ୍ଲକ୍ ଷ୍ଟଡିସେଣ୍ଟର୍‌ର ମୁଖ୍ୟଙ୍କ ଦ୍ୱାରା ସମ୍ପାଦନ କରାଯିବ। ମଧ୍ୟମା ପରୀକ୍ଷା ପାଇଁ ସଂସ୍କୃତ ଟୋଲ୍‌ର ମୁଖ୍ୟମାନେ ଆସନ୍ତା ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ କରିବେ ବୋଲି ବୋର୍ଡ କହିଛି।

## ବେନିୟମ କାର୍ଯ୍ୟ ପାଇଁ ୩ ସେବାୟତ ନିଲମ୍ବିତ

**ପୁରୀ, ୭।୧୧(ସମିସ):** ବେନିୟମ କାର୍ଯ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀତି ଆଦର୍ଶ ଉଲ୍ଲଂଘନ କରୁଥିବା ସେବାୟତଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ମନ୍ଦିର ପ୍ରଶାସନ। ଗତ ମାସ ବାହାରକାଠ ନିକଟରେ ଯାତ୍ରୀମାନଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ ଏବଂ ଉକ୍ତ ଅର୍ଥକୁ ନେଇ ନିଜନିଜ ଭିତରେ ମାରପିଟ୍ ହୋଇଥିଲା। ଏହାଦ୍ୱାରା ଶ୍ରୀମନ୍ଦିର ଶୃଙ୍ଖଳା, ସୁରକ୍ଷା ଓ ଗରିମା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ସୁଆର ବଡୁସେବକ ନାରାୟଣ ପଣ୍ଡା ଏବଂ ଖୁଣ୍ଟିଆ ସେବକ ରାଜାରାମ ଖୁଣ୍ଟିଆଙ୍କୁ ନିଲମ୍ବିତ କରଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ୨୧ (କ) ଧାରା ଅନୁଯାୟୀ ଦୁହିଁଙ୍କୁ ୨ମାସ ପାଇଁ ନିଲମ୍ବନ କରିଛନ୍ତି। ସେହିଭଳି ଶ୍ରୀମନ୍ଦିର ପରିସରରେ ଡାଲ୍‌ଡା ଘିଅ ବ୍ୟବହାର କରିବାକୁ ପ୍ରରୋଚନା ଦେଇଥିବାରୁ ମହାସୁଆର ସେବକ ବେନା ମହାସୁଆରଙ୍କୁ ମଧ୍ୟ ୨ମାସ ପାଇଁ ସେବା କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

**ନାଟମଣ୍ଡପରେ ମାରପିଟ୍ ପାଇଁ ୨ ଓ ଡାଲ୍‌ଡା ଘିଅ ବ୍ୟବହାର ଘଟଣାରେ ଜଣେ ନିଲମ୍ବିତ**

ଉପରୋକ୍ତ ତିନିଜଣ ସେବକଙ୍କୁ ସ୍ପଷ୍ଟ ଭାବେ ଚେତାଇ ଦିଆଯାଇଛି ଯେ ଏହି ନିଲମ୍ବନ ସମୟରେ ସେମାନେ ନିଜେ କିମ୍ବା ଅନ୍ୟ କୌଣସି ସେବାୟତ କିମ୍ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା କୌଣସି ପ୍ରକାର ବିଶୃଙ୍ଖଳା କରିବାକୁ ଅପଚେଷ୍ଟା କଲେ ନିଲମ୍ବନ ଅବଧିକୁ ବୃଦ୍ଧି କରାଯିବ। ଏଥିସହ ଆହୁରି ଅଧିକ କଠୋର୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ନୀତିକାନ୍ତି ବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ପ୍ରକାର ବାଧକ ସାଜିଲେ ସମ୍ପୃକ୍ତ ସେବାୟତ କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି। ଏଥିସହ ଶ୍ରୀମନ୍ଦିରର ଶୃଙ୍ଖଳା ଏବଂ ଗରିମା ରକ୍ଷା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

**କଳିଙ୍ଗା ଘାଟିରେ ଦୁର୍ଘଟଣା**

## ବସ୍ ଓଲଟି ମହିଳା ମୃତ, ୫ ଗୁରୁତର



**ଜି.ଉଦୟଗିରି, ୭।୧୧ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ଅନ୍ଧାରିକୋଟି ନିକଟରେ ଶୁକ୍ରବାର ଭୋର ୪ଟାରେ ଶ୍ରୀରାମ ନାମକ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ଆସିକା ବାବନପୁରର ସୂର୍ଯ୍ୟକାନ୍ତି ନାୟକ(୫୫)। ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୁରୁତର ଏବଂ ମୃତକଙ୍କୁ ଉଦ୍ଧାର କରି ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛିଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ରହିବାରୁ ଭଞ୍ଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବରଗଡ଼ରୁ ବ୍ରହ୍ମପୁର ଯାଉଥିବା ବେଳେ ବସ୍‌ଟି ଘାଟିରେ ଭାରସାମ୍ୟ ହରାଇ ଗାର୍ଡୱାଲ୍‌ରେ ପିଟି ହେବା ସହ ଓଲଟି ପଡ଼ିଥିଲା। ଗାର୍ଡୱାଲରେ ଧକ୍କା ହୋଇ ବସ୍‌ଟି ରାସ୍ତା ଉପରକୁ ଓଲଟି ପଡ଼ିଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଉଛି। ଆଉ ଟିକେ ଆଗକୁ ଯଦି ଘାଟି ତଳକୁ ଖସିଥାନ୍ତା, କେହି ବଞ୍ଚି ନଥାନ୍ତୁ ବୋଲି କହିଛନ୍ତି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଯାତ୍ରୀ।

### ଘାଟିରେ ଭାରୀଯାନ ଚଳାଚଳ ପାଇଁ ନଥିଲା ଅନୁମତି

କଳିଙ୍ଗା ଘାଟିରେ ସେପ୍ଟେମ୍ବର ୧୬ରେ ହୋଇଥିବା ଭୂ-ସ୍ଖଳନର ୪୭ଦିନ ପରେ ଚଳିତ ମାସ ୧ ତାରିଖରୁ କେବଳ ଦୁଇଚକିଆ ଏବଂ ଚାରି ଚକିଆ ଭଳି ହାଲୁକା ଯାନ ଯିବା ପାଇଁ ଅନୁମତି ଥିଲା। ବଡ଼ ଗାଡି ବା ଭାରୀଯାନ ଯାତାୟାତ କରିବାକୁ ଏଯାବତ୍ ଅନୁମତି ମିଳିନାହିଁ। ଭୂ-ସ୍ଖଳନ ସ୍ଥାନରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଆଉ କିଛି ଦିନ ପରେ ସବୁ ଗାଡ଼ି ଯାତାୟାତ କରିବାକୁ ପ୍ରଶାସନ ତରଫରୁ ଘୋଷଣା କରାଯାଇଥା'ନ୍ତା। ଏଭଳି ପରିସ୍ଥିତିରେ ବିପଦସଂକୁଳ ଅବସ୍ଥାରେ ଯାତାୟାତ ନ କରିବାକୁ ପ୍ରଶାସନ ପକ୍ଷରୁ ନାକା କରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

## ତୀର୍ଥଯାତ୍ରୀ ଗାଡ଼ି ଦୁର୍ଘଟଣା; ୧୬ ଆହତ

**ବଇଣ୍ଠା, ୭ ।୧୧ (ସମିସ):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଶୁକ୍ରବାର ଭୋର୍ ୫ଟାରେ ଏକ ତୀର୍ଥଯାତ୍ରୀ ଗାଡ଼ି ଡିଭାଇଡର୍‌ରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ଭୁବନେଶ୍ୱର ବାଲକାଟି ଅଞ୍ଚଳର ୧୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ମାନସ ରଞ୍ଜନ ସାହୁ, ଦେବଶ୍ରୀ ବେହେରା, କରିସ୍ମା ବେହେରା, ବୁବୁନ ମହାପାତ୍ର, ରୀନା ବେହେରା, ଯୋଗେନ୍ଦ୍ର ସାହୁ, ମାମିନା ସାହୁ, ମିତାଲି ସାହୁ, ଚନ୍ଦନ କୁମାର ବେହେରା, ପୂଜା ପତି, ରଶ୍ମିପ୍ରସାଦ ମହାପାତ୍ର, ନାରାୟଣ ମହାପାତ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ସସ୍ମିତା ସାହୁ, ଟଙ୍କପାଣି ରୋଡ଼ର ଚନ୍ଦ୍ରଶେଖର ନାୟକ ଓ ୫ ବର୍ଷର ଶିଶୁ ପ୍ରିୟାଂଶୁ ବେହେରା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଜରିଆରେ କିଶୋରନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଭୁବନେଶ୍ୱରରୁ ଏମାନେ ମା' ସମଲେଶ୍ୱରୀ ଦର୍ଶନ ପାଇଁ ଏକ ଟ୍ରାଭେଲର୍ ଗାଡ଼ି ଯୋଗେ ସମ୍ବଲପୁର ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ବଇଣ୍ଠା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।



## ପୀତବାସ ହତ୍ୟାକାଣ୍ଡ ମାମଲା

# ବିକ୍ରମଙ୍କୁ ସର୍ତ୍ତମୂଳକ ଖଲାସ ଆବେଦନ

**ବ୍ରହ୍ମପୁର, ୭ ।୧୧(ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ତାଙ୍କ ଓକିଲ ଗୁରୁବାର ଦାଖଲ କରିଥିବା ଏକ ପିଟିସନ୍‌ର ଶୁକ୍ରବାର ଶୁଣାଣି ହୋଇଛି। ପିଟିସନ୍ ଉପରେ ଉଭୟ ପକ୍ଷର ଶୁଣାଣି ଶେଷ ହୋଇଥିବା ବେଳେ ଆସନ୍ତା ୧୩ ତାରିଖରେ ରାୟ ପ୍ରକାଶ କରିବାକୁ ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ବିକ୍ରମଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ କୁମାରକାନ୍ତ ବେହେରା ଯୁକ୍ତି ବାଢ଼ିଛନ୍ତି ଯେ ବିନା କୌଣସି ବିଶ୍ୱାସଯୋଗ୍ୟ ତଥା ଠୋସ୍ ପ୍ରମାଣରେ ବିକ୍ରମଙ୍କୁ ପୁଲିସ ଗିରଫ କରିଛି। ଏହା ସମ୍ବିଧାନର ଧାରା ୨୧ ଓ ୨୨ର ଖୋଲାଖୋଲି ଉଲ୍ଲଂଘନ। ସେହିଭଳି ବିକ୍ରମଙ୍କ ଆରେଷ୍ଟ-ମେମୋରେ ମଧ୍ୟ ନିର୍ଦ୍ଦିଷ୍ଟ କାରଣ ଓ ଅଭିଯୋଗ ମଧ୍ୟ ଦର୍ଶାନଯିବା ଭାରତୀୟ ନ୍ୟାୟ ସଂହିତାର ଧାରା ୪୮କୁ ଖିଲାପ କରୁଛି। ବଡ଼ କଥା ହେଲା, ଜଣେ ଅପରାଧୀ ଭଳି ବିକ୍ରମଙ୍କୁ ରାତିଅଧିଆ ପୁଲିସ ତାଙ୍କ ଘରୁ ଉଠାଇ ନେଇଥିଲା। ଗିରଫ କରିବା ସମୟରେ ପରିବାର ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ କିମ୍ବା କୌଣସି ବନ୍ଧୁଙ୍କ ଦସ୍ତଖତ ନେବାର ବିଧି ରହିଛି। କିନ୍ତୁ ବିକ୍ରମଙ୍କ କ୍ଷେତ୍ରରେ ପୁଲିସ ଏଥିରେ ଖିଲାପ କରିଛି। ବଡ଼ବଜାର ଅଞ୍ଚଳର ଜଣେ ପୁରୁଣା ଅପରାଧୀଙ୍କ ଦସ୍ତଖତରେ ବିକ୍ରମଙ୍କୁ ଗିରଫ କରାଯିବା ଭାରତୀୟ ନ୍ୟାୟ ସଂହିତାର ଧାରା ୧୮୭ର ସମ୍ପୂର୍ଣ୍ଣ ଖିଲାପ। ଏ ସବୁକୁ ଦୃଷ୍ଟିରେ ରଖି ତଥା ପୁଲିସ ପକ୍ଷରୁ କୋର୍ଟଙ୍କୁ କୌଣସି ଠୋସ୍ କାରଣ ବା ପ୍ରମାଣ ଦିଆଯାଇନଥିବାରୁ ବିକ୍ରମଙ୍କ ଗିରଫକୁ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତଭୂଳକ ଭାବେ ଖଲାସ କରିବାକୁ ଓକିଲ ଶ୍ରୀ ବେହେରା ଯୁକ୍ତି ଉପସ୍ଥାପନ କରିଥିଲେ।

**ପିଟିସନକୁ ବିରୋଧ**
**ଶୁଣାଣି ଶେଷ, ରାୟ ସଂରକ୍ଷିତ**

ତେବେ ଏହି ଯୁକ୍ତିକୁ ସରକାରୀ ଓକିଲ ରାଜେନ୍ଦ୍ର ସାବତ ବିରୋଧ କରିଥିଲେ। ବିକ୍ରମଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ଥିବା ସେ ଦର୍ଶାଇଥିଲେ। ଏହି ପିଟିସନ୍ ଉପରେ ଉଭୟପକ୍ଷର ଶୁଣାଣି କରିବା ପରେ କୋର୍ଟ ରାୟକୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ସେପଟେ, ବିକ୍ରମଙ୍କୁ ସର୍ତ୍ତମୂଳକ ଖଲାସ ଆବେଦନକୁ ବିରୋଧ କରି ତଥା ଏହି ମାମଲାରେ ସରକାରୀ ଓକିଲଙ୍କୁ ମକଦ୍ଦମା ପରିଚାଳନାରେ ସହଯୋଗ କରିବାକୁ ଶତାଧିକ ଓକିଲ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀଙ୍କ ନେତୃତ୍ୱରେ ଏସଡିଜେଏମଙ୍କ କୋର୍ଟରେ ୱକାଲତନାମା ଦାଖଲ କରିଥିବା ଜଣାପଡ଼ିଛି। ଏହାକୁ କୋର୍ଟ ଗ୍ରହଣ କରିଥିବା ସରକାରୀ ଓକିଲ ରାଜେନ୍ଦ୍ର ସାବତ ସୂଚନା ଦେଇଛନ୍ତି।

## ପୁଣି ରିମାଣ୍ଡରେ ଯିବେ ଉମା, ଯୋଗେନ୍ଦ୍ର

**ବ୍ରହ୍ମପୁର, ୭ ।୧୧ (ସମିସ):** ପୀତବାସ ପଣ୍ଡା ହତ୍ୟା ମାମଲାରେ ୬ଜଣ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନେଇ ଜେରା କରିସାରିଛି। ଏବେ ପୁଣିଥରେ ସେଥିମଧ୍ୟରୁ ଦୁଇ ଅଭିଯୁକ୍ତ ଉମା ବିଶୋୟୀ ଓ ଯୋଗେନ୍ଦ୍ର ରାଉତକୁ ରିମାଣ୍ଡରେ ନେଇ ଅଧିକ ଜେରା କରାଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

ପୂର୍ବରୁ କର୍ପୋରେଟର୍ ମଳୟ ବିଶୋୟୀ ଓ ଆଇନଜୀବୀ ମଦନ ଦଳେଇଙ୍କ ସମେତ ମୁଖ୍ୟ ଷଡ଼୍‌ଯନ୍ତ୍ରକାରୀ ଉମା ବିଶୋୟୀ, ଯୋଗେନ୍ଦ୍ର ରାଉତ ଓ ସୁଟର୍ କୁରୁପତି ଭୂୟାଁ ସମେତ ଚିଣ୍ଟୁ ପ୍ରଧାନଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇ ପୁଲିସ ଜେରା କରିଥିଲା। ସମସ୍ତଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ପୁଣି ଜେଲକୁ ପଠାଇ ଦିଆଯାଇଥିଲା। ତେବେ ଦୁଇ ଦିନିଆ ରିମାଣ୍ଡରେ ଆସିଥିବା ଉଭୟ ମଳୟ ବିଶୋୟୀ ଓ ମଦନ ଦଳେଇଙ୍କୁ ପୁଲିସ ଗୋଟିଏ ଦିନ ପରେ ଜେଲକୁ ପଠାଇ ଦେଇଥିଲା। ରିମାଣ୍ଡ ସମୟରେ ଅନ୍ୟ ୪ଜଣ ଅଭିଯୁକ୍ତଙ୍କଠାରୁ ପୁଲିସ କିଛି ନୂତନ ତଥ୍ୟ ହାସଲ କରିଥିବାରୁ ତାକୁ ଆଧାର କରି ଆଉ କିଛି ଅଧିକ ତଥ୍ୟ ଓଗାଳିବା ଲକ୍ଷ୍ୟରେ ପୁଲିସ ଉମା ଓ ଯୋଗେନ୍ଦ୍ରକୁ ରିମାଣ୍ଡରେ ନେଇ ଜେରା କରିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି। ଏଥିପାଇଁ ପୁଲିସ ପକ୍ଷରୁ ଏସଡିଜେଏମଙ୍କ କୋର୍ଟରେ ଆବେଦନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଅଚ୍ୟୁତ ସାମନ୍ତଙ୍କୁ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୭ ।୧୧ (ସମିସ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶୁକ୍ରବାର ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍।

ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି.ଆର୍. ପାରିଭିନ୍ଦର, କୁଳପତି ପ୍ରଫେସର୍ ପରମଜିତ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର୍ ଭି ସାମୁଏଲ୍ ରାଜଙ୍କ ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏଥିପାଇଁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଶ୍ରୀ ସାମନ୍ତଙ୍କୁ ଏହି ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଶ୍ରୀ ସାମନ୍ତଙ୍କୁ ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି। ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

# ସରକାରଙ୍କ ଭୁଲ୍; ଦଣ୍ଡ ଭୋଗୁଛନ୍ତି ଆଶାୟୀ

## ଦଳେ ରାସ୍ତାରେ, ଦଳେ କୋର୍ଟରେ

**ଭୁବନେଶ୍ୱର,୭ ।୧୧ (ସମିସ):** ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ରହିଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟଗ (ଓଏସ୍‌ଏସ୍‌ସି) ପରୀକ୍ଷା ପରିଚାଳନା କରିନାହିଁ। ପୁନଶ୍ଚ ଯେଉଁ ପରୀକ୍ଷା ହୋଇଛି, ସେଥିରେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଫଳରେ ମାମଲା କୋର୍ଟରେ ପହଞ୍ଚିବା ସହ ସମ୍ପୂର୍ଣ୍ଣର୍ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଛି। ହିନ୍ଦୀ ଶିକ୍ଷକ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଥିବାବେଳେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ହେଲା ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ଅପରପକ୍ଷରେ ହିନ୍ଦୀ ପରି ସଂସ୍କୃତ ଶିକ୍ଷକ ପଦ ପାଇଁ ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କରିଥିବାବେଳେ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ ୭୨୯ଟି ସଂସ୍କୃତ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଆବେଦନ କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଅର୍ଥାତ୍ ମୋଟ୍ ପଦ ପାଇଁ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ଅପରପକ୍ଷରେ ମୋଟ୍ ପଦର ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ହେବା ପରେ ମୁଖ୍ୟ ପରୀକ୍ଷା ହେବ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ ଉଭୟ ହିନ୍ଦୀ ଓ ସଂସ୍କୃତ ଆଶାୟୀଙ୍କ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିଲା। ହିନ୍ଦୀ ଶିକ୍ଷକଙ୍କ ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ଗତମାସ ୧୬ ତାରିଖରେ ହାଇକୋର୍ଟ ରଦ୍ଦ କରିଛନ୍ତି। ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରି ପ୍ରିଲିମିନାରୀ ପରୀକ୍ଷା କରିବାକୁ କୋର୍ଟରେ ମାମଲା ବିଚାରଧୀନ ରହିଛି। ଅପରପକ୍ଷରେ ସଂସ୍କୃତ ବ୍ୟତୀତ ଅନ୍ୟ ସମସ୍ତ ପଦ ପାଇଁ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖରେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିବେ। ଏଣୁ ସଂସ୍କୃତ ଆଶାୟୀଙ୍କ ପରୀକ୍ଷା ଫଳ ପ୍ରକାଶ କରି ସେମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉ ବୋଲି ଆଶାୟୀମାନେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ ଧରି ଆନ୍ଦୋଳନ କରିଛନ୍ତି। ଓଏସ୍‌ଏସ୍‌ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋର୍ଟରେ ମାମଲା ବିଚାରଧୀନ ରହିଥିବାରୁ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଚୂଡ଼ାନ୍ତ ରାୟ ବା କୋର୍ଟଙ୍କ ନିର୍ଦ୍ଦେଶ ବିନା ପରୀକ୍ଷା ଫଳ ପ୍ରକାଶ ପାଇବ ନାହିଁ।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ଦହଗଞ୍ଜ ହେଉଛନ୍ତି। ପରୀକ୍ଷା ଦେଇ ଚାକିରି ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ନିଯୁକ୍ତି ପତ୍ର ଦିଆଯାଉ ନାହିଁ। କେବଳ ଏଲ୍‌ଟିଆର୍ ନୁହେଁ, ପ୍ରତିଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମାନସିକ ସ୍ଥିତି ଦୋହଲି ସାରିଛି। ସରକାର ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କରିବାରେ ବାରମ୍ବାର ବିଫଳ ହେଉଥିବା ଅଭିଯୋଗ ହେଉଛି।

### ୧୬ରେ ହିନ୍ଦୀ ଶିକ୍ଷକଙ୍କ ପ୍ରିଲିମିନାରୀ ପରୀକ୍ଷା

ରଦ୍ଦ ହୋଇଥିବା ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ପରୀକ୍ଷା ଆସନ୍ତା ୧୬ତାରିଖରେ ଅନୁଷ୍ଠିତ ହେବ। ଅବିଭକ୍ତ ୧୩ଟି ଜିଲ୍ଲାର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ ଆଶାୟୀ ଛାତ୍ରଛାତ୍ରୀ। ଓଏମ୍‌ଆର୍ ବେସଡ୍ ପରୀକ୍ଷା ପାଇଁ ଆବେଦନ କରିଥିବା ପିଲାମାନେ ଆସନ୍ତା ୧୦ ତାରିଖ ଠାରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଦୁଇ ଘଣ୍ଟାରେ ସମୁଦାୟ ଶହେ ମାର୍କର ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ



**ଭୁବନେଶ୍ୱର, ୭ ।୧୧ (ସମିସ):** ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ଧରି ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ରାତିରେ କାର୍ଯ୍ୟାଳୟ ସମ୍ମୁଖରେ ଶୋଇବା ସହ ଚୂଡାନ୍ତ ପରୀକ୍ଷାଫଳ ପ୍ରକାଶ ନ କଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଓଏସ୍‌ଏସ୍‌ସିର ସମସ୍ତ ନିୟମ ଅନୁଯାୟୀ ପରୀକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଉନି ବୋଲି ଗର୍ଜନ କରିଛନ୍ତି। ଆଶାୟୀଙ୍କ କହିବା କଥା ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା କିଛି ପରୀକ୍ଷାର୍ଥୀ ଉଦ୍ଦେଶ୍ୟମୂଳକ ଭାବେ କୋର୍ଟ ଯାଉଛନ୍ତି। ବିଜ୍ଞପ୍ତିରେ ଏକାଧିକ ତ୍ରୁଟି ସେମାନଙ୍କୁ କେସ୍ କରିବାକୁ ସୁଯୋଗ ଦେଉଛି। ହେଲେ ପରୀକ୍ଷା ଦେଇ ମେଧା ଆଧାରରେ ଚୟନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଉନି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟ ଏଲ୍‌ଟିଆର୍ ପଦ ପାଇଁ କୋର୍ଟରେ ମାମଲା ହୋଇଥିଲେ ମଧ୍ୟ କେସ୍ ନମ୍ବର ପକାଇ ରେଜଲ୍ଟ ପ୍ରକାଶ କରାଯାଇଛି। ତାହେଲେ ସଂସ୍କୃତ ଶିକ୍ଷକଙ୍କ ସହ ବୈମାତୃକ ମନୋଭାବ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସମାନ ବିଜ୍ଞପ୍ତିରେ ଆସନ୍ତା ୧୫ ତାରିଖ ଦିନ ସମସ୍ତେ ନିଯୁକ୍ତି ପତ୍ର ପାଇବାକୁ ଯାଉଥିବାବେଳେ ସେମାନଙ୍କୁ କାହିଁକି ବାଦ୍ ଦିଆଯାଉଛି ବୋଲି ପଚାରିଛନ୍ତି। ମେଧାବୀ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। ମାମଲା ବିଚାରଧୀନ ଥିଲେ ମଧ୍ୟ ଅନ୍ୟ ବିଷୟରେ ନିଯୁକ୍ତି ପରି କେସ୍ ନମ୍ବର ପକାଇ ସେମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଆନ୍ଦୋଳନରତ ଆଶାୟୀମାନେ ଦାବି କରିଛନ୍ତି। ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ବିଳମ୍ବିତ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।


**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୪୫- ହଂକଂରେ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା।



## ହୀରା ଖଚିତ ଆଖି

ଫିଲ୍ମ ତଥା ଟିଭିରେ ବେଳେ ବେଳେ ଏମିତି ଚରିତ୍ର ନଜର ଆସିଛନ୍ତି, ଯେଉଁମାନଙ୍କ ଦାନ୍ତ ସୁନାର ହୋଇଥାଏ। ସେହିପରି ବାସ୍ତବ ଜୀବନରେ ବି କିଛି ଧନୀ ଲୋକ ଏମିତି ଥାନ୍ତି, ଯେଉଁମାନେ ସୁନାର ଦାନ୍ତ ଲଗାଇଥାନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ସୁନା ନୁହେଁ, ବରଂ ହୀରା ଖଚିତ ଆଖି ପାଇଁ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଲବାମା ନିବାସୀ ସେଲ୍ଟର ଜୋନ୍ସଙ୍କ ପାଖରେ ବିଶ୍ୱର ସବୁଠୁ ଦାମୀ କୃତ୍ରିମ ଆଖି ଅଛି। ଜୋନ୍ସ ଜଣେ ଗହଣା ଦୋକାନର ମାଲିକ। ସେ ତାଙ୍କ କୃତ୍ରିମ ଆଖିରେ ୨ କ୍ୟାରେଟ୍‌ର ହୀରା ଲଗାଇଛନ୍ତି। ସେ ଡାହାଣ ଚକ୍ଷୁର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବା ପରେ ତାଙ୍କ କୃତ୍ରିମ ଆଖିରେ ହୀରା ଲଗାଇବା ନିଷ୍ପତ୍ତି ନେଲେ। ତେବେ ସେ ଏକ ଭୟାନକ ରୋଗ ଯୋଗୁଁ ନିଜ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇବା ପରେ କୃତ୍ରିମ ଆଖି ଲଗାଇବାକୁ ଚାହିଁଲେ। ତେଣୁ ଏ ଲାଗି ସେ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ପାଖକୁ ଗଲେ। ଏଠାରେ ଜୋନ୍ସ ଏକ ବିଶେଷ ପ୍ରକାର ଆଖି ତିଆରି ପାଇଁ ବରାଦ ଦେଲେ। ଜୋନ୍ସ ଏମିତି ଏକ ଆଖି ଚାହୁଁଥିଲେ, ଯାହାକି ତାଙ୍କୁ ଜଣେ ଅଳଙ୍କାର ଡିଜାଇନର ବୋଲି ଦର୍ଶାଇ ପାରୁଥିବ। ତାଙ୍କ ଆଖିରେ ଲାଗିଥିବା ହୀରା ଉପରେ ଆଲୋକ ପଡ଼ିଲେ ଚିକ୍‌ମିକ୍ କରେ। ସେହିପରି ସେ ତାଙ୍କର ହୀରା ଆଖି ଯୋଗୁଁ ଯୁଆଡ଼େ ଯାଆନ୍ତି ଚର୍ଚ୍ଚାରେ ରହନ୍ତି। ତେବେ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂଆ ଆଲୋକ ଆଣିଥିବା କହିଛନ୍ତି। ଲିମ୍ ଛଅ ସପ୍ତାହ ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ପାଇଁ ପ୍ରାୟ ୧୦ ହଜାର କୃତ୍ରିମ ଚକ୍ଷୁ ତିଆରି କରିଛନ୍ତି। ହେଲେ ଜୋନ୍ସଙ୍କର କୃତ୍ରିମ ଆଖି ସବୁଠୁ ଦାମୀ ବୋଲି ଲିମ୍ କହନ୍ତି। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ମା' ହେଲେ କ୍ୟାଟ୍ରିନା



ବିବାହର ଚାରି ବର୍ଷ ପରେ ବଲିଉଡ୍‌ର ପାୱାର କପଲ୍ କାଟ୍ରିନା କୈଫ୍ ଏବଂ ଭିକି କୌଶଲ ମା' ବାପା ହୋଇଛନ୍ତି। ଏହି ଦମ୍ପତି ଆଜି (ନଭେମ୍ବର ୭ ତାରିଖ) ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ୪୨ ବର୍ଷୀୟା କ୍ୟାଟ୍ରିନା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଓ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳିଛି। କାଟ୍ରିନା ଏବଂ ଭିକି ଉଭୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପ୍ରଶଂସକଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି। ପୋଷ୍ଟରେ ଲେଖାଯାଇଛି- "ଆମ ଖୁସିର ବଣ୍ଡଲ୍ ଆସିଗଲା। ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ ଆମେ ଆମ ପୁଅକୁ ସ୍ୱାଗତ କରୁଛୁ। ନଭେମ୍ବର ୭, ୨୦୨୫। କ୍ୟାଟ୍ରିନା ଏବଂ ଭିକି।" ପୋଷ୍ଟ ସେୟାର୍ ହେବା ପରେ ବଲିଉଡ୍ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଭିକି ଓ କେଟ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ ଆରମ୍ଭରୁ କ୍ୟାଟ୍ରିନା ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିଲେ ମଧ୍ୟ ଏହି ଦମ୍ପତି କିନ୍ତୁ ଗୋପନୀୟତା ବଜାୟ ରଖିଥିଲେ। ଶେଷରେ ସେପ୍ଟେମ୍ବର ୨୦୨୫ରେ, କ୍ୟାଟ୍ରିନା ମା' ହେବାକୁ ଯାଉଥିବା କଥା ଘୋଷଣା କରି ଏହି ଖବର ଉପରେ ବିରାମ ଲଗାଇଥିଲେ।

## ପିଲାଙ୍କ ପାଇଁ ବ୍ୟାଙ୍କ




ଜାପାନ କେବଳ ଟେକ୍ନୋଲୋଜି ଏବଂ ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଆଗରେ ରହିଛି ତାହା ନୁହେଁ; ଏଠାକାର ସ୍ୱଚ୍ଛ ବାତାବରଣ, ସଫା ରାସ୍ତା, ଲୋକଙ୍କ ଜୀବନଶୈଳୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଏହି କ୍ରମରେ ଏଠାରେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କକୁ ନେଇ ଚର୍ଚ୍ଚା ହେଉଛି। ଜାପାନରେ ପିଲାମାନଙ୍କ ପାଇଁ ରହିଛି ସ୍ୱତନ୍ତ୍ର ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ଭିତରକୁ ପିଲାମାନଙ୍କ ବାପା-ମାଆଙ୍କୁ ମଧ୍ୟ ପ୍ରବେଶ ପାଇଁ ଅନୁମତି ନାହିଁ। କୁନି କୁନି ପିଲାମାନଙ୍କୁ ଛୋଟ ବୟସରୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏଭଳି ଏକ ପରିକଳ୍ପନା କରାଯାଇଛି। ବ୍ୟାଙ୍କରେ ପିଲାମାନେ ନିଜେ ନିଜେ ଟଙ୍କା ଜମା କରିଥାନ୍ତି। ସେମାନଙ୍କୁ ସେମାନଙ୍କ ସଞ୍ଚୟ ଉପରେ ସୁଧ ମିଳିଥାଏ। ଏହାଦ୍ୱାରା ପିଲାମାନେ ଖୁବ୍ କମ୍ ବୟସରୁ ଆର୍ଥିକ ପରିଚାଳନା ଶିଖିପାରନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରାଯାଇଛି। ଏଥିରେ କୁହାଯାଇଛି ଯେ, ପିଲାମାନଙ୍କ ପାଇଁ ଜାପାନ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଅନ୍ୟ ଦେଶମାନଙ୍କରେ ପିଲାମାନେ ବୟସ୍କଙ୍କ ତତ୍ତ୍ୱାବଧାନରେ ରୁହନ୍ତି। ପିଲାଙ୍କୁ କେଉଁଠିକୁ ଏକାକି ଛଡ଼ାଯାଇ ନ ଥାଏ। ହେଲେ ଜାପାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଏଠାରେ ପିଲାମାନେ ବୟସ୍କଙ୍କ ବିନା ନିଜ କାମ ନିଜେ କରନ୍ତି। ଏକାକି ସ୍କୁଲ ଯାଆନ୍ତି। ଏସବୁ ଜାପାନର ପିଲାମାନଙ୍କ ପାଇଁ ସାଧାରଣ କଥା। କେବଳ ସେତିକି ନୁହେଁ, ଜାପାନରେ ଚୋରି ମାମଲା ବି ଦେଖିବାକୁ ମିଳେନାହିଁ। ଯଦି ଜଣେ ବ୍ୟକ୍ତି ଏଠାରେ ନିଜର ଫୋନ୍, ମନିପର୍ସ କିମ୍ବା ବ୍ୟାଗ୍‌କୁ କେଉଁଠି ଛାଡ଼ି ଦେଇଥାନ୍ତି, ଏକ ଘଣ୍ଟା ପରେ ଉକ୍ତ ସ୍ଥାନରେ ସେହି ସାମଗ୍ରୀ ମିଳିଯାଇଥାଏ। ସେହିପରି ହଜିଯାଇଥିବା ସାମଗ୍ରୀକୁ ଖୋଜିଲେ ଏଠାରେ ମିଳିବାର ଆଶା ଶତ ପ୍ରତିଶତ ରହିଥାଏ।

## ଶିଶୁ





ପ୍ରଶାନ୍ତ କୁମାର ସାହୁ

ଶିଶୁଟିଏ ଥିଲେ ଘରେ ସବୁ ଦିନ ପରବ
ଲୋଡ଼ା ନାହିଁ ସୁନା ରୁପା ଲୋଡ଼ା ନାହିଁ ଦରବ।
ଲୋଡ଼ା ନାହିଁ ହୀରା ଲୀଳା ମୋତି ଅବା ମାଣିକ
ଲୋଡ଼ା ନାହିଁ ଜହ୍ନ ତାରା ପୁଅ ଝିଅ ଫରକ।
ଶିଶୁଟିଏ ପରିବାର ଦେଶ ପାଇଁ ଗରବ
ଫେରାଇ ଆଣିବ ଦିନେ ଅତୀତ ଗଉରବ।
ଶିଶୁଟିଏ ଜାଣେ ନାହିଁ ଛନ୍ଦ ଅବା କପଟ
ଶିଖାଇବ ନିତି ତାକୁ ସତ୍ୟ ନ୍ୟାୟ ସୁବାଟ।
ଶୁଣାଇବ ଗୀତ ଗପ ଛୋଟ ଛୋଟ କାହାଣୀ
ଶୁଣାଇବ କେବେ କେବେ ବଡ଼ ଲୋକ ଜୀବନୀ।
ଛାତିରେ ମନରେ ତା'ର ଭରିଦେବ ସାହସ
ସ୍ନେହ ପ୍ରେମେ ବାନ୍ଧିଦେଇ ଭରିଦେବ ଉଲ୍ଲାସ।
ଆଜି ସିନା କଳି ସିଏ କାଲି ଫୁଟି ବାସିବ
ଦୁନିଆଟି ନିଶ୍ଚେ ଦିନେ ତା' ପାଇଁ ହସିବ।

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ପ୍ରହେଳିକା

- ଗୋରା ଶାସକଙ୍କ ବିରୁଦ୍ଧେ ସେହି
  ଲଢ଼ିଥିଲେ କାରାବରଣ ସହି
  ବାପୁଜୀଙ୍କ ସହ ହାତ ମିଳାଇ
  ଇଂରେଜଙ୍କୁ ଦେଲେ ଦେଶୁ ହଟେଇ
  ସ୍ୱାଧୀନ ହୋଇଲା ଦେଶ
  ପ୍ରଥମ ପ୍ରଧାନମନ୍ତ୍ରୀ ସେ ହୋଇଲେ
  କୁହ ତାଙ୍କ ନାମ କିସ।

  ଉତ୍ତର-ଜବାହରଲାଲ୍ ନେହରୁ

- ନଭେମ୍ବର ମାସ ଚଉଦ ଦିନ
  ହସିଉଠେ ସର୍ବ ଶିଶୁଙ୍କ ମନ
  ଚାଚା ନେହରୁଙ୍କ ଜନ୍ମ ଦିବସ
  ପାଳନ୍ତି ସଭିଏଁ ହୋଇ ହରଷ
  ପରବଟିଏ ସେ ଆମ
  ଚାଚାଙ୍କ ଜନମ ଦିନ ସେ ଆସଇ
  କୁହ ଦେଖି ତା'ର ନାମ।

  ଉତ୍ତର-ଶିଶୁ ଦିବସ

- ମଗୁଶିର କୃଷ୍ଣ ଅଷ୍ଟମୀ ଦିନ
  ପର୍ବଟିଏ ରାଜ୍ୟେ ହୁଏ ପାଳନ
  ଜ୍ୟେଷ୍ଠ ସନ୍ତାନକୁ ମିଳେ ସମ୍ମାନ
  ପିନ୍ଧିଥାଏ ସିଏ ନୂଆ ବସନ
  ହୁଏ ପୂଜାବିଧି କର୍ମ
  ଏଣ୍ଡୁରି ପିଠାର ବାସ ମହକଇ
  କୁହ ସେ ପରବ ନାମ।

  ଉତ୍ତର-ପ୍ରଥମାଷ୍ଟମୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ମାର୍ଗଶିର ମାସେ ପ୍ରଥମାଷ୍ଟମୀ ଯେ



ନିରଞ୍ଜନ ସାହୁ

ଏଣ୍ଡୁରି ପିଠାଟି ବାସଇ
ପ୍ରଥମ ସନ୍ତାନ ପଡୁଆଁ ହେବାକୁ
ମାମୁଁଘରୁ ସବୁ ଆସଇ ।
ମାମୁଁଘରୁ ଆସେ ନୂତନ ପୋଷାକ
ପ୍ରଥମ ସନ୍ତାନ ପାଇଁକି
ପିଠାମିଠା ବଡ଼ ଶରଧାରେ ଧରି
ମାମୁଁ ଆସିଥାନ୍ତି ଧାଇଁକି ।
କେଉଁ କାଳରୁ ଏ ବିଧି ରହିଅଛି
ମାମୁଁ ଯେ ପଡୁଆଁ କରିବେ
ବଡ଼ ଭଣଜା କି ବଡ଼ ଭାଣିଜୀଙ୍କ
ମନରେ ସନ୍ତୋଷ ଭରିବେ ।
ଘରର ପ୍ରଥମ ସନ୍ତାନ ଉପରେ
ଅନେକ ଦାୟିତ୍ୱ ରହିଛି
ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ସମ୍ମାନ
ଦେବାକୁ ଦୁନିଆ କହିଛି ।
ପ୍ରଥମାଷ୍ଟମୀରେ ପଡୁଆଁ ହୁଅନ୍ତି
ପ୍ରଥମ ସନ୍ତାନ ଯେତେକ
ଏହି ସମ୍ମାନରେ ସମ୍ମାନିତ ସିଏ
ତାଙ୍କ ଲାଗି କଥା ଏତେକ ।
ନୂଆ ବିରି ନୂଆ ଅରୁଆ ଚାଉଳ
ଯେମିତି ଯେଉଁଠୁ ଆଣିବ
ହଳଦୀ ପତରେ ପିଠା ଗଢ଼ା ହେବ
ପୁର ପଶିଥିବ ଜାଣିବ ।
ଏଣ୍ଡୁରି ପିଠାର ବହୁତ ଆଦର
ପ୍ରଥମ ଅଷ୍ଟମୀ ପରବେ
ପିଲା ଠାରୁ ବୁଢ଼ା, ରଙ୍କ ଠାରୁ ରାଜା
ପିଠା ଖାଇଥାନ୍ତି ସରବେ ।



ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩

# ସୁମନ

## ନୂତନ ପ୍ରକାଶ






ସୁଧାଂଶୁ ଶେଖର ଦ୍ୱିବେଦୀ

ଶରତ ଋତୁର ମୃଦୁ ସନ୍ଧ୍ୟା। ଗ୍ରାମ୍ୟ ଜୀବନର ନିସ୍ତବ୍ଧତା ମଧ୍ୟରେ ଅନତୀ ଦୂରରୁ ମୃଦଙ୍ଗର ମୃଦୁ ଶବ୍ଦ ପ୍ରତିଧ୍ୱନିତ ହେଉଥାଏ। ସେଇ ଗାଁରେ ସଂଗ୍ରାମ ନାମକ ବାଳକଟିଏ ରହୁଥାଏ। ସଂଗ୍ରାମ ଅଳ୍ପଭାଷୀ, ଆତ୍ମସଙ୍କୋଚରେ ଗ୍ରସ୍ତ। ବିଦ୍ୟାଳୟରେ କୌଣସି ପ୍ରତିଯୋଗିତା ହେଲେ ଅନ୍ୟ ବିଦ୍ୟାର୍ଥୀ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରନ୍ତି କିନ୍ତୁ ସଂଗ୍ରାମ ସବୁବେଳେ ନିରବ ରୁହେ। ତା' ଭିତରର ଆତ୍ମବଳ ଲୁପ୍ତ ହୋଇଯାଇଛି ବୋଲି ସେ ଅନୁଭବ କରେ । ଦିନେ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ହେବ ବୋଲି ଘୋଷଣା ହେଲା। ସଂଗ୍ରାମର ସାଙ୍ଗ ସନ୍ତୋଷ ଖୁସି ହୋଇ କହିଲା- ମୁଁ ମଞ୍ଚକୁ ଯାଇ ବକ୍ତୃତା ଦେବି। ତୁ ଯିବୁ ନା ସଂଗ୍ରାମ ? ସାଙ୍ଗର କଥା ଶୁଣି ସଂଗ୍ରାମ ପୂର୍ବପରି ମୌନବ୍ରତ ଧାରଣ କରି ବସିରହିଲା। ତା'ର ଦୃଷ୍ଟି ଭୂମିରେ ନିବଦ୍ଧ ଥାଏ। ଯେମିତି ଭୟ ଓ ଶଙ୍କା ତାକୁ ଆବୋରି ନେଇଛି। ସନ୍ଧ୍ୟା ସମୟରେ ଘରକୁ ଫେରି ସେ ଜେଜେଙ୍କ ପାଖରେ ବସିଗଲା। ଜେଜେ ସ୍ନେହସିକ୍ତ ସ୍ୱରରେ ପଚାରିଲେ-କ'ଣ ହେଇଛି କିରେ ସଂଗ୍ରାମ? ତୁ ଏମିତି ଚୁପଚାପ୍ ବସିଛୁ ? ସଂଗ୍ରାମ ନମ୍ର ହୋଇ କହିଲା- ଜେଜେ ! ମୋ ମନରେ ପ୍ରବଳ ଇଚ୍ଛା ଥିବା ସତ୍ତ୍ୱେ ମୁଁ ବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁନି। ଜେଜେ ତା' ମନର କଥା ବୁଝି ତାକୁ କୋଳରେ ବସାଇ ଏକ ପୁରୁଣା ପୁସ୍ତକ ବାହାର କଲେ। ପୃଷ୍ଠା ଓଲଟାଇ ଗୋଟେ ଚିତ୍ରକୁ ସଙ୍କେତ କରି କହିଲେ- ବଟବୃକ୍ଷ ପରି ଧୈର୍ଯ୍ୟବାନ ମହାପୁରୁଷ ହେଉଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ସେ ତାଙ୍କ ଜୀବନରେ ସବୁବେଳେ ଗୋଟେ କଥା କହୁଥିଲେ- ନିଜ ଜୀବନର ମୋଡ଼କୁ ବଦଳାଇବା ପାଇଁ ତୁରନ୍ତ ନୂଆ ନୂଆ ସଂକଳ୍ପ ଆରମ୍ଭ କର। ଜେଜେଙ୍କ ମାର୍ଗଦର୍ଶନରେ ସଂଗ୍ରାମ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହେଲା। ରାତିରେ ଆକାଶର ତାରା ସବୁ ଝିଲମିଲ୍ ହେଉଥାନ୍ତି। ସଂଗ୍ରାମ ନିଜ ପଢ଼ା ଘରେ ବସି ବକ୍ତୃତା ଲେଖୁଥାଏ। ତା' ହୃଦୟରେ ଆଶଙ୍କା ଥାଏ ହେଲେ ମନରେ ଏକ ନୂତନ ପ୍ରକାଶ ସାହାସ ବାନ୍ଧୁଥାଏ। ତା' ପରଦିନ ବିଦ୍ୟାଳୟରେ ପ୍ରତିଯୋଗିତା ଥାଏ। ମଞ୍ଚରେ ପହଞ୍ଚି ସଂଗ୍ରାମର ହୃଦୟ ଧକ୍ ଧକ୍ ହେଲା। ନିଜକୁ ଦୃଢ଼ କରି ଜେଜେଙ୍କ ମାର୍ଗଦର୍ଶନକୁ ମନେ ପକାଇଲା। ଏକ ଦୀର୍ଘ ନିଶ୍ୱାସ ନେଇ ଆତ୍ମବିଶ୍ୱାସର ସହିତ ଧୀର ଓ ନମ୍ର କଣ୍ଠରେ ନିଜ ବକ୍ତୃତା ଆରମ୍ଭ କଲା। ଶବ୍ଦରେ ସ୍ପଷ୍ଟତା ଏବଂ ଭାବର ବିସ୍ତାର ଆସିଗଲା। ସେ ଅନର୍ଗଳ କହି ଚାଲିଲା। ବକ୍ତୃତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଳିର ଧ୍ୱନି ଗୁଞ୍ଜରିତ ହେଉଥାଏ। ସଂଗ୍ରାମକୁ ଜଣା ଯାଉଥାଏ ଆଜି ସେ ନିଜକୁ ଚିହ୍ନିପାରିଛି। ସେହିଦିନଠାରୁ ସେ ଆଉ ମୌନ କି ସଙ୍କୋଚ ବାଳକ ହୋଇ ରହିଲା ନାହିଁ। ଅନ୍ଧାରରୁ ପ୍ରକାଶ ଦିଗକୁ ଅଗ୍ରସର ହେଲା। ଇଚ୍ଛାଶକ୍ତି ଦୃଢ଼ କରି ଯେବେ କୌଣସି କାମ କରେ କି ପାଠ ପଢ଼େ ପୂରା ଉତ୍ସାହରେ ପ୍ରକାଶିତ ହୋଇ ଆଗକୁ ବଢ଼ି ଚାଲିଲା।

ବିସି-୭୪, ସଲ୍ଟ ଲେକ୍, କଲିକତା
ମୋ- ୯୬୮୧୩୭୩୫୧୨





ସିଦ୍ଧ ମାନିସ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ
ଢୁମୁଡୁମା, ଭୁବନେଶ୍ୱର





ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ଉପମିତା ଦାସ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର

# ଆଜି ସିରିଜ୍ ନିର୍ଣ୍ଣାୟକ ଲଢ଼େଇ

ବ୍ରିସବେନ, ୭ ।୧୧ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଟି-୨୦ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମୁକାବିଲା ଶନିବାର ବ୍ରିସବେନରେ ଖେଳାଯିବ। ଉଭୟ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି।

**ଭାରତ-ଅଷ୍ଟ୍ରେଲିଆ ୫ମ ଟି-୨୦**
**ଆରମ୍ଭ: ଅପରାହ୍ଣ ୧ଟା ୪୫**
**ଭେନ୍ୟୁ: ବ୍ରିସ୍‌ବେନ୍**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

୨-୧ରେ ଅଗ୍ରଣୀ ଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ସିରିଜରେ ପଛୁଆ ଥିବା କଙ୍ଗାରୁ ଦଳ ଏଠାରେ ବିଜୟୀ ହୋଇ ଡ୍ର ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ପରାସ୍ତ ହୁଏ ତେବେ ସିରିଜ ମଧ ହାତଛଡ଼ା କରିବ। ତେଣୁ ଭାରତ ଅପେକ୍ଷା ଅଷ୍ଟ୍ରେଲିଆ ନିଶ୍ଚିତ ଭାବେ ଏହି ମ୍ୟାଚରେ ଚାପରେ ରହିବ।

ପୂର୍ବରୁ ସିରିଜର କାନବେରାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ମେଲବୋର୍ଣ୍ଣ ମୁକାବିଲାକୁ ୪ ୱିକେଟରେ ଜିତି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଭ୍ରମଣକାରୀ ଭାରତ ୩ୟ ଓ ୪ର୍ଥ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ଯଥାକ୍ରମେ ୫ ୱିକେଟ୍ ଓ ୪୮ ରନରେ ବିଜୟୀ ହୋଇଥିଲା। ଫଳରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ମଧ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ସହ ଦୁଇଟି ଉପଲବ୍ଧି ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମତଃ ଅଷ୍ଟ୍ରେଲିଆ ମାଟିରେ ଦୀର୍ଘ ୧୭ ବର୍ଷ ହେଲା ଟି-୨୦ ସିରିଜ ପରାସ୍ତ ନ ହେବାର ରେକର୍ଡ ବଜାୟ ରଖିବ। ଦ୍ୱିତୀୟରେ ଗତ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ମଧ ଟି-୨୦ରେ ନେବାକୁ ଭାରତୀୟ ଦଳ ଲକ୍ଷ୍ୟ ରଖିଛି। ତେଣୁ ସୂର୍ଯ୍ୟକୁମାର ଓ ତାଙ୍କ ଦଳ ଟି-୨୦ ସିରିଜକୁ ଦମ୍‌ଦାର ଭାବେ ଫିନିଶ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ।

# ଭାରତୀୟ ଫୁଟ୍‌ବଲ୍‌ରେ ଛେତ୍ରୀ ଯୁଗର ଅନ୍ତ

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ତାଙ୍କୁ ଆଉ ନୀଳ ଜର୍ସି ପରିଧାନ କରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ଦେଖିବାକୁ ମିଳିବ ନାହିଁ। ଚଳିତ ଏଏଫ୍‌ସି ଏସିଆନ୍ କପ୍-୨୦୨୭ ଫାଇନାଲ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ବିଦାୟ ନେବା ସହ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିବା ୪୧ ବର୍ଷୀୟ ଛେତ୍ରୀ କହିଛନ୍ତି। ଗତ ବର୍ଷ ଜୁନରେ ଛେତ୍ରୀ ପ୍ରଥମେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ ଦିଆଯାଇଥିଲା। କିନ୍ତୁ ଆଇଏସ୍‌ଏଲ୍‌ର ଗତ ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରି ୧୪ଟି ଗୋଲ୍ ଦେବାପରେ ସେ ସମୟରେ ଭାରତୀୟ ଦଳର କୋଚ୍ ଥିବା ମନୋଲୋ ମରକ୍ୟୁଜଙ୍କ ଅନୁରୋଧକ୍ରମେ ଚଳିତ ବର୍ଷ ଜୁନରେ ସେ ତାଙ୍କ ଅବସର ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଏଥିସହ ପୁଣିଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଛେତ୍ରୀ କହିଛନ୍ତି, 'ଯେତେବେଳେ ମୁଁ ଦ୍ୱିତୀୟଥର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲି ମୋର କେବଳ ଗୋଟିଏ ଲକ୍ଷ୍ୟ ଥିଲା ଯେ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ ଲାଗି ଯଥାସମ୍ଭବ ଯୋଗଦାନ ଦେବି। ଯୋଗ୍ୟତା ଅର୍ଜନ ଲାଗି ଯଦି କୌଣସି ସମ୍ଭାବନା ନ ଥିଲା ତାହାଲେ ହୁଏତ ମୁଁ ପ୍ରତ୍ୟାବର୍ତ୍ତନ କରି ନ ଥାନ୍ତି। ଗାଣିତିକ ଭାବେ ଆମେ ଆଉ ଯୋଗ୍ୟତା ଅର୍ଜନ କରିପାରୁନାହୁଁ। ତେଣୁ ଏହା ଅବସର ନେବାର ଏକ ପ୍ରକୃଷ୍ଟ ସମୟ ବୋଲି ଅନୁଭବ କଲି। କୋଚ୍ ଖଲିଦ ଜମିଲ ସାର୍‌ଙ୍କୁ ମୋର ନିଷ୍ପତ୍ତି ବିଷୟରେ କହିବା ସହଜ ଥିଲା' ବୋଲି ଛେତ୍ରୀ ଏହି ସାକ୍ଷାତ୍‌କାର ସମୟରେ କହିଛନ୍ତି।

## ୭ଥର ଏଆଇଏଫ୍‌ଏଫ୍ ଶ୍ରେଷ୍ଠ ଖେଳାଳି

ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଛେତ୍ରୀ ୭ଥର ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସେହିଭଳି ଭାରତକୁ ୩ଥର ନେହରୁ କପ୍ (୨୦୦୭, ୨୦୦୯, ୨୦୧୨), ୩ଥର ସାଫ୍ ଚାମ୍ପିଅନସିପ୍ (୨୦୧୧, ୨୦୧୫ ଓ ୨୦୨୧), ଥରେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ (୨୦୦୮) ବିଜୟୀ କରାଇଛନ୍ତି। ଏହାବାଦ୍ ୨୭ ବର୍ଷ ପରେ ୨୦୧୧ରେ ଭାରତକୁ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କ୍ଲବସ୍ତରରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ସେ ଆଇ-ଲିଗ୍ (୨୦୧୪ ଓ ୨୦୧୬), ଆଇଏସ୍‌ଏଲ୍ (୨୦୧୯), ସୁପର୍ କପ୍ (୨୦୧୮) ଟ୍ରଫି ଜିତିଛନ୍ତି।

### କ୍ୟାରିୟର ଗୋଲ୍

| କାଟାଗୋରୀ | ମ୍ୟାଚ୍ | ଗୋଲ୍ |
|---|---|---|
| ଅନ୍ତର୍ଜାତୀୟ | ୧୫୭ | ୯୫ |
| କ୍ଲବ | ୪୦୨ | ୧୭୭ |
| ମୋଟ୍ | ୫୫୯ | ୨୭୨ |



## ୯୫ ଗୋଲ୍ ସହ ଟପ୍ ସ୍କୋରର

ସିକନ୍ଦରାବାଦ ଜନ୍ମିତ ଛେତ୍ରୀ ପ୍ରଥମେ ୨୦୦୨ରେ ମୋହନ ବାଗାନ ପକ୍ଷରୁ ଖେଳି ଘରୋଇ ଫୁଟବଲରେ ପାଦ ଥାପିଥିଲେ। ଏହାପରେ ୨୦୦୪ରେ ଭାରତୀୟ ୨୦ ବର୍ଷରୁ କମ୍ ଦଳ ଓ ଏହାର ବର୍ଷକ ପରେ ୧୨ ଜୁନ ୨୦୦୫ରେ ପାକିସ୍ତାନ ବିପକ୍ଷରେ ସିନିଅରସ୍ତରରେ ଖେଳି ଛେତ୍ରୀ ପଦାର୍ପଣ କରିଥିଲେ। ଜାତୀୟ ଦଳ ପକ୍ଷରୁ ଦୁଇ ଦଶନ୍ଧି ଧରି ଖେଳିଥିବା ଛେତ୍ରୀଙ୍କୁ ଭାରତୀୟ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ସେ ଦେଶ ପାଇଁ ୧୫୭ଟି ମ୍ୟାଚ୍ ଖେଳି ୯୫ଟି ଗୋଲ୍ ଦେଇଛନ୍ତି। ଭାରତୀୟ ଫୁଟବଲର ସେ ସର୍ବକାଳୀନ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ସେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୩ ଗୋଲ୍) ଲିଓନେଲ ମେସି (୧୧୪), ଇରାନର ଅଲି ଡାଇ (୧୦୮)ଙ୍କ ପଛକୁ ଛେତ୍ରୀ ୪ର୍ଥ ସ୍ଥାନରେ ରହିଛନ୍ତି।

**ହକି ଇଣ୍ଡିଆର ଶତବାର୍ଷିକୀ ଉତ୍ସବ**

# ସାରା ଦେଶରେ ଖେଳାଗଲା ହଜାରେ ମ୍ୟାଚ୍

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ହକିର ସର୍ବୋଚ୍ଚ ସଂସ୍ଥା 'ହକି ଇଣ୍ଡିଆ'ର ୧୦୦ ବର୍ଷ ପୂର୍ତ୍ତିପାଳନ ଶୁକ୍ରବାର ଧୁମ୍‌ଧାମରେ ଜାତୀୟ ରାଜଧାନୀରେ ପାଳିତ ହୋଇଯାଇଛି। ହକି ଇଣ୍ଡିଆର ଏହି ଶତବାର୍ଷିକୀ ଲାଗି ମେଜର ଧ୍ୟାନଚାନ୍ଦ ନ୍ୟାସନାଲ ହକି ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବ କ୍ରୀଡ଼ା ଉତ୍କର୍ଷ, ଗର୍ବ ଓ ଏକତାର ଏକ ଶତାବ୍ଦୀକୁ ଚିହ୍ନିତ କରିଥିଲା। ଏହି ଅବସରରେ ଭାରତୀୟ ଏକାଦଶ ଓ କ୍ରୀଡ଼ାମନ୍ତ୍ରୀ ଏକାଦଶ ମଧ୍ୟରେ ୩୦ ମିନିଟ୍ ବିଶିଷ୍ଟ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଭାରତୀୟ ଏକାଦଶର ନେତୃତ୍ୱ ନେଇଥିଲେ। ପ୍ରଥମଥର ଲାଗି ଭାରତୀୟ ପୁରୁଷ ଓ ମହିଳା ଖେଳାଳି ଏକାଠି ଗୋଟିଏ ଦଳ ହୋଇ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ନେତୃତ୍ୱରେ ଖେଳିଥିବା କ୍ରୀଡ଼ାମନ୍ତ୍ରୀ ଏକାଦଶ ୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ସେହିଭଳି ଶତବାର୍ଷିକୀ ଉତ୍ସବ ଅବସରରେ ସାରା ଦେଶରେ ୫୦୦ ଜିଲ୍ଲାରେ ୧୦୦୦ ହକି ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ୩୬ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବହୁ ପୂର୍ବତନ ହକି ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଯେଉଁମାନଙ୍କ ମଧ୍ୟରେ ଧ୍ୟାନଚାନ୍ଦଙ୍କ ପୁଅ ଅଶୋକ କୁମାର, ଗୁର୍‌ବକ୍ସ ସିଂହ, ଅଜିତ୍ ପାଲ୍ ସିଂହ, ଅସଲାମ ଶେର୍ ଖାନ, ଜାଫର ଇକବାଲ, ଅସୁନ୍ତ ଲାକ୍ରା ଓ ସୁଭଦ୍ରା ପ୍ରଧାନ ରହିଥିଲେ।

ସେହିଭଳି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶାର ୩ ଅନ୍ତର୍ଜାତୀୟ ମହିଳା ଖେଳାଳି ଦୀପଗ୍ରେସ ଏକ୍କା, ସୁନିତା ଲାକ୍ରା ଓ ଲିଲିମା ମିଞ୍ଜଙ୍କୁ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିକେ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ।



- ହକି ଇଣ୍ଡିଆ ଏକାଦଶକୁ ୩-୧ରେ ହରାଇଲା କ୍ରୀଡ଼ାମନ୍ତ୍ରୀ ଏକାଦଶ
- କଳିଙ୍ଗରେ ଦୀପ୍, ସୁନିତା ଓ ଲିଲିମା ସମ୍ବର୍ଦ୍ଧିତ

# ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ




ଭୁବନେଶ୍ୱର, ୭ ।୧୧ (ସମିସ): ସ୍ଥାନୀୟ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୫ ଓ ୧୭ ବର୍ଷରୁ କମ୍ ବୟସବର୍ଗରେ ୨୮୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ପ୍ରଥମ ଦିନରେ ବାଳକ/ବାଳିକ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୮୦ଟି ମ୍ୟାଚ୍ ଖେଳାଯାଇଛି। ପ୍ରାୟ ସମସ୍ତ ସିଡେଡ୍ ଖେଳାଳି ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଶୁକ୍ରବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସମ୍ପାଦକ ନିଲୀନ କୁମାର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଆୟୋଜକ କମିଟିର ସମ୍ପାଦକ ଅଜିତ ମହାନ୍ତି, ନିର୍ଦ୍ଦେଶକ ଶୁଭମ ନାୟକ, ପର୍ଯ୍ୟବେକ୍ଷକ ଶିବମ ଅଗ୍ରୱାଲ, ସଂଯୋଜକ ତାରାକାନ୍ତ ଦାଶ, ଅବଦୁଲ ହାକିମ, ଜୟପ୍ରକାଶ ଜେନା, ମୁଖ୍ୟ ରେଫରୀ ରୀତା ଦାଶ ଓ ଲକ୍ଷାପତି ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାକିସ୍ତାନକୁ ହରାଇଲା ଭାରତ

ମୋଙ୍ଗକକ୍, ୭ ।୧୧ (ଏଜେନ୍ସି): ହଂକଂରେ ଖେଳାଯାଉଥିବା ୬ ଓଭରବିଶିଷ୍ଟ ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ଡିଏଲ୍ ପଦ୍ଧତିରେ ୨ ରନରେ ପାକିସ୍ତାନକୁ ହରାଇଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ଦୁଇ ଓପନର ରବିନ ଉଥପ୍ପା (୧୧ ବଲରେ ୨୮ ରନ)ଓ ଭରତ ଚିପିଲି (୧୩ ବଲରେ ୨୪ ରନ)ଙ୍କ ଉପଯୋଗୀ ପାଳି ବଳରେ ୬ ଓଭରରେ ୪ ୱିକେଟ୍ ହରାଇ ୮୬ ରନ କରିଥିଲା। ଅଧିନାୟକ ଦିନେଶ କାର୍ତ୍ତିକ ୬ଟି ବଲରେ ୧୭ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଶାହବାଜ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ପାକିସ୍ତାନ ୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ଏହାପରେ ଫଳାଫଳ ପାଇଁ ଡିଏଲ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଯେଉଁଥିରେ ଭାରତ ୨ ରନରେ ବିଜୟୀ ହୋଇଥିଲା। ଭାରତ ଏହାର ଶେଷ ମ୍ୟାଚରେ ଶନିବାର କୁଏତକୁ ଭେଟିବ।

**ହଂକଂ ସିକ୍ସେସ**

ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, କୁଏତ, ଆଫଗାନିସ୍ତାନ ଓ ଆୟୋଜକ ହଂକଂକୁ ମିଶାଇ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆଇସିସି ଅନୁମୋଦିତ ହାସଲ କରିଛି। ୬ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରତ୍ୟେକ ଦଳରେ ୬ଜଣ ଲେଖାଏ ଖେଳାଳି ରହିଥାନ୍ତି।

# ଆଇପିଏଲ୍-୧୯ ଖେଳିବେ ଧୋନି: ସିଏସ୍‌କେ

ଚେନ୍ନଇ,୭ ।୧୧(ଏଜେନ୍ସି): ମହେନ୍ଦ୍ର ସିଂ ଧୋନି ଏଥର ମଧ ଆଇପିଏଲ୍ ଖେଳିବେ। ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ତରଫରୁ ଏନେଇ ଶୁକ୍ରବାର ଅଫିସିଆଲ୍ ଭାବେ ସ୍ପଷ୍ଟ କରାଯାଇଛି। ଫଳରେ ଧୋନି ଆଇପିଏଲ ଖେଳିବ କି ଯେଉଁ ଚାଲିଥିବା ଚର୍ଚ୍ଚା ଚାଲିଥିଲା ତାହାର ଅନ୍ତ ଘଟିଛି। ଆଇପିଏଲ୍‌ର ୨୦୨୬ ତଥା ୧୯ତମ ସଂସ୍କରଣରେ ୪୪ ବର୍ଷୀୟ ଧୋନି ଖେଳିବେ ବୋଲି ସିଏସ୍‌କେ ମୁଖ୍ୟ କାର୍ଯ୍ୟନିର୍ବାହୀ କାଶି ବିଶ୍ୱନାଥନ୍ କହିଛନ୍ତି। ଧୋନିଙ୍କ ଭଳି ବିଶ୍ୱନାଥନ ମଧ ୨୦୦୮ରୁ ସିଏସ୍‌କେ ସହିତ ଜଡିତ ରହି ଆସିଛନ୍ତି। ଧୋନିଙ୍କ ନେତୃତ୍ୱରେ ସିଏସ୍‌କେ ପାଞ୍ଚଥର (୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩) ଆଇପିଏଲ ଟାଇଟଲ ହାସଲ କରିଛି। ସେ ସିଏସ୍‌କେ ତରଫରୁ ୨୪୮ଟି ମ୍ୟାଚ୍ ଖେଳି ୪,୮୬୫ ରନ ସଂଗ୍ରହ କରିଛନ୍ତି। ଗତ ସଂସ୍କରଣ ସିଏସକେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ଓ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ଥିଲା।

**ଏସିଆ କପ୍ ଟ୍ରଫି ବିବାଦ**

# ସମାଧାନ ଲାଗି କମିଟି ଗଠନ କରିବ ଆଇସିସି

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଏସିଆ କପ୍ ଟ୍ରଫି ବିବାଦର ସମାଧାନ ଲାଗି ବିସିସିଆଇ ବଡ଼ ପଦକ୍ଷେପ ନେଇଛି। ରିପୋର୍ଟ ଅନୁସାରେ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବୈଠକରେ ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠିଥିଲା। ଦୁବାଇରେ ଅବସ୍ଥିତ ଆଇସିସିର ମୁଖ୍ୟାଳୟରେ ବସିଥିବା ଏହି ବୈଠକରେ ଭାରତୀୟ ଦଳ ଯେପରି ଶୀଘ୍ର ଟ୍ରଫି ଗ୍ରହଣ କରିପାରିବ ସେଥିଲାଗି ମାମଲାର ସମାଧାନ ପାଇଁ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଆଇସିସିର ସମସ୍ତ ସଦସ୍ୟ କହିଥିଲେ ଯେ ଉଭୟ ଭାରତ ଓ ପାକିସ୍ତାନ କ୍ରିକେଟ ଜଗତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରସଙ୍ଗର ସମାଧାନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ହେବା ଉଚିତ୍। ଏସିଆ କପ୍ ବିବାଦ ସମ୍ପର୍କରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଯାହା ଅଧିନରେ ଏହି ପ୍ରସଙ୍ଗର ସାମାଧାନ ଲାଗି ଏକ କମିଟି ଗଠନ କରାଯିବ। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୨୮ ତାରିଖରେ ଏସିଆ କପ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପାକିସ୍ତାନକୁ ୫ ୱିକେଟରେ ପରାସ୍ତ କରି ଭାରତ ଟ୍ରଫି ଜିତିଥିଲା। ତେବେ ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ଦଳର ଖେଳାଳିମାନେ ଏସିଆ କ୍ରିକେଟ କାଉନସିଲ (ଏସିସି) ମୁଖ୍ୟ ପାକିସ୍ତାନର ମୋହସିନ ନକଭୀଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ। ଷ୍ଟେଜ ଉପରେ ନକଭୀ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ ଭାରତୀୟ ଖେଳାଳି ଟ୍ରଫି ଗ୍ରହଣ କରିବାକୁ ଯାଇ ନ ଥିଲେ। ଶେଷରେ ନକଭୀ ଟ୍ରଫି ନେଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ।

# ଫାଓ ଅନୁମତି ବିନା ଟୁର୍ଣ୍ଣାମେଣ୍ଟ ବେଆଇନ

କଟକ,୭।୧୧(ସମିସ): କୌଣସି କ୍ଲବ କିମ୍ବା ସଂଗଠନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ହେଲେ ଜିଲ୍ଲା ସଂଘଠାରୁ ଅନୁମତି ନେବାକୁ ପଡିବ। ଏହାଛଡ଼ା ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଟୁର୍ଣ୍ଣାମେଣ୍ଟ ପାଇଁ ସ୍ୱୀକୃତି ଦିଆଯିବ। ଯଦି ଏହା ବ୍ୟତୀତ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଏ ତାହେଲେ ଏହାକୁ ବେଆଇନ ଘୋଷିତ କରାଯିବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳି ଏବଂ ଅଫିସିଆଲଙ୍କ ବିରୋଧରେ ଫାଓର ଶୃଙ୍ଖଳା କମିଟି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜି ଫାଓ ପକ୍ଷରୁ ଆୟୋଜିତ ସମନ୍ୱୟ କମିଟି ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଶୁକ୍ରବାର ବାରବାଟୀ ଷ୍ଟାଡିୟମସ୍ଥିତ ଗେଷ୍ଟ ହାଉସ୍‌ରେ ଆୟୋଜିତ ଫାଓର ବୈଠକରେ ସମସ୍ତ କର୍ମକର୍ତ୍ତାଙ୍କ ସମେତ ଟୁର୍ଣ୍ଣାମେଣ୍ଟ କମିଟି, ଚୟନ କମିଟି ସଦସ୍ୟ ଉପସ୍ଥିତ ଥିଲେ। ସନ୍ତୋଷ ଟ୍ରଫି ନିମନ୍ତେ ଆସନ୍ତା ୧୫ଦିନ ମଧ୍ୟରେ ପ୍ରସ୍ତୁତି ଶିବିର ଆରମ୍ଭ କରାଯିବ। ଶିବିରରେ ଭାଗନେବା ପାଇଁ ଚୟନ ହୋଇଥିବା ଖେଳାଳି ପ୍ରତ୍ୟେକଦିନ ଉପସ୍ଥିତ ରହିବାକୁ ବାଧ୍ୟ। ଯଦି କେହି ଏହି ଶୃଙ୍ଖଳା ଭଙ୍ଗ କରନ୍ତି ତାହେଲେ ଫାଓର କୌଣସି ଟୁର୍ଣ୍ଣାମେଣ୍ଟରେ ସେମାନେ ଅଂଶ ଗ୍ରହଣ କରି ପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ଯୁବ ଫୁଟବଲ ଦଳର ପ୍ରଦର୍ଶନ ନେଇ ଦୀର୍ଘ ସମୟ ଆଲୋଚନା କରାଯାଇଥିଲା। ଫାଓ ପକ୍ଷରୁ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ଜାନୁଆରୀରେ ଓଡ଼ିଶା ମହିଳା ଲିଗ୍ ଖେଳାଯିବ। ଏଥିରେ ୧୨ଟି ଦଳ ଭାଗ ନେବେ। ସମନ୍ୱୟ କମିଟି ବୈଠକରେ ବରିଷ୍ଠ ଉପସଭାପତି ବିଜୟ ଦାସ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ବୀରେନ୍ଦ୍ର କୁମାର ବେହେରା, ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ମହମ୍ମଦ ସହିଦ ଜବାର, ବିଶ୍ୱରଞ୍ଜନ ଘଡେଇ, ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ଆଜିଠୁ ବିଦର୍ଭ ବିପକ୍ଷ ରଣଜୀ**

# ଓଡ଼ିଶାର ଚିନ୍ତା ଚୂଡ଼ାନ୍ତ ଏକାଦଶ ଗଠନ

କଟକ,୭।୧୧(ସମିସ): ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷରେ ଚଳିତ ରଣଜୀ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା ଦଳ। ଶନିବାର ଠାରୁ ନାଗପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦୁଇଟି ପରାଜୟ ଜାଲରେ ଛନ୍ଦି ହୋଇ ନିନ୍ଦା ମୁଣ୍ଡାଇଥିବା ଓଡ଼ିଶା ଏହି ଧାରାରୁ ମୁକୁଳିବାକୁ ନିହାତି ଉଦ୍ୟମ କରିବ। ଅନ୍ୟପକ୍ଷରେ ଖେଳାଳିଙ୍କ ମନୋବଳକୁ ଦୃଢ଼ ରଖିବାକୁ ଶୁକ୍ରବାର ମ୍ୟାଚ୍ ପୂର୍ବ ଟିମ୍ ମିଟିଂରେ ଆଲୋଚନା କରାଯାଇଛି। ବିଦର୍ଭ ବିପକ୍ଷ ଶେଷ ୫ଟି ମ୍ୟାଚ୍‌ରେ ଓଡ଼ିଶା ଗୋଟିଏ ହେଲେ ବିଜୟ ସୁଯୋଗ ପାଇନଥିଲେ ସୁଦ୍ଧା ନାଗପୁର ମୁକାବିଲା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଇପାରେ। ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭକୁ ଓଡ଼ିଶାର ଶୁଭ୍ରାଂଶୁ ବାହିନୀ କଡା ଟକ୍କର ଦେବା ଲକ୍ଷ୍ୟରେ ରହିଛି।

- ବିଫଳତା ଆଣୁଛି ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ
- ନିରାଶ କରୁଛନ୍ତି ପ୍ରମୁଖ ବୋଲର; ଖେଳି ପାରନ୍ତି ଜାମେଲା
- ରାଜେଶଙ୍କ ବୋଲିଂ ଆଭରେଜ୍ ୨୦୦ ଟପିଛି



ନିକଟ ଅତୀତରେ ଶେଷ ହୋଇଥିବା ଇରାନୀ କପ୍‌ରେ ବିଦର୍ଭ ଚାମ୍ପିଅନ ଟାଇଟଲ ହାସଲ କରିବା ପରେ ରଣଜୀ ଟ୍ରଫିରେ ଭାଗ ନେଇଛି। ପ୍ରଥମ ତିନୋଟି ମ୍ୟାଚ୍‌ରୁ ବିଦର୍ଭକୁ ଗୋଟିଏ ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ଦ୍ୱାରା ୧୩ ପଏଣ୍ଟ ମିଳିଛି। ଦଳ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି। ଯଶ ରାଥୋଡ, ଅମନ ମୋଖାଡେ, ଧ୍ରୁବ ସୋରେ, ଅକ୍ଷୟ କର୍ଣ୍ଣେୱାର ଦଳର ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଯଶ ଏବଂ ଅମନଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ନଚିକେତ ଭୂତେ ହେଉଛନ୍ତି ଦଳର ସଫଳ ବୋଲର। ୩ଟି ମ୍ୟାଚରୁ ସେ ୧୫ଟି ୱିକେଟ ଅକ୍ତିଆର କରିଛନ୍ତି। ହର୍ଷ ଦୁବେ, ପ୍ରଫୁଲ୍ଲ ହିଙ୍ଗେ, ପାର୍ଥ ରେଖାଡେଙ୍କ କାନ୍ଧରେ ବିଦର୍ଭର ଶକ୍ତିଶାଳୀ ବୋଲିଂ ଲାଇନଅପ ଭରସା କରୁଛି। ବିଦର୍ଭକୁ ଟକ୍କର ଦେବା ଓଡ଼ିଶା ପାଇଁ କାଠିକର ପାଠ ହୋଇପାରେ।

ବିଦର୍ଭ ବିପକ୍ଷ ମ୍ୟାଚ୍ ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି। ଡାହାଣହାତୀ ପେସ୍ ବୋଲର ସୁନୀଲ କୁମାର ରାଉଳଙ୍କୁ ବାଦ୍ ଦେଇ ଦଳରେ ପେସ୍ ବୋଲର ପ୍ରଶାନ୍ତ ରଣା ଏବଂ ବାମହାତୀ ସ୍ପିନର ଜାମେଲା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ପୂର୍ବରୁ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମା ପ୍ରମୁଖ ସ୍ପିନର ଭାବେ ଦଳରେ ରହିଛନ୍ତି। ବିଦର୍ଭ ବିପକ୍ଷରେ ସୁମିତଙ୍କୁ ବିଶ୍ରାମ ଦିଆଯାଇ ଜାମେଲାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇପାରେ। ତେବେ ଓଡ଼ିଶାର ଭରସାଯୋଗ୍ୟ ପେସ୍ ବୋଲର ରାଜେଶ ମହାନ୍ତିଙ୍କ ବିଫଳତା ଦଳ ପାଇଁ ଚିନ୍ତା ସୃଷ୍ଟି କଲାଣି। ୩ଟି ମ୍ୟାଚ୍‌ରୁ ସେ ମାତ୍ର ଗୋଟିଏ ୱିକେଟ ପାଇଛନ୍ତି। ମୋଟ୍ ୬୦ ଓଭର ବୋଲିଂ କରିଥିବା ରାଜେଶଙ୍କ ଆଭରେଜ ୨୦୭ ରହିଛି। ତାଙ୍କର ପ୍ରତ୍ୟାବର୍ତ୍ତନ ଓଡ଼ିଶା ପାଇଁ ନିହାତି ଆବଶ୍ୟକ ହୋଇଛି। ନବାଗତ ସମ୍ବିତ ବରାଳ ୫ଟି ଏବଂ ବାଦଲ ବିଶ୍ୱାଳ ୬ଟି ୱିକେଟ ଦଖଲ କରି ଅନ୍ୟମାନଙ୍କ ଠାରୁ ଆଗରେ ରହିଛନ୍ତି। ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଅନ୍ୟଏକ ଚିନ୍ତାର କାରଣ। ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି, ସମ୍ବିତ ବରାଳ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ସୁଦ୍ଧା ଉଚିତ୍ ସମୟରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ବିଦର୍ଭ ବିପକ୍ଷରେ ଚୂଡାନ୍ତ ଏକାଦଶ ଗଠନ କରିବା ନେଇ ଓଡ଼ିଶା ଶିବିରରେ ଚିନ୍ତା ବଢ଼ିଥିବା କୁହାଯାଉଛି।


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS